

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 MAY 2021
Vol.No. 32 ■ No. 136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡିଶା ପାଇଁ ୫୦୦ କୋଟି ସହାୟତା ଘୋଷଣା କଲେ ମୋଦି




ଭୁବନେଶ୍ୱର,୨୮/୦୫ (ନି.ପ୍ର): ଓଡିଶା ପାଇଁ ୫୦୦ କୋଟି ଟଙ୍କାର ବାତ୍ୟା ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶୁକ୍ରବାର ଦିନ ଓଡିଶାରେ ବାତ୍ୟା ୟସ୍ ଜନିତ କ୍ଷୟକ୍ଷତି ସମୀକ୍ଷା କରିବା ପରେ ପ୍ରଧାନମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ପିଏମଓରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା କ୍ଷତିଗ୍ରସ୍ତ ଓଡିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ପାଇଁ ପ୍ରଧାନମନ୍ତ୍ରୀ ମୋଦି ମୋଟ ହଜାରେ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ସେଥିରୁ ଓଡିଶା ପାଇଁ ୫୦୦ କୋଟି ରହିଥିବା ବେଳେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ପାଇଁ ୫୦୦ କୋଟି ରହିଛି। ଅପରପକ୍ଷରେ କ୍ଷୟକ୍ଷତି ଆକଳନ ପାଇଁ ଆନ୍ତଃମନ୍ତ୍ରଣାଳୟ ଟିମ୍ ଓଡିଶା ସମେତ ଅନ୍ୟ ପ୍ରଭାବିତ ରାଜ୍ୟଗୁଡିକୁ ଆସିବ। ତେବେ ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି କରାଯାଇ ନଥିଲା। ଏସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଜଣାଇଥିଲେ ଯେ ଦେଶରେ ଏବେ ମହାମାରୀ କରୋନା ଶୀର୍ଷରେ ଥିବା ଯୋଗୁ ଆମେ କେନ୍ଦ୍ର ସରକାରଙ୍କୁ ତୁରନ୍ତ ଆର୍ଥିକ ସହାୟତା ମାଗିନାହୁଁ। ଏଭଳି ସମୟରେ କେନ୍ଦ୍ର ଉପରେ ଆମେ ଆର୍ଥିକ ବୋଝ ଲଦିବାକୁ ଚାହୁଁନାହୁଁ। ଏବେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ତାକୁ ଆମେ ଆମ ସମ୍ବଳରେ ପରିଚାଳନା କରିବୁ। ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ ପ୍ରତିବର୍ଷ ଏଭଳି ପ୍ରାକୃତିକ ଦୁର୍ବିପାକ ଆସୁଥିବା ଯୋଗୁ ଏହାର ଦୀର୍ଘସୂତ୍ରୀ ସମାଧାନ ପାଇଁ କେନ୍ଦ୍ର ନିକଟରେ ଦାବି କରାଯାଇଛି। ବିପର୍ଯ୍ୟୟକୁ ସମ୍ଭାଳିପାରୁଥିବା ଭଳି ବିଦ୍ୟୁତ୍ ବ୍ୟବସ୍ଥା ସହିତ ଉପକୂଳକୁ ସୁରକ୍ଷା ଯୋଗାଇ ପାରୁଥିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ଗତ ୨୬ ତାରିଖ ଦିନ ବଙ୍ଗୋପସାଗରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ୟସ୍ ଓଡିଶାର ଧାମରାରେ ଲ୍ୟାଣ୍ଡଫଲ୍ କରିଥିଲା। ଏହାର ପ୍ରଭାବରେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବା ପରେ ସଂଧ୍ୟାରେ କ୍ଷୟକ୍ଷତି ସମୀକ୍ଷା କରିଥିଲେ। ସେହିପରି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିବା ପରେ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିଥିଲେ ।

## କେନ୍ଦ୍ରକୁ କାହିଁକି ତୁରନ୍ତ ବାତ୍ୟା ବାବଦ ଆର୍ଥିକ ସହାୟତା ମାଗିଲେ ନାହିଁ ନବୀନ ?

### ଟ୍ୱିଟ୍ କରି ସ୍ପଷ୍ଟ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮/୦୫ (ନି.ପ୍ର): ବାତ୍ୟା କ୍ଷୟକ୍ଷତି ବାବଦକୁ ତୁରନ୍ତ ଆର୍ଥିକ ସହାୟତା ନ ମାଗିବା ପଛର କାରଣ କହିଲେ ନବୀନ । ଟ୍ୱିଟ୍ କରି ଏ ବାବଦରେ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାତ୍ୟା ୟାସ୍ ପ୍ରଭାବରେ ଓଡ଼ିଶାର ଅନେକ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି । କିନ୍ତୁ ଏବେ ଦେଶ ମହାମାରୀର ସାମ୍ନା କରୁଥିବାରୁ ତୁରନ୍ତ ଆର୍ଥିକ ସହାୟତା ମାଗିନାହୁଁ ବୋଲି କହିଛନ୍ତି ନବୀନ । ତୁରନ୍ତ ବାତ୍ୟା ସହାୟତା ମାଗି କେନ୍ଦ୍ର ସରକାରଙ୍କ ଉପରେ ଆର୍ଥିକ ବୋଝ ଲଦିବାକୁ ଚାହିଁନୁ । ବରଂ ବାତ୍ୟାରେ ଯାହା କ୍ଷୟକ୍ଷତି ହୋଇଛି ତାହାର ଭରଣା ରାଜ୍ୟ ସରକାର ନିଜେ କରିବେ ବୋଲି କହିଛନ୍ତି ନବୀନ । ତେବେ ସମୀକ୍ଷା ବୈଠକରେ ବାତ୍ୟା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ଏହାର କିଭଳି ମୁକାବିଲା କରାଯାଇଥିଲା ତାହା ଏକ ଭିଡ଼ିଓ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦେଖାଯାଇଥିଲା । ଆଉ ଏହାସହ ଲଗାତାର ବାତ୍ୟାରେ ପ୍ରଭାବିତ ହେଉଥିବା ଓଡ଼ିଶା ପାଇଁ ଏକ ଦୀର୍ଘ ମିଆଦି ବ୍ୟବସ୍ଥା କରିବାକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି ନବୀନ । ଯେଉଁଥିରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡିକରେ ଏକ ସୁରକ୍ଷାବଳୟ ସୃଷ୍ଟି କରାଯିବ । ଏହାବାଦ୍ ବାତ୍ୟା ଦ୍ୱାରା ବାରମ୍ବାର ବିଦ୍ୟୁତ ଯୋଗାଣ ପ୍ରଭାବିତ ହେଉଥିବାରୁ ପ୍ରଭାବିତ ହେଉଥିବା ଅଞ୍ଚଳ ଗୁଡିକରେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର ସହ ଅଣ୍ଡରଗ୍ରାଉଣ୍ଡ କେବୁଲ କରିବାକୁ ଦାବି କରିଛନ୍ତି ନବୀନ ।

## ଜୁନ ୩୦ ଯାଏଁ ବଢ଼ିଲା ଅନ୍ତର୍ଜାତୀୟ ବିମାନ ଉଡାଣ କଟକଣା

ଭୁବନେଶ୍ୱର,୨୮/୦୫ (ନି.ପ୍ର): କରୋନା ମହାମାରୀ ମଧ୍ୟରେ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ଉପରେ ପ୍ରତିବନ୍ଧକ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ଶୁକ୍ରବାର ଦିନ ଏହି ସୂଚନା ଦେଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଅର୍ଥାତ ଡିଜିସିଏ କହିଛି ଯେ ପ୍ରତ୍ୟେକ ପ୍ରସଙ୍ଗକୁ ବିଚାର କରି ମନୋନୀତ ମାର୍ଗରେ ଅନ୍ତର୍ଜାତୀୟ

## ସାରା ଦେଶରେ କରୋନା ମିଟର ତଳମୁହାଁ : ୪୪ ଦିନ ମଧ୍ୟରେ ନିମ୍ନ ସ୍ତରରେ ପହଂଚିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ସାରାଦେଶରେ କରୋନା ମିଟର ତଳମୁହାଁ । ୪୪ ଦିନ ମଧ୍ୟରେ ନିମ୍ନ ସ୍ତରରେ ପହଂଚିଛି ଦୈନିକ ସଂକ୍ରମଣ । ଗତ ୨୪ ଘଂଟାରେ ଦେଶରେ ୧ ଲକ୍ଷ ୮୬ ହଜାର ୩୬୪ ନୂଆ ମାମଲା ଚିହ୍ନଟ ହୋଇଛି । ସେହିପରି ଗୋଟିଏ ଦିନରେ ପୁଣି ୩ ହଜାର ୬୬୦ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି । କିନ୍ତୁ ଆଶ୍ୱସ୍ତିର କଥା ହେଲା- ୨୪ ଘଂଟା ଭିତରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟାରେ ୭୬ ହଜାର ୭୫୫ ହ୍ରାସ ଆସିଛି । ବର୍ତ୍ତମାନ ଦେଶରେ ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୩ ଲକ୍ଷ ୪୩ ହଜାର ୧୫୨ ରହିଛି । ୨୪ ଘଂଟାର ନୂଆ ମାମଲାକୁ ମିଶାଇ ଦେଶରେ ଆଜିଯାଏଁ ୨ କୋଟି ୭୫ ଲକ୍ଷ ୫୫ ହଜାର ୪୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ସୁସ୍ଥ ହୋଇ ୨ କୋଟି ୪୮ ଲକ୍ଷ ୯୩ ହଜାର ୪୧୦ ଜଣ ହସ୍ପିଟାଲରୁ ସୁସ୍ଥ ହୋଇ ଫେରିଛନ୍ତି । ଗତ ୧୫ ଦିନ ହେଲା ଦେଶରେ ନୂଆ ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟା ଅଧିକ ରହୁଛି । ସୁସ୍ଥ ହାର ରହିଛି ୯୦ ଦଶମିକ ୩୪ ପ୍ରତିଶତ ।

## ୟାସ୍‌ର ମୁକାବିଲା ପାଇଁ ଓଡିଶାକୁ ତତ୍କାଳୀନ ୫୦୦ କୋଟି ସହାୟତା ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୮/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା 'ୟଶ୍' ପରିସ୍ଥିତିର ସମୀକ୍ଷା ଏବଂ ଆକାଶମାର୍ଗରୁ ବାତ୍ୟାଂଚଳ ପରିଦର୍ଶନ ପରେ ଓଡିଶାକୁ ତତ୍କାଳୀନ ୫୦୦ କୋଟିର ସହାୟତା ଯୋଗାଇ ଦେବା ପାଇଁ ଘୋଷଣା କରାଯାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ସହାୟତା ରାଶି ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ ଏବଂ ପରେ ଆକାଶମାର୍ଗରୁ ବାତ୍ୟାଂଚଳ ପରିଦର୍ଶନ କରିବା ପରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ବିପଦ ସମୟରେ ସବୁବେଳେ ଓଡ଼ିଶାର ଲୋକଙ୍କ ସାଥୀରେ ଦୃଢ଼ତାର ସହ ଠିଆ ହୋଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାରେ ବାତ୍ୟା 'ୟଶ୍'ର ପ୍ରଭାବକୁ ହ୍ରାସ କରିବା ପାଇଁ ସବୁପ୍ରକାର ସାହାଯ୍ୟ କରିବେ। ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରାଯିବ ତଥା ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ଼ିଶାକୁ ନିର୍ମାଣ କରାଯିବା ଦିଗରେ ଆମ ସରକାର ମିଳିତ ଭାବରେ ▶▶ପୃଷ୍ଠା ୭

## ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟା ଜୁନ୍ ୪କୁ ଘୁଂଚିଲା




ଭୁବନେଶ୍ୱର,୨୮/୦୫ (ନି.ପ୍ର): ବିଦେଶରୁ କରୋନା ଟିକା କିଣିବା ଲାଗି ପ୍ରସ୍ତାବିତ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟାକୁ ଗୋଟିଏ ସପ୍ତାହ ପାଇଁ ଘୁଂଚାଇଛନ୍ତି ରାଜ୍ୟ ସରକାର। ଆଜି ସରିବାକୁ ଥିବା ଏହି ପ୍ରକ୍ରିୟାକୁ ଆସନ୍ତା ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି। ଓଏସଏମସିଏଲ୍ ସୂତ୍ରରୁ ଏହି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ ବଜାରରୁ ଟିକା କିଣିବା ଲାଗି ରାଜ୍ୟ ସରକାର ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ବିଦେଶର ଅନେକ ଟିକା ଉତ୍ପାଦନକାରୀ କଂପାନୀ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଟେକ୍ନିକାଲ୍ ବିଡ୍ ଖୋଲାଯିବାର ଥିଲା। ଏହା ପରେ ଫାଇନାନ୍‌ସିଆଲ୍ ବିଡ୍ ଖୋଲା ଯାଇଥାନ୍ତା। ହେଲେ ସରକାରଙ୍କ ପକ୍ଷରୁ ଏହାକୁ ଆଉ ୭ ଦିନ ପାଇଁ ଘୁଂଚାଇ ଦିଆଯାଇଛି।

## ଡ଼ିଆରଡ଼ିଓ ପକ୍ଷରୁ ପ୍ରସ୍ତୁତ କରୋନା ବିରୋଧୀ ଔଷଧ ଟୁ ଡ଼ିଜିର ଗୋଟିଏ ପାଉଚର ଦାମ୍ ୯୯୦ଟଙ୍କା ସ୍ଥିର କଲା ଡ଼କ୍ଟର ରେଡ଼ିସ୍ ଲାବ୍ରୋଟୋରୀ

ଭୁବନେଶ୍ୱର,୨୮/୦୫(ନି.ପ୍ର): ଡିଆରଡିଓ ପକ୍ଷରୁ ପ୍ରସ୍ତୁତ କରୋନା ବିରୋଧୀ ଔଷଧ ୨-ଡିଜିର ମୂଲ୍ୟ ଧାର୍ଯ୍ୟ ହୋଇଛି । ଟିକା ଉତ୍ପାଦନ କରୁଥିବା ଡକ୍ଟର ରେଡିସ କମ୍ପାନି, ଗୋଟିଏ ପାଉଚର ଦାମ ୯୯୦ ଟଙ୍କା ସ୍ଥିର କରିଛି । ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ସରକାରୀ ହସ୍ପିଟାଲଗୁଡିକୁ ରିହାତି ଦରରେ ଔଷଧ ଯୋଗାଇ ଦିଆଯିବ ବୋଲି କମ୍ପାନି କହିଛି । ଜୁନ ମଧ୍ୟ ଭାଗରେ ଏହାକ ବ୍ୟବସାୟିକ ଲଂଚ କରାଯିବ । ଭାରତୀୟ ପ୍ରତିରକ୍ଷା ଗବେଷଣା କେନ୍ଦ୍ର ଡିଆରଡିଓ ଏବଂ ହାଇଦ୍ରାବାଦସ୍ଥିତ ଡକ୍ଟର ରେଡିସ ଲାବ୍ରୋଟୋରୀ ପକ୍ଷରୁ ଏହି ଔଷଧକୁ ପ୍ରସ୍ତୁତ କରାଯାଇଛି । ଏହା ପାଉଡର ଆକାରରେ ପାଉଚରେ ଉପଲବ୍ଧ ହେଉଥିବାବେଳେ କରୋନା ଆକ୍ରାନ୍ତଙ୍କୁ ଖାଇବା ପାଇଁ ଦିଆଯାଉଛି । ଭାରତୀୟ ଔଷଧ ନିୟନ୍ତ୍ରକ ଡିଜିସିଆଇ ଏହାର ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ଦେବାପରେ ଗତ ମେ ୧୭ ତାରିଖରେ ଏହି ଔଷଧର ଶୁଭାରମ୍ଭ କରିଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।

## ମୋଦିଙ୍କୁ ଅଧଘଣ୍ଟା ଅପେକ୍ଷା କରାଇଲେ ମମତା

### ଅନ୍ୟ ସ୍ଥାନରେ ମିଟିଂ ଥିବା କହି ବାତ୍ୟା ସମ୍ପର୍କିତ କାଗଜପତ୍ର ଦେଇ ଚାଲିଗଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮/୦୫(ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ୟାସ ବାତ୍ୟା ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ ଘଣ୍ଟା ବିଳମ୍ବରେ ପହଁଚିଲେ ଦିଦି । ବାତ୍ୟା କ୍ଷୟକ୍ଷତିର ଦସ୍ତାବିଜ ମୋଦୀଙ୍କୁ ଧରାଇ ଅନ୍ୟ ସ୍ଥାନରେ ମିଟିଂ ଥିବା କହି ପଳାଇଲେ । ଆଜି କୋଲକାତାରେ କିଛି ଏଭଳି ଘଟଣା ଘଟିଛି । ଆଉ ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । କାରଣ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗ ଦେଇନାହାଁନ୍ତି । ଆଜିର ଘଟଣାକୁ ନେଇ ରାଜନୈତିକ ସମୀକ୍ଷକଙ୍କ କହିବା କଥା ଯେ ପଶ୍ଚିମବଙ୍ଗରେ ନିର୍ବାଚନ ସମାପ୍ତ ହେବାର ପ୍ରାୟ ଏକ ମାସ ବିତିଗଲାଣି, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ମମତା ବାନାର୍ଜୀଙ୍କ ଅସନ୍ତୋଷ ଏପର୍ଯ୍ୟନ୍ତ ଦୂର ହୋଇପାରିନାହିଁ । ଆଜି ମୋଦୀଙ୍କ ବାତ୍ୟା ସମ୍ପର୍କିତ ସମୀକ୍ଷା ବୈଠକରେ ଉଭୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ରାଜ୍ୟ ମୁଖ୍ୟ ଶାସନ ସଚିବ ୩୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। କେବଳ ଏତିକି ନୁହେଁ, ବୈଠକରେ ପହଞ୍ଚିବା ପରେ ମମତା ବାନାର୍ଜୀ ବାତ୍ୟାରର କ୍ଷୟକ୍ଷତି ରିପୋର୍ଟ ଦେଇ ସେଠାରୁ ଚାଲିଯାଇଥିଲେ । ▶▶ପୃଷ୍ଠା ୭

## ୭ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ୫୫ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ୭ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଭିନ୍ନ ଭିନ୍ନ କାରଣ ପାଇଁ ଅନୁକମ୍ପା ରାଶି ଓ ଆର୍ଥିକ ସହାୟତା ବାବଦକୁ ୫୫ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସେଥି ମଧ୍ୟରୁ କରୋନାରେ ମୃତ୍ୟୁ ପାଇଁ ଯାଜପୁର ଜିଲ୍ଲା 'ମନ୍ଥନ' ସମ୍ବାଦପତ୍ରର ପ୍ରତିନିଧି ସ୍ୱର୍ଗତ ଅଶୋକ କୁମାର ସାହୁ, କେନ୍ଦୁଝର ଜିଲ୍ଲାରେ 'ଓଡ଼ିଶା ଭାସ୍କର' ସମ୍ବାଦପତ୍ରର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଧୀରେନ୍ଦ୍ର ରାଉତ ଓ ବାଲେଶ୍ୱର ଜିଲ୍ଲାରେ 'ଇ.ପି.ଏ. ୱିକ୍‌ଲି'ର ପ୍ରତିନିଧି ସ୍ୱର୍ଗତ ସୋଲୋମାନ୍ ସାହୁଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ରାଜ୍ୟ ସରକାର କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ୬ ଜଣ ସାମ୍ବାଦିକ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି । ଅନୁକମ୍ପା ରାଶି ପ୍ରାପ୍ତ ଦିବଙ୍ଗତ ସାମ୍ବାଦିକମାନେ ହେଉଛନ୍ତି 'ଇ-ନ୍ୟୁଜ୍'ର ଗଜପତି ପ୍ରତିନିଧି କେ. ସି. ରନିମ୍, 'ସମାଜ'ର ଗଞ୍ଜାମ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ▶▶ପୃଷ୍ଠା ୭

## ବୈତରଣୀ, ସୁବର୍ଣ୍ଣରେଖାରେ ବନ୍ୟା : ପ୍ରଭାବିତ ହେବ ରାଜ୍ୟର ୬ ଜିଲ୍ଲା



ଭୁବନେଶ୍ୱର,୨୮/୦୫(ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟାସ୍' ପରେ ବୈତରଣୀରେ ବନ୍ୟା ଆସିଥିବା ବେଳେ ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଏହି ୨ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଛି । ବୈତରଣୀରେ ବନ୍ୟା ଯୋଗୁ କେନ୍ଦୁଝର ଓ ଯାଜପୁରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହାର ପ୍ରଭାବରେ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ଭଦ୍ରକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ମୟୂରଭଞ୍ଜରେ କଣ୍ଟା, ଖଇରୀଭଣ୍ଡନ ଓ ବୈତରଣୀ ଆଦି ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି । ସେହିଭଳି, ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଶୁକ୍ରବାର ସୁଦ୍ଧା ବନ୍ୟା ଆସିବ ବୋଲି କୁହାଯାଉଥିବା ବେଳେ ଏହାଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ପ୍ରଭାବିତ ହେବ । ଅନ୍ୟପକ୍ଷରେ, ଅବିଶ୍ରାନ୍ତ ବର୍ଷା ଯୋଗୁ ସୁନ୍ଦରଗଡ଼ ଜିଲ୍ଲାରେ ବ୍ରାହ୍ମଣୀ ଫୁଲୁଥିବାରୁ ବନ୍ୟା ଆଶଙ୍କା ସୃଷ୍ଟିହୋଇଛି । ବେ?ତରଣୀ ଉପରମୁଣ୍ଡ ତଥା କେନ୍ଦୁଝର ଜିଲ୍ଲାର ବାଂଶପାଳ, ଯୋଡ଼ା, ଚମ୍ପୁଆ ଆଦି ଅଞ୍ଚଳରେ ଗତକାଲି ରାତିରେ ପ୍ରବଳ ବର୍ଷା ହେବାରୁ ▶▶ପୃଷ୍ଠା ୭

## ଧାନ କିଣା ପ୍ରସଙ୍ଗ : ଚାଷୀଙ୍କ ସରକାରୀ ଅଫିସ ଘେରାଉ

ଭୁବନେଶ୍ୱର,୨୮/୦୫(ନି.ପ୍ର): ସମ୍ବଲପୁରରେ ପୁଣି ତାତିଲେ ଚାଷୀ । ରବି ଧାନ କିଣାରେ ଟୋକନ ଅବଧି ବଢାଇବାକୁ ଦାବି କରି ସରକାରୀ ଅଫିସ ଘେରାଉ କଲେ ଚାଷୀ ଓ ଚାଷୀ ନେତା । ଆଜି ପ୍ରଥମେ ଡିଆର ବା ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ପରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି ଉତ୍ତେଜିତ ଚାଷୀ । ଉଭୟ କାର୍ଯ୍ୟାଳୟରୁ ଚାଷୀଙ୍କୁ କୌଣସି ସନ୍ତୋଷ ଜନକ ଉତର ନମିଳିବାରୁ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି ସମ୍ବଲପୁରର ଚାଷୀ । ଧାରଣା ଦେବା ସହ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ତାଙ୍କ କାର୍ଯ୍ୟାଳୟକୁ ପଶିବା ପାଇଁ ଉଦ୍ୟମ କରିଥିଲେ ଚାଷୀ । ହେଲେ ସେହି ସମୟରେ ପୁଲିସ, ଚାଷୀଙ୍କୁ ଅଟକାଇବାରୁ ଉତେଜନା ପ୍ରକାଶ ପାଇଥିଲା । ପରେ ଏଡିଏମ ଘଟଣାସ୍ଥଳରେ ପହଂଚି ଚାଷୀଙ୍କ ଆଲୋଚନା କରିଛନ୍ତି । ଧାନ କିଣା ଟୋକନ ଅବଧି ବୃଦ୍ଧି ବାବଦରେ ଆଲୋଚନା ପରେ ଚାଷୀ ଧାରଣାରୁ ଉଠିଛନ୍ତି ।

## ଜୁଆ ଆଡ୍ଡା ଉପରେ ଚଢ଼ଉ: ୪ ମହିଳାଙ୍କ ସମେତ ୧୮ ଜୁଆଡ଼ି ଗିରଫ

ଗଞ୍ଜାମ,୨୮/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ଅଂଚଳର ପ୍ରଦୀପ ସାହୁଙ୍କ ଶ୍ରୀକ୍ଷେତ୍ର ବିହାର ଠାରେ ଥିବା ଏକ ଘରେ ବଡ଼ ଧରଣର ଜୁଆ ଆଡ୍ଡା ଚାଲିଥିବା ବ୍ରହ୍ମପୁର ସଦର ପୋଲିସ ଖବର ପାଇ ଗତକାଲି ରାତିରେ ସେଠାରେ ଚଢ଼ଉ କରିଥିଲା। ଏହି ଜୁଆ ଆଡ୍ଡାରୁ ୪ ଜଣ ମହିଳାଙ୍କ ସମେତ ୧୮ ଜଣ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ୧ ଲକ୍ଷ ୭ ହଜାର ୪୯୦ ଟଙ୍କା ଜବତ କରିଛି ପୋଲିସ । ୧୭ଟି ମୋବାଇଲ ଓ ୨ଟି ବାଇକ୍ ମଧ ଜବତ କରିଛି ପୋଲିସ । ଏ ସଂକ୍ରାନ୍ତରେ ବ୍ରହ୍ମପୁର ସଦର ପୋଲିସ ଥାନାରେ ୬୧/୨୧ରେ ଏକ ମାମଲା ରୁଜୁ ହୋଇଛି ।

## ବାତ୍ୟା ୟାସରେ କୁଣ୍ଡା-ଅଁଳାଝାରୀ ରାସ୍ତା କ୍ଷତିଗ୍ରସ୍ତ

ଭୁବନ,୨୮/୫ (ନି.ପ୍ର): ବାତ୍ୟା ୟାସ ରେ ଭୁବନ ବ୍ଲକ ଅନ୍ତର୍ଗତ ମୃଦଙ୍ଗା ପଂଚାୟତର କୁଣ୍ଡା-ଅଁଳାଝାରୀ(୨ କିମି) ରାସ୍ତା ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଏହି ମାଟି ମୋରମ ରାସ୍ତାର କିଛି ଅଂଶ ଧୋଇ ହୋଇଯାଇଛି । ଫଳରେ ଲୋକମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାଟିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପକ୍କା ରାସ୍ତା କରିବାକୁ ସରପଂଚ ଅଶୋକ ଦତ ଦାବି କରିଛନ୍ତି ।

## ରାସ୍ତା ମଝିରେ ଭଙ୍ଗା କଲଭର୍ଟ

ଭୁବନ,୨୮/୫ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ନୂଆବଜାର ସଂଲଗ୍ନ ୱାର୍ଡ ନଂ ୫ ଓ ୬ ମଧ୍ୟବର୍ତ୍ତି ସ୍ଥାନ ଅନିଲ କ୍ଲଥ ଷ୍ଟୋର ନିକଟରେ ରାସ୍ତା ମଝିରେ କଲଭର୍ଟ ଟି ଭାଙ୍ଗିଯାଇଥିବାରୁ ପଥଚାରୀ ଓ ବାଇକ ଆରୋହୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ଲୋକ ଭଙ୍ଗା କଲଭର୍ଟରେ ଗଳି ପଡୁଛନ୍ତି । ଏ ସଂପର୍କରେ ଏନଏସି କନିଷ୍ଠ ଯନ୍ତ୍ରୀ ଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ୱେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ । ତେବେ ଏନଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ପ୍ରଭାସ କୁମାର ବେହୁରାଙ୍କୁ ପଚାରିବାରୁ ଖୁବଶୀଘ୍ର ସେ ଜେ.ଇ.ଙ୍କୁ ପଠାଇ ମରାମତି କରିବେ ବୋଲି କହିଥିଲେ ।

## ସମାଜସେବୀଙ୍କ ପକ୍ଷରୁ ଦୁହୁରିଆ କୃଷ୍ଣ କଲୋନୀରେ ଶୁଖିଲା ଖାଦ୍ୟ ବଂଟନ

କେନ୍ଦ୍ରାପଡ଼ା,୨୮/୫ (ନି.ପ୍ର): କେନ୍ଦ୍ରାପଡା ସହର ର ଦୁହୁରିଆ ନିକଟବର୍ତ୍ତୀ କୃଷ୍ଣ କଲୋନୀରେ ସମାଜ ସେବୀଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଏହି କଲୋନୀରେ ଦୀର୍ଘଦିନ ହେବେ ୧୫ ପରିବାର ରହି ଆସୁଥିବାବେଳେ ବାତ୍ୟା ୟାସ୍ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ମାଡରେ ଅସହାୟ ଅବସ୍ଥାରେ ଥିବା ଏହି ପରିବାରଙ୍କୁ ଶୁଖିଲା ଖାଦ୍ୟ, ବିସ୍କୁଟ, ପାଉଁରୁଟି, ଚୁଡା, ଗୁଡ, ଦିଆସିଲି, ମହମବତୀ, ମାସ୍କ, ସାନିଟାଇଜର, ହାତଧୁଆ ସାବୁନ୍ ପ୍ରଭୃତି ପାଉଁରୁଟି କରାଯାଇ ଥିଲା । ଡାକ୍ତର ଅବନିନ୍ଦ୍ର ପରିଡାଙ୍କ ନେତୃତ୍ୱରେ ସମାଜ ସେବୀ ମାନସ ସାହୁ, ପ୍ରଫୁଲ୍ଲ ଦାସ, ପାର୍ଥସାରଥୀ ମହାପାତ୍ର ବଂଟନ କାର୍ଯ୍ୟରେ ସହାୟତା କରିଥିଲେ ।

# ବିଜୁ ଜନତା ଦଳ ପକ୍ଷରୁ କୋଇକୋଣ୍ଡା ଓ ବଣ୍ଡା ଘାଟିରେ ଲୋକଙ୍କୁ ଆବଶ୍ୟକ ସାମଗ୍ରୀ ପ୍ରଦାନ

ମାଲକାନଗିରି,୨୮/୫ (ନି.ପ୍ର): କରୋନା ମହାମାରୀର ଦ୍ୱିତୀୟ ଲହରୀ ଦିନକୁ ଦିନ ନିଜର କାୟା ବିସ୍ତାର କରୁଥିବା ବେଳେ କ୍ଷ ଏହାକୁ ଦୃଷ୍ଟିରେ ରଖି ଦେଶର ସମସ୍ତ ରାଜ୍ୟରେ ଲକଡାଉନ ସଟ ଡାଉନ ଅବଧି ବଢି ଚାଲିଛି ଏହାରି ଭିତରେ ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଇଥିବା ପ୍ରବାସୀ ରୋଜଗାର ନ ପାଇ ପୁଣି ଘର ମୁହାଁ ହେବାରେ ଲାଗିଛନ୍ତି । କୋରନା ସଂକ୍ରମଣ କୁ ଦୃଷ୍ଟି ରେ ରଖି ରାଜ୍ୟ ସରକାର । ଘର ମୁହାଁ ପ୍ରବାସୀ ମାନଙ୍କୁ ୭ ଦିନ ସଙ୍ଘ ରୋଧ ରେ ରଖିବା ପାଇଁ ଗତ ବର୍ଷ ଭଳି ଚଳିତ ଥର ମଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଟିଏମସି ସେଂଟର କରାଯାଇଛି କ୍ଷ ଟିଏମ ସି କେନ୍ଦ୍ର ରେ ରହୁଥିବା ପ୍ରବାସୀ ମାନଙ୍କୁ ପ୍ରତିଦିନ ୩ ଥର ଖାଇବାକୁ ଦିଆଯିବା ସହ ସବୁ ପ୍ରକା ସୁବିଧା ଯୋଗେଇ ଦିଆଯାଉଛି କ୍ଷ ଏହାବ୍ୟତୀତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ ବି ସହଯୋଗ ଯୋଗାଇଦିଆ ଯାଉଛିକାଲିମେଲା ବ୍ଲକ ପୂର୍ବତନ ସାଂସଦ ପ୍ରତିନିଧି ବିଶ୍ୱନାଥ ରେଡି ଓ ତାଙ୍କସହ କିଛି ଗ୍ରାମବାସୀ ମହାରାଜପାଲି ପଂଚାୟତ ଅନ୍ତର୍ଗତ କୋଇକୋଣ୍ଡା ଟିଏମସି କେନ୍ଦ୍ର ରେ ରହୁଥିବା ପ୍ରବାସୀ ମାନଙ୍କ ଦୁଃଖ ସୁଖ ବୁଝିବା ସହ ପ୍ରତିଦିନ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଯାଇ ପଚାରି ବୁଝୁଥିଲେ । କିନ୍ତୁ ଆଜି ପ୍ରବାସୀ ମାନଙ୍କ ସଙ୍ଘ ରୋଧ ଅବଧି ଶେଷ ହୋଉଥିବା ଖବର ପାଇ ବିଶ୍ୱନାଥ ରେଡି ଓ ତାଙ୍କ ସହ କିଛି ଗ୍ରାମବାସୀ ପ୍ରବାସୀ ମାନଙ୍କ ପାଇଁ ବିଜୁ ଜନତା ଦଳ ତରଫରୁ ମଧାହ୍ନ ଭୋଜନର ବ୍ୟବସ୍ଥା କରି ବା ସହ ସେମାନଙ୍କୁ ମାସ୍କ ଓ ସାନିଟାଇଜର ବଂଟନ କରିଥିଲେ ।ପୂର୍ବତନ ସାଂସଦ ପ୍ରତିନିଧି ଶ୍ରୀ ରେଡିଙ୍କ ଏଭଳିମହତ କାମକୁ ବିଭିନ୍ନ ମହଲରେ ପ୍ରଶଂସା କରିଛନ୍ତି। ସେହିପରି ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା ଖଇରପୁଟ ବ୍ଲକ ର ଆଦିମ ଜନଜାତି ବସବାସ କରୁଥିବା ବଣ୍ଡା ଘାଟିର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ କରୋନା ସମ୍ପର୍କ ରେ ସଚେତନତା କରିବା ସହ ମାସ୍କ, ସାନିଟାଇଜର ଓ ପନିପରିବା ବଂଟନ କରିଥିଲେ।ବିଧାୟକ ଙ୍କ ସହ ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ,ସ୍ଥାନୀୟ ସରପଂଚ ଓ ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନିକ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨୮/୫ (ନି.ପ୍ର): ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବାତ୍ୟା ୟାସ୍‌ର ପରିଚାଳନା, ପୁନଃରୁଦ୍ଧାର, କ୍ଷୟକ୍ଷତି ଆକଳନ ଓ ରିଲିଫ ଯୋଗାଣ ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦେଇଥିବା ନିର୍ଦ୍ଦେଶ ପରିପ୍ରେକ୍ଷୀରେ କ୍ଷୟକ୍ଷତି ଆକଳନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ନେଇ ଏହି ବୈଠକ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବାତ୍ୟାର ପ୍ରଭାବ ଗୁରୁତର ନଥିଲେ ମଧ ବିଶେଷ ଭାବରେ କୃଷି ସମ୍ପଦ, କଚ୍ଚାଘର ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ପ୍ରାରମ୍ଭିକ ସୂଚନା ମିଳିଛି । କିନ୍ତୁ ଏହାର ବିଷଦ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଅଧିକାରୀ ମାନେ ଗାଁ ପରିଦର୍ଶନ କରି କ୍ଷତିଗ୍ରସ୍ତ ଅଂଚଳ ଗସ୍ତକରି କ୍ଷୟକ୍ଷତି ଆକଳନ କରିବେ । ଏହି ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ତୁରନ୍ତ ରିପୋର୍ଟ ଦେବାପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଚେତାଇ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ପିଡି.ଡିଆର.ଡିଏ ଦିଲିପ କୁମାର ପରିଡା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ମତ୍ସ୍ୟ ଅଧିକାରୀ ମମତା ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ସମସ୍ତ ତହସିଲଦାର ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଦଶରଥପୁର ବ୍ଲକର ବୈତରଣୀ ଶାଖା କାଣୀ ନଦୀରେ ୨ଟି ଘାଇ ସୃଷ୍ଟି

ଯାଜପୁର,୨୮/୫ (ନି.ପ୍ର): ଯାଜପୁର ଜିଲ୍ଲାର ବୈତରଣୀ ନଦୀର ଉପର ମୁଣ୍ଡରେ ବର୍ଷା ଯୋଗୁଁ ଆଖୁଆପଦାରେ ବିପଦ ସଂକେତ ଉପରେ ରହିଛି ଜଳସ୍ତର । ଫଳରେ ଗତରାତିରେ ଯାଜପୁର ଜିଲ୍ଲା କୋରେଇ ବ୍ଲକର ରଣପୁର, ମୁକୁନ୍ଦପୁର, ବନ୍ଦାଳ, ଗୌରପୁର ଆଦି ୪ଟି ପଞ୍ଚାୟତର ୫ଟି ଗାଁରେ ବନ୍ୟାପାଣି ପ୍ରବେଶ କରିଛି ।
ଦଶରଥପୁର ବ୍ଲକ ବୈତରଣୀ ଶାଖା କାଣୀ ନଦୀରେ ୨ଟି ଘାଇ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ, କଣ୍ଟାପଡା ଘାଇଟି ଗତ ୭ ବର୍ଷରେ ୮ ଥର ଭାଙ୍ଗିଲାଣି । ଏଥିଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ୫୦ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଦୁଦୁରାଅଣ୍ଟା ପଞ୍ଚାୟତ କଣ୍ଟପଡ଼ାଠାରେ ୫୦ ଫୁଟ ଓ କସପା ପଞ୍ଚାୟତ ପଳାସାହି ଠାରେ ୩୦ ଫୁଟର ଘାଇ ସୃଷ୍ଟି ହୋଇଛି । ଏହାଛଡ଼ା ବୈତରଣୀ ନଦୀ ଦଉପୁର ଠାରେ ପୂର୍ବବର୍ଷ ହୋଇଥିବା ଘାଇ ସ୍ଥାନଟି ବନ୍ଧ ଧସିବାକୁ ଲାଗିଲାଣି । ଅରଡାଉଳିଆ, ଦିହୁଡିସାହି ଠାରେ ବନ୍ଧ ଧସିଛି । କାଣୀ ନଦୀ କଣ୍ଟାପଡ଼ା ଠାରେ ମଧ ବନ୍ଧ ଧସିଛି ।



## ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ସର୍ବକାଳୀନ ମାଲବାହୀ ଟ୍ରେନ୍ ବିନିମୟ

ସମ୍ବଲପୁର,୨୮/୫ (ନି.ପ୍ର): ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ କୋଭିଡ୍-୧୯ ମହାମାରୀ ଏବଂ କମ୍ ମାନବ ସମ୍ବଳ ସତ୍ୱେ ଗୋଟିଏ ଦିନରେ ଅର୍ଥାତ୍ ୨୬ ମେ' ୨୦୨୧ରେ ସର୍ବାଧିକ ୨୦୩ ଗୋଟି ମାଲବାହୀ ଟ୍ରେନ୍ ବିନିମୟ କରି ଏକ ଇତିହାସ ସୃଷ୍ଟି କରିଅଛି । ଗୋଟିଏ ଦିନରେ ୧୦୨ଟି ମାଲବାହୀ ଟ୍ରେନ୍ ହସ୍ତାନ୍ତର କରିଅଛି ଏବଂ ୧୦୧ଟି ମାଲ୍‌ବାହୀ ଟ୍ରେନ୍ ନିଆଯାଇଅଛି । ଏହା ୩୦ ଡିସେମ୍ବର ୨୦୨୦ର ପୂର୍ବରେ ୧୯୨ଟି ମାଲ୍‌ବାହୀ ଟ୍ରେନ୍‌ର ବିନିମୟକୁ ଅତିକ୍ରମ କରି ନୂଆ ରେକର୍ଡ଼ ସୃଷ୍ଟି କରିଛି । ପୂର୍ବତଟ ରେଳପଥ, ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ ଏହି ଉଲ୍ଲେଖନୀୟ ସଫଳତା ପାଇଁ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ଏବଂ ଟିମ୍ ସମ୍ବଲପୁରକୁ ଅଭିନନ୍ଦନ ସେହ ଜାତିର ସେବା ଦିଗରେ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି ।

# ଚାଲାଣଗୁଡା ଯାଂଚ ଫାଟକରେ ଇନଭେଟର ଲଗାଇଲେ ସମାଜସେବୀ ବିନୋଦ ତାବାରୀ

ମାଲକାନଗିରି,୨୮/୫ (ନି.ପ୍ର): ମାଲକାନଗିରି ସଦର ବ୍ଲକ ର ଚାଲାଣଗୁଡା, ଓ ତଣ୍ଡିକି ପଂଚାୟତ ସୀମାକୁ ଛତିଶଗଡ଼ ରାଜ୍ୟ ର ସୁକୁମା ଜିଲ୍ଲା ଲାଗି ରହିଛିମାଲକାନଗିରି ଜିଲ୍ଲାର କୋୟା ଆଦିବାସୀ ଓ ବାଙ୍ଗୀୟ ସମ୍ପ୍ରଦାୟର ଲୋକ ଙ୍କ ସମ୍ପ୍ରକୀୟ ମାନେ ପୋଡ଼ଶୀ ଛତିଶଗଡ଼ ରାଜ୍ୟରେ ରହିଛନ୍ତିଏହି ୨ ଟି ପଂଚାୟତ ଦେଇ ବହୁ ସଂଖ୍ୟାରେ ଲୋକ ଲୁଚିଛପି ମାଲକାନଗିରି ଜିଲ୍ଲାକୁ ପ୍ରବେଶ କରୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲାଣ ଗୁଡା ଠାରେ ଏକ ଯାଂଚ ଫାଟକ କରାଯାଇଛି। ଏଠାରେ ଦିବାରାତ୍ର ପୋଲିସ କର୍ମଚାରିଙ୍କ ସହ ବିଭିନ୍ନ ବିଭାଗ ର କର୍ମଚାରୀ ମାନେ ନିୟୋଜିତ ହୋଇଛନ୍ତିଏହି ଯାଂଚ ଫାଟକରେ ବି ଦ୍ୟୁତ ଚାଲିଗଲେ ଡ୍ୟୁଟି ରେ ଥିବା କର୍ମଚାରୀ ମାନେ ଅନ୍ଧାର ଓ ଗରମରେରହୁଥିବା ଏବଂ ଉଜ୍ୱଳ ଆଲୋକର ବ୍ୟବସ୍ଥା ନଥିବାରୁ ବହୁ ହଇରାଣ ହେଉଥିଲେ।ଏହା ଜାଣିବା ପରେ ମାଲକାନଗିରି ସହର ର ଯୁବ ସମାଜସେବୀ ବିନୋଦ ତାବାରୀ ସେଠାରେ ଉଚ୍ଚ ଆଲୋକ ସମ୍ପନ ଷ୍ଟ୍ରିଟ ଲାଇଟ ସହ ଏକ ଇନଭେଟର ଯୋଗାଇ ଦେବା ସହ ତାହାକୁ କାର୍ଯ୍ୟକ୍ଷମ କରାଇଛନ୍ତି।ତାଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# କରୋନା ସଚେତନତା ରଥ ଶୁଭାରମ୍ଭ

ଭୁବନ,୨୮/୫ (ନି.ପ୍ର): ଭୁବନ ବ୍ଲକ ବିଜୁ ଜନତା ଦଳ ତରଫରୁ ଆଜି କରୋନା ସଚେତନତା ରଥ ର ଶୁଭାରମ୍ଭ ହୋଇଛି । ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ,ଏକତାଳି ସମିତିସଭ୍ୟ ଅମୂଲ୍ୟ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରବୋଧ ଦାଶ ପ୍ରମୁଖଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ସଚେତନତା ରଥକୁ ଉଦଘାଟନ କରିଥିଲେ । ମହାମାରୀ କରୋନାରୁ ରକ୍ଷା ପାଇବାକୁ ହେଲେ ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତା ରକ୍ଷା କରିବା ଅପରିହାର୍ଯ୍ୟ । ଏତଦବ୍ୟତିତ ସରକାରଙ୍କ ନିର୍ଦ୍ଦେଶମତେ ଗ୍ରାମାଂଚଳ ଓ ସହରାଂଚଳର ପ୍ରତି ଘରକୁ ଅଙ୍ଗନୱାଡି ଏବଂ ଆଶା କର୍ମୀମାନେ ସର୍ଭେ ପାଇଁ ଯିବା ସମୟରେ ଜନସାଧାରଣ ସେମାନଙ୍କୁ ସଠିକ ତଥ୍ୟ ଦେଇ ସହଯୋଗ କରିବା ଉଦ୍ଦେଶ୍ୟରେ ଲୋକଙ୍କୁ ସଚେତନ କରିବା ପାଇଁ ରଥ ପରିକ୍ରମା କରିବ ବୋଲି ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବରାଳ କହିଥିଲେ ।

# ଭ୍ରାମ୍ୟମାଣ ଏଟିଏମ୍‌ରୁ ଟଙ୍କା ନେବାପାଇଁ ଲୋକଙ୍କ ଲମ୍ବା ଧାଡି

କେନ୍ଦ୍ରାପଡ଼ା,୨୮/୫ (ନି.ପ୍ର): ବାତ୍ୟା ପିଡିତ ଅଂଚଳରେ ଏସ୍‌ବିଆଇ ପକ୍ଷରୁ ଭ୍ରାମ୍ୟମାଣ ଏଟିଏମ୍ ସେବା ଆରମ୍ଭ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ଠାରେ ଗୁରୁବାର ଏହି ଭ୍ରାମ୍ୟମାଣ ଏଟିଏମ୍ ସେବାର ଶୁଭାରମ୍ଭ ହୋଇଛି । ଏହି ସେବା ଆରମ୍ଭ ହେବାରୁ ସ୍ଥାନୀୟ ଲୋକ ଧାଡିରେ ଛିଡାହୋଇ ଟଙ୍କା ଉଠାଇଥିଲେ । ଏହାଦ୍ୱାରା ବାତ୍ୟା ପିଡିତ ଲୋକ, ବରିଷ୍ଠ ନାଗରିକ, ମହିଳା ଉପକୃତ ହେବେ ବୋଲି କେନ୍ଦ୍ରାପଡା ଜିଲ୍ଲା ବିକ୍ରୟ କେନ୍ଦ୍ର(ଡି.ଏସ୍.ଏଚ୍)ର ମୁଖ୍ୟ ପ୍ରବନ୍ଧକ ଉମାକାନ୍ତ ପୂଜାରୀ ସୂଚନା ଦେଇଛନ୍ତି ।

# ଆରମ୍ଭ ହେବ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟୀକାକରଣ ସପ୍ତାହକ ପରେ

କେନ୍ଦ୍ରାପଡ଼ା,୨୮/୫ (ନି.ପ୍ର): ଏକ ସପ୍ତାହ ପରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କୁ ଟୀକାକରଣ କାର୍ଯ୍ୟକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆରମ୍ଭ କରାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଟୀକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଅନଲାଇନ ଓ ଅଫ୍ ଲାଇନ ମାଧ୍ୟମରେ ଟୀକା କରଣ କରାଯିବ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏନେଇ ବ୍ୟାପକ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି ।

# ରାଜନଗର: ଜୁଆର ଘେରରେ ହଜାରେ ପରିବାର

ରାଜନଗର,୨୮/୫ (ନି.ପ୍ର): କେନ୍ଦ୍ରାପଡ଼ାର ରାଜନଗରରେ ତାଣ୍ଡବ ରଚିଛି ବାତ୍ୟା 'ୟାସ୍'। ପବନ ଅପେକ୍ଷା ସମୁଦ୍ର ଜୁଆର ଅଞ୍ଚଳରେ ଅଧିକ କ୍ଷତି କରିଛି । ଏହି ବ୍ଲକ୍‌ର ହଜାରେରୁ ଅଧିକ ପରିବାର ସମୁଦ୍ରର ଜୁଆର ପାଣିଘେରରେ ଥିବାବେଳେ ବର୍ଷା ପାଣିଘେରରେ ଶହଶହ ପରିବାର ରହିଛନ୍ତି । ରଂଗଣୀ ପଞ୍ଚାୟତର ହଜାରରୁ ଅଧିକ ପରିବାର ପାଣି ଘେରରେ ଅଛନ୍ତି । ସେମାନଙ୍କ ଘର ପାଣିରେ ଭିଜିବା ପରେ କାନ୍ଥ ପଡ଼ିବା ସହ ଘର ପଡ଼ିବା ଆରମ୍ଭ କରିଛି । ବର୍ଷା, ପବନ ସାଙ୍ଗକୁ ସମୁଦ୍ର ଜୁଆର ବିପନ୍ନଙ୍କ ସ୍ୱପ୍ନ ଛଡ଼ାଇ ନେଇଛି ।
ଗତ ୨୫ ତାରିଖ ରାତିରେ ହଠାତ୍ ଭିତରକୁ ସୁସୁ ହୋଇ ଜୁଆର ପାଣି ମାଡ଼ି ଆସିଥିଲା । କେହି କିଛି ବୁଝିବା ପୂର୍ବରୁ ସବୁଆଡେ ଜଳାର୍ଣ୍ଣବ ହୋଇ ପଡିଥିଲା । ଘର ବାହାରେ ବେଳେ ପାଣି ହୋଇ ଯାଇଥିବାବେଳେ ଘର ଭିତରେ ୨/୩ ଫୁଟର ପାଣି ଲହଡ଼ି ଭାଙ୍ଗିଥିଲା । ବାତ୍ୟା ଆଶ୍ରୟସ୍ଥଳରେ ରହି ନିଜ ଘର ବୁଡ଼ି ଯାଉଥିବା ଭୟଙ୍କର ଚିତ୍ର ଦେଖିଥିଲେ ରାଜନଗର ବ୍ଲକ ରଂଗଣୀ ପଞ୍ଚାୟତର ପଟ୍ଟାପାରିଆ, ଭେଙ୍କା, ସେରେନ୍ଦ୍ରପୁର, ହରିଣପୋଖରୀ, ନାରାୟଣପୁର ଗାଁର ହଜାରରୁ ଅଧିକ ପରିବାର । ବାତ୍ୟାପରେ ପାଣି ଖସିଥିଲେ ମଧ ଏବେ ବି ଘର ଚାରିପଟେ ଓ ରାସ୍ତା ଉପରେ ୩ ଫୁଟରୁ ଅଧିକ ପାଣି ଜମି ରହିଛି । ଯୁଆଡ଼େ ଚାହିଁଲେ ଖାଲି ପାଣି ଆଉ ପାଣି । ବାତ୍ୟା ପରେ ଲୋକେ ଘରକୁ ଫେରି ନିଜ ଘରର ଦୁର୍ଦ୍ଦଶା ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏବେ ସୁଦ୍ଧା ୫ଶହରୁ ଅଧିକ ଘରର କାନ୍ଥ ଭୁଶୁଡି ପଡ଼ିଲାଣି । କିଛି ପରିବାରର ଘର ଶୋଇଗଲାଣି । ଘର ଚାରିପଟେ ପାଣି ଜମି ରହିଥିବାରୁ ଘରଗୁଡ଼ିକୁ ମରାମତି କରାଯାଇ ପାରୁନାହିଁ । ଲୋକେ କିପରି ଭଙ୍ଗାଘରେ ପରିବାର ନେଇ ରହିବେ, ସେ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି ।



## ସିଙ୍ଘାପଡା ପେଟ୍ରୋଲ ପମ୍ପ ଅଗ୍ନିକାଣ୍ଡ ଘଟଣା: ମୁଖ୍ୟ ଅଭିଯୁକ୍ତ ବାନାମ୍ବର ମାଝି ଗିରଫ

ଖଣ୍ଡପଡା,୨୮/୫ (ନି.ପ୍ର): ଖଣ୍ଡପଡା ବ୍ଲକ ଅଧୀନ ସିଙ୍ଘାପଡା ଇଣ୍ଡିଆନ ଅଏଲ ପେଟ୍ରୋଲ ଟାଙ୍କି ଉପରେ ବୋମାମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାନାମ୍ବର ମାଝି(୧୯)କୁ ଗିରଫ କରିଛି ଖଣ୍ଡପଡା ପୁଲିସ । ଗତ ଜାନୁଆରୀ ୧୫ତାରିଖରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଅଭିଯୁକ୍ତ ବାନାମ୍ବର କାଚ ବୋତଲରେ କିରୋସିନି ଭର୍ତ୍ତି କରି ପମ୍ପର କିଓସ୍କ ପଏଣ୍ଟକୁ ଫୋପଡିବା ସହ ପେଟ୍ରୋଲ ପମ୍ପରେ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲା । ଏହାଦ୍ୱାରା କିଓସ୍କ ପଏଣ୍ଟ ଜଳିଯିବା ସହିତ ପମ୍ପ କ୍ଷତିଗ୍ରସ୍ତ ହୋଇଥିବା ନେଇ ସଂସ୍ଥାର ମ୍ୟାନେଜର ଖଣ୍ଡପଡା ଥାନାରେ ଏତଲା ଦେଇଥିଲେ । ଅନ୍ୟପକ୍ଷରେ ଉକ୍ତ ଅଗ୍ନିକାଣ୍ଡ ଘଟଣାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତର ଅନୁସନ୍ଧାନ କରୁଥିଲା । ତେବେ ଘଟଣାପରେ ଫେରାର ହୋଇଯାଇଥିବା ବାନାମ୍ବରକୁ ଗୁରୁବାର ଅପରାହ୍ନରେ ଗଡିଆସାହି ପଞ୍ଚାୟତ ଅଧୀନ ପଥରଗଣ୍ଡ ସ୍ଥିତ ତାର ନିଜ ଗାଁରୁ ଗିରଫ କରିଛି ଖଣ୍ଡପଡା ପୁଲିସ । ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ବିଶ୍ୱଜିତ ରାଉତରାୟଙ୍କ ଠାରୁ ସୂଚନା ମିଳିଛି ।

# ପାହାଡ଼ରୁ ଖସିଲା ବର୍ଷାଜଳ: ଭାସିଗଲା ବୋଲେରୋ

ରାଇରଙ୍ଗପୁର ,୨୮/୫ (ନି.ପ୍ର): ସାମୁଦ୍ରିକ ଝଡ଼ବାତ୍ୟା ୟାସ୍ ମୟୂରଭଞ୍ଜ ଦେଇ ଅତିକ୍ରମ କରି ଯାଇଥିବାବେଳେ ଏହାର ପ୍ରଭାବରେ ଜିଲ୍ଲାବ୍ୟାପୀ ପ୍ରବଳ ବର୍ଷା ହୋଇଛି । ଦୁଇ ଦିନ ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ସମେତ ସମସ୍ତ ଶାଖା ନଦୀମାନଙ୍କରେ ଜଳସ୍ତର ଫୁଲି ଉଠିଛି । ଗୁରୁବାର ସକାଳେ ରାଇରଙ୍ଗପୁର ନିକଟସ୍ଥ ଅଁଳାଯୋଡି ଅଞ୍ଚଳରେ ରୋଗୀ ଛାଡ଼ି ଫେରୁଥିବା ଏକ ବୋଲେରୋ (ଓଡି୧୧ଏ-୮୧୧୦) ବନ୍ୟା ଜଳରେ ଭାସିଯାଇଥିଲା ।
ଗୁରୁବାର ସକାଳେ ବୋଲେରୋ ଚାଳକ ଜଣ୍ଟି ମହାନ୍ତ ରୋଗୀ ଛାଡ଼ି ଫେରିବା ସମୟରେ ଅଁଳାଯୋଡି ରେଳ ଜଙ୍କସନ୍ ନିକଟ ଗଡିଗାଁ ପୋଲଠାରେ ଗୁଡିଆ ନଈ ବଢିଥିବା ଦେଖି କୂଳରେ ବୋଲେରୋକୁ ରଖିଥିଲେ । ତେବେ ଏହି ସମୟରେ ପାହାଡ଼ରୁ ପ୍ରବଳ ବେଗରେ ବର୍ଷା ପାଣି ନିର୍ଗତ ହୋଇଥିଲା । ଚାହୁଁଚାହୁଁ ନଦୀରେ ବନ୍ୟାଜଳ ମାଡ଼ି ଆସିବାରୁ ବୋଲେରୋଟି ଭାସି ଯାଇଥିଲା । ତେବେ ତା' ପୂର୍ବରୁ ଚାଳକ ଜଣ୍ଟି ମହାନ୍ତ ଗାଡ଼ିରୁ ବାହାରି ଆସିଥିଲେ । ପାଖପାଖି ୫ ଘଣ୍ଟା ପରେ ଜଳସ୍ତର କମିବା ପରେ ଗାଡ଼ି ମାଲିକ ଆପୁ ମହାନ୍ତ, ଚାଳକ ଜଣ୍ଟି ଓ ସ୍ଥାନୀୟ ବାସିନ୍ଦା ବୋଲେରୋକୁ ସୁରକ୍ଷିତ ସ୍ଥାନକୁ ଆଣିଥିବା ଜଣାପଡ଼ିଛି ।



# ବାଦାମର ଉଚିତ ମୂଲ୍ୟ ପାଇବାରୁ ଚାଷୀ ବଂଚିତ

ମାଲକାନଗିରି,୨୮/୫ (ନି.ପ୍ର): ଗତ ବର୍ଷ ଠାରୁ କୋଭିଡ୍ କଟକଣା ଲାଗୁ ହେବା ପରେ ହଜାର ହଜାର ଶ୍ରମିକ ନିଜ ଭିଟା ମାଟିକୁ ଫେରି ଏଠାରେ ରହି ନିଜର ଗୁଜୁରାଣ ମେଂଟାଇବାକ ଅନେକ ଲୋକ ଗାଁ ରେ ରହି କ୍ଷୁଦ୍ର ବ୍ୟବସାୟ ଓ ଚାଷବାସ ରେ ମନୋନିବେଶ କରିଥିଲେ । ଚଳିତ ବର୍ଷ ରବି ଋତୁ ରେ ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ଅନେକ ସଂଖ୍ୟାରେ ଚାଷୀ ଶହ ଶହ ଏକର ବାଦାମ ଚାଷ କରିଥିବା ଦେଖିବାକୁ ମିଳିଥିଲା । ବର୍ତ୍ତମାନ ଏହି ବାଦାମ ଅମଳ ଚାଲିଥିବା ବେଳେ ବିଭିନ୍ନ ଗ୍ରାମରେ ଚାଷୀଙ୍କ ବିଲରେ ଶହ ଶହ କୁଇଂଟାଲ ବାଦାମ ପଡ଼ି ରହିଥିବା ଦେଖିବାକୁ ମିଳିଛି । ଏହି ବାଦାମ ବିକ୍ରି ପାଇଁ ଲ୍ୟାମ୍ପସ୍ ପକ୍ଷ୍ୟରୁ ମଣ୍ଡି ବ୍ୟବସ୍ଥା କରାଯାଉଥିଲେ ମଧ ଚଳିତ ବର୍ଷ ପଡିଆ ସମବାୟ ସମିତି ପକ୍ଷ୍ୟରୁ ଏ ଯାଏଁ କୌଣଷି ମଣ୍ଡି ଖୋଲାଯାଇ ନାହିଁ । ଅନ୍ୟପଟେ ଏହାର ସୁଯୋଗ ନେଇ ବାଦାମ ବ୍ୟବସାୟୀ ମାନେ ନଗଦ ଅର୍ଥ ର ପ୍ରଲୋଭନ ଦେଖାଇ ସର୍ବନିମ୍ନ ମୂଲ୍ୟ ଠାରୁ ମଧ କମ୍ ଦରରେ ଚାଷୀ ଙ୍କ ଠାରୁ ବାଦାମ କିଣୁଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ଅମଳ ପରେ ବାଦାମ ଦୀର୍ଘ ଦିନ ଧରି ଘରେ ରଖିଲେ ନଷ୍ଟ ହେବା ଭୟ ରହୁଥିବାରୁ ସରକାରୀ ମଣ୍ଡି ପାଇଁ ଅପେକ୍ଷା ନକରି ଅପେକ୍ଷାକୃତ କମ୍ ଦରରେ ମଧ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ମଣ୍ଡି ରେ ମାନ ଦର୍ଶାଇ କାଂଟଛାଂଟ କରାଯାଉଥିବା ଆଶଙ୍କା କରି ମଧ ଚାଷୀ ସ୍ଥାନୀୟ ବ୍ୟବସାୟୀ ଙ୍କୁ ସ୍ୱଳ୍ପ ଦରରେ ବିକ୍ରି କରିବାକୁ ବାଧ ହେଉଥିବା ବାସୁଦେବ ସରଦାର, ଅଭିମନ୍ୟୁ ଅଧିକାରୀ, ହିରଣ୍ୟମ ଘରାମୀ, ସୌମେନ୍ ରାୟ, ସୁବ୍ରତ ରାୟ, ଗୋପାଳ ବିଶ୍ୱାସ ପ୍ରମୁଖ ଚାଷୀ କହିଛନ୍ତି । ଚଳିତ ବର୍ଷ ପଡିଆ ଲ୍ୟାମ୍ପସ୍ ଅନ୍ତର୍ଗତ ପଡିଆ, ଏମଭି ୭୯ ଓ ପୁଷ୍ପୁଗୁଡା ମଣ୍ଡି ରେ ପ୍ରାୟ ୨୫୩ ଜଣ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି । ଅନ୍ୟପଟେ ଆସନ୍ତା ସପ୍ତାହରୁ ସୋମବାର ଦିନ ପଡିଆ, ବୁଧବାର ଦିନ ଏମଭି ୭୯ ଓ ଶୁକ୍ରବାର ଦିନ ପୁଷ୍ପୁଗୁଡା ଠାରେ ବାଦାମ ମଣ୍ଡି ଖୋଲାଯିବ ବୋଲି ପଡିଆ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଏସ୍ ରାଜେନ୍ଦ୍ର ପ୍ରସାଦ କହିଛନ୍ତି । ତେବେ ରବି ଋତୁ ରେ ମଣ୍ଡି ବ୍ୟବସ୍ଥା କରି ଚାଷୀ ଙ୍କୁ ଲାଭଖୋର ବ୍ୟବସାୟୀ ଙ୍କ ଠାରୁ ରକ୍ଷା କରିବାସହ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଯୋଗାଇଦେବାରେ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁଦାବୀହେଉଛି । ଏହି ପରପେକ୍ଷିରେ ପଡିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମଣ୍ଡି ବ୍ୟବସ୍ଥା କରିଚାଷୀଙ୍କ ଠାରୁ ବାଦାମ କିଣାଯିବା ଦିଗରେ ବିଭାଗୀୟ ଅଧିକାରୀ ମାନେ ଧାନ ଦେବାକୁ ସାଧାରଣରେ ମତପ୍ରକାଶ ପାଉଛି ।

# ଛୋଟ ଘର ତଥାପି ସୁନ୍ଦର

ଘର ଛୋଟ ହୋଇଥିବାରୁ ମନପସନ୍ଦର ଫର୍ନିଚର୍‌ରେ ଘରର ସାଜସଜ୍ଜା କରିପାରନ୍ତି ନାହିଁ ବୋଲି ଅନେକ ଲୋକ ମନଦୁଃଖ କରନ୍ତି । ତେବେ ଏମିତି କିଛି ଫର୍ନିଚର ଅଛି ଯାହା ଛୋଟ ଘରରର ଲୁକ୍ ବଦଳାଇ ପାରିବ । ଏହିସବୁ ଫର୍ନିଚର ଘରକୁ ଟ୍ରେଣ୍ଡି ଲୁକ୍ ଦେବାରେ ଏକଦମ୍ ବଢ଼ିଆ ।





**ଡେ ବେଡ୍:**
ଏହାକୁ ସୋପା କମ୍ ବେଡ୍ କୁହାଯାଏ । ତେବେ ଆଜିକାଲି ଡେ ବେଡ୍ ନାମରେ ଏହା ବେଶି ପରିଚିତ । ଦିନବେଳା ଏହାକୁ ବସିବା ପାଇଁ ସୋଫା ଭାବେ ବ୍ୟବହାର କରାଯାଇପାରିବ । ରାତି ହେଲେ ଏହା ଆରାମଦାୟକ ବେଡ୍ ହୋଇପାରିବ । ଆପଣଙ୍କ ଘର ମଧ ସୁନ୍ଦର ଦେଖାଯିବ । ଲିଭିଂ ରୁମ୍ କିମ୍ବା ପିଲାଙ୍କ ରୁମ୍‌ରେ ଏହାକୁ ପକାଇ ପାରିବେ ।

**ଡ୍ରୟାର୍ ସେଣ୍ଟର ଟେବଲ୍:**
ଆଗରୁ ଯେମିତି ସେଣ୍ଟର ଟେବଲ୍ କିଣୁଥିଲେ ସେଥିରେ ଡ୍ରୟାର୍ ନଥିଲା । ତେଣୁ କିଛି ଦରକାରୀ ଜିନିଷ କି ଖବରକାଗଜ ବା ବହି ଆଦି ରଖିଲା ବେଳେ ଅସୁବିଧା ହେଉଥିଲା । ଆଜିକାଲି ବଜାରରେ ଡ୍ରୟାର ସେଣ୍ଟର ଟେବଲ୍ ମିଳୁଛି । ଏଥିରେ ଆପଣ ଟିଭି ରିମୋଟ୍‌ରୁ ନେଇ ଲିଭିଂ ରୁମ୍‌ରେ ବ୍ୟବହୃତ ହେଉଥିବା ଛୋଟ ଛୋଟ ଜିନିଷ ଷ୍ଟୋର କରିପାରିବେ ।



**ଫୋଲ୍ଡିଂ ଡାଇନିଂ ଟେବଲ:**
ଆଜିକାଲି ବଜାରରେ ଫୋଲ୍ଡିଂ ଡାଇନିଂ ମିଳୁଛି । ବିଶେଷ କରି ମେଟ୍ରୋ ସହରଗୁଡ଼ିକର ଛୋଟ ଛୋଟ ଆପାର୍ଟମେଣ୍ଟ ପାଇଁ ଏହିଭଳି ଡାଇନିଂ ଟେବଲ୍ ଭଲ । ଯଦି ଆପଣଙ୍କ ଘରେ ଡାଇନିଂ ହଲ୍ ନାହିଁ ତେବେ ଫୋଲ୍ଡିଂ ଡାଇନିଂ ଟେବଲ୍ ପକାଇ ପାରିବେ । ଏହା ସହିତ କଷ୍ଟମାଇଜଡ୍ ଚେୟାରର ଏବଂ ସେଲ୍ଫ ମଧ ମିଳୁଛି । ପୂରା କାନ୍ଥରେ ଲଗାଇ ରଖିପାରିବେ । ଅଳ୍ପ ଜାଗାରେ ଫିଟ୍ ହୋଇପାରିବ ।



**ଷ୍ଟୋରେଜ୍ ସିଟିଂ:**
ଲିଭିଂ ରୁମ୍‌ରେ ବସିବା ପାଇଁ ସୋଫା ଖୋଜୁଛନ୍ତି । ହେଲେ ରଖିବା ପାଇଁ ସେତେ ଜାଗା ନାହିଁ । ପୁଣି ସେହି ଘରେ କୌଣସି ସେଲ୍ଫ ନାହିଁ । ଭଲ ଫର୍ନିଚର୍ ଶୋ ରୁମ୍‌ରୁ ଷ୍ଟୋରେଜ୍ ବ୍ୟବସ୍ଥା ଥିବା ବାଲା ସିଟିଂ ଆର୍ଟିକିଲ୍ସ କିଣିପାରିବେ । ଯେମିତିକି ଷ୍ଟୋରେଜ୍ ଅଟୋମେନ୍ସ, ପୁଫ୍, ସୋଫା ଇତ୍ୟାଦି ଆଣିପାରିବେ । ଏହାଦ୍ୱାରା ଆପଣ ନିଜ ଘରର କିଛି ଜିନିଷ ଷ୍ଟୋର କରି ରଖିପାରିବେ । ସେଥିପାଇଁ ଆପଣଙ୍କୁ ଅଲଗା ଆଲମିରା ଦରକାର ପଡ଼ିବ ନାହିଁ ।



# ସିଝା ମାଛ ଝୋଳ



**ସାମଗ୍ରୀ:**
୭୦୦ ଗ୍ରାମ ଭାକୁର ମାଛ, ଦୁଇଟି କଟା ପିଆଜ, ଦୁଇଟି କଟା ଟମାଟୋ, ୩ରୁ ୪ଟି କଟା କଞ୍ଚା ଲଙ୍କା, ଡାଲଚିନି ଏକ ଖଣ୍ଡ, ଗୁଜରାତି ୩ରୁ ୪ଟି, ଅଳେଇଚ ୩ରୁ ୪ଟି, ଗୋଲମରିଚ ଅଧା ଛୋଟ ଚାମଚ, ଅନାସୀଫୁଲ ଓ ଜାୟତ୍ରୀ ଗୋଟିଏ, ୧ ଚାମଚ ଲଙ୍କା ଗୁଣ୍ଡ, ଦୁଇଟି କଟା ପିଆଜ ସଣ୍ଢା, ତେଲ ୩ରୁ ୪ ଚାମଚ, କଟା ଧନିଆପତ୍ର ୧ କପ୍, ଅଦା ରୁସୁଣ ବଟା ୧ ଚାମଚ, ୧ ଇଞ୍ଚ କଟା ଅଦା ଓ ସ୍ୱାଦ ଅନୁସାରେ ଲୁଣ ।

ମାଛ ଖାଇବାକୁ ସାଧାରଣତଃ ସମସ୍ତେ ଭଲ ପାଆନ୍ତି । ଏହାକୁ କିଏ ତରକାରୀ କରି ଖାଏ ତ ଆଉ କିଏ ଭଜା କରି । ସେହିପରି କିଏ କିଏ ଏହାକୁ ପକୋଡା କରି ମଧ ଖାଇଥା'ନ୍ତି । ମାଛରୁ ବିଭିନ୍ନ ପ୍ରକାରରେ ଫ୍ୟୁଜନ ଓ କଣ୍ଟିନେଣ୍ଟାଲ ରେସିପି ମଧ ତିଆରି ହୁଏ । ତେବେ ଆମେ ଏଠାରେ ଆପଣଙ୍କୁ ମାଛର ଏକ ଖଣ୍ଟି ଦେଶୀ ରେସିପି ବିଷୟର କହିବାକୁ ଯାଉଛି ଯାହାର ନାଁ ହେଲା ସିଝା ମାଛ ଝୋଳ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭାକୁର ମାଛକୁ କାଟି ଭଲ ଭାବେ ଧୋଇ ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ପକାଇ ମାଛକୁ ସେଥିରେ ରଖନ୍ତୁ । ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଟମାଟୋ, ଡାଲଚିନି, ଗୁଜରାତି, ଅଳେଇଚ, ଗୋଲମରିଚ, ଅନାସୀଫୁଲ, ଜାୟତ୍ରୀ, ଲଙ୍କାଗୁଣ୍ଡ, ପିଆଜ ସଣ୍ଢା, ସ୍ୱାଦ ଅନୁସାରେ ଲୁଣ ଓ ଅଳ୍ପ ପାଣି ଦେଇ ୧୦ ମିନିଟ୍ ପାଇଁ ଘୋଡାଇ ଦିଅନ୍ତୁ । ଏହାପରେ କଡ଼େଇକୁ ଚୁଲିରେ ବସାଇ ମାଛକୁ ସିଝିବାକୁ ଦିଅନ୍ତୁ । କିଛି ସମୟ ପରେ ଘୋଡଣି ବାହାର କରି ସେଥିରେ ଅଦା ରସୁଣ ବଟା ଗୋଳାନ୍ତୁ ଓ ଆଉ କିଛି ସମୟ ସିଝିବାକୁ ଦିଅନ୍ତୁ । ପରେ ସେଥିରେ କଟା ଅଦା, ଧନିଆ ପତ୍ର ଓ ଅଳ୍ପ ଲଙ୍କାଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ତେଲ ଗରମ କରି ଏହି ମାଛ ଉପରେ ପକାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବା ସିଝା ମାଛ ଝୋଳ ।

# ମଲା ମାଛରୁ ମିଳିବ ଇନ୍ଧନ !



ମୃତ-ମାଛ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରେ ମାଛର ଅବଶିଷ୍ଟାଂଶକୁ ବାୟୋଗ୍ୟାସରେ ପରିଣତ କରି, ତାହାକୁ ଜାହାଜର ଇନ୍ଧନ ଶକ୍ତି ଭାବେ ବ୍ୟବହାର କରିହେବ । ଏହି ପଦ୍ଧତିରେ ଜାହାଜ ଚଳାଇବା ଲାଗି ନରୱେର ପ୍ରସିଦ୍ଧ ଜାହାଜ ପରିଚାଳନା କମ୍ପାନୀ 'ହୁର୍ଟିଗୁଟେନ' ଯୋଜନା କରୁଛି । ଏହି ଜୈବ ଗ୍ୟାସ୍ ଜୀବାଶ୍ମ ଇନ୍ଧନ ଠାରୁ ସ୍ୱଚ୍ଛା ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହେଉ ନ ଥିବାରୁ ସାମୁଦ୍ରିକ ବାୟୁ ପ୍ରଦୂଷଣ କମିପାରିବା ପ୍ରାରମ୍ଭିକ ପର୍ଯ୍ୟାୟରେ ଛଅଟି ଜୈବ ଗ୍ୟାସ୍ -ଚାଳିତ ଜାହାଜ ଚଳାଇବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି । ସମ୍ଭବ ହେଲେ ତାହା ବିଶ୍ୱର ପ୍ରଥମ ଜୈବଗ୍ୟାସ୍ ଚାଳିତ ଜାହାଜର ମାନ୍ୟତା ପାଇବ । ଉଲ୍ଲେଖଯୋଗ୍ୟ, ସ୍ଥଳପଥରେ ଚାଲୁଥିବା ଯାନବାହାନ ଠାରୁ ଜାହାଜ ପାଇଁ ବହୁ ଅଧିକ ପରିମାଣର ଜୀବାଶ୍ମ ଇନ୍ଧନ ଶକ୍ତି ଆବଶ୍ୟକ ହୁଏ । ସାମୁଦ୍ରିକ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏହା ଏକ ବଡ଼ କାରଣ । ଏଥିରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ କମ୍ପାନୀ ଏପରି ପଦକ୍ଷେପ ନେଇଥିବା ପ୍ରକାଶ ।

# କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ନାଗରିକମାନଙ୍କ ନିମନ୍ତେ ଘର ପାଖରେ କୋଭିଡ଼ ପ୍ରତିଷେଧକ ଟିକା କେନ୍ଦ୍ର (ଏନଏଚସିଭିସି) ସଂପର୍କରେ ରାଜ୍ୟ/ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ଦିଶାନିର୍ଦ୍ଦେଶ ପ୍ରଦାନ

କୋଭିଡ୍ ୧୯ ଟିକାକରଣ ସମ୍ବନ୍ଧୀତ ରାଷ୍ଟ୍ରୀୟ ବିଶେଷଜ୍ଞ ଗୋଷ୍ଠୀ (ଏନଇଜିଭିଏସି) ପକ୍ଷରୁ ବରିଷ୍ଠ ଏବଂ ଦିବ୍ୟାଙ୍ଗ ନାଗରିକମାନଙ୍କ ନିମନ୍ତେ ଘର ନିକଟରେ କୋଭିଡ୍ ଟିକାକରଣ କେନ୍ଦ୍ରମାନ (ଏନଏଚସିଭିସି) ଜନିତ ଦିଶାନିର୍ଦ୍ଦେଶ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ ମନ୍ତ୍ରଣଳଳୟର ଏକ ପ୍ରଯୁକ୍ତି ବିଶେଷଜ୍ଞ ସମିତି ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ସୁପାରିଶ କରିଛନ୍ତି । ଏହି ସୁପାରିଶକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ ବିଧିବଦ୍ଧ ଭାବେ ଗ୍ରହଣ କରିଛି । ଦେଶର ବରିଷ୍ଠ ଓ ଦିବ୍ୟାଙ୍ଗ ନାଗରିକମାନଙ୍କ ନିମନ୍ତେ ଏନଏଚସିଭିସି ଏକ ଗୋଷ୍ଠୀ ଆଧାରିତ, ସରଳ ଏବଂ ଜନକୈନ୍ଦ୍ରିକ ଦୃଷ୍ଟିକୋଣକୁ ପାଳନ କରିବ ଯଦ୍ୱାରା କୋଭିଡ୍ ପ୍ରତିଷେଧକ ଟିକାକରଣ କେନ୍ଦ୍ରଗୁଡ଼ିକ ଘର ନିକଟକୁ ଅଣାଯାଇପାରିବ । ପ୍ରଯୁକ୍ତି ବିଶେଷଜ୍ଞ କମିଟିର ସୁପାରିଶର ମୂଳ ଉଦ୍ଦେଶ୍ୟ ହେଲା ଶାରୀରିକ ସ୍ଥିତି କାରଣରୁ କମିଟି ଗତିଶୀଳତାଯୁକ୍ତ ବରିଷ୍ଠ ନାଗରିକମାନଙ୍କ ଏବଂ ଦିବ୍ୟାଙ୍ଗ ଲୋକମାନଙ୍କ ଟିକାକରଣକୁ ସୁନିଶ୍ଚିତ କରାଯାଇପାରିବ । ଏହି ସୁପାରିଶକୁ ସମୟାନ୍ତରେ ଜାରି ପରିଚାଳନା ସମ୍ବନ୍ଧିତ ଦିଶାନିର୍ଦ୍ଦେଶ ଓ ପରାମର୍ଶ ଅନୁସାରେ ସମସ୍ତ ଆବଶ୍ୟକ ସତର୍କତା ଏବଂ ସୁରକ୍ଷା ଉପାୟମାନ ଅନୁପାଳନ ସହିତ ଟିକାକରଣ ସେବାକୁ ଜନସାଧାରଣଙ୍କ ନିକଟବର୍ତ୍ତୀ କରାଯାଇ ଟିକା ପର୍ଯ୍ୟନ୍ତ ପହଞ୍ଚାଯିବାର ଆବଶ୍ୟକତା ଅନୁରୂପ କରାଯିବ । ଘର ପାଖରେ ଥିବା କୋଭିଡ୍ ଟିକାକରଣର ଏହି କେନ୍ଦ୍ରମାନ ନିମ୍ନରେ ପ୍ରଦତ୍ତ ଯୋଗ୍ୟ ହିତଧାରକମାନଙ୍କ ପାଇଁ ସ୍ଥାପନ କରାଯିବ ଯଦ୍ୟପି ଅନ୍ୟ ସମସ୍ତ ଆୟୁବର୍ଗର ହିତାଧିକାରୀମାନଙ୍କ ନିମନ୍ତେ ଟିକାକରଣର ବର୍ତ୍ତମାନର ସିଭିସି ଅନୁସାରେ ଜାରି ରହିବ । ଏନଏଚସିଭିସିରେ କୋଭିଡ ୧୯ ଟିକାକରଣ ନିମନ୍ତେ କେଉଁମାନେ ଯୋଗ୍ୟ ବ୍ୟକ୍ତି ବୋଲି ବିବେଚିତ ହେବେ:

୧. ୬୦ ବର୍ଷରୁ ଉର୍ଦ୍ଧ୍ୱ ଆୟୁଯୁକ୍ତ ବ୍ୟକ୍ତି ଯେଉଁମାନେ ପୂର୍ବରୁ କୌଣସି ଟିକା ନେଇନଥିବେ କିମ୍ବା କେବଳ ପ୍ରଥମ ଡୋଜ୍ ଟିକା ନେଇଥିବେ ।

୨. ୬୦ ବର୍ଷରୁ କମ୍ ଆୟୁଯୁକ୍ତ ସମସ୍ତ ଦିବ୍ୟାଙ୍ଗ ନାଗରିକ ଯେଉଁମାନଙ୍କର ଶାରୀରିକ ଅବା ସ୍ୱାସ୍ଥ୍ୟଗତ କାରଣରୁ ଟିକାକେନ୍ଦ୍ରକୁ ଯିବାର ସାମର୍ଥ୍ୟ ନଥିବ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟଙ୍କ ପକ୍ଷରୁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ଏ ସଂପର୍କରେ ବିସ୍ତୃତ ଦିଶାନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏହି ଦିଶାନିର୍ଦ୍ଦେଶରେ ରହିଛି:

-ଅଣ-ସ୍ୱାସ୍ଥ୍ୟ ସୁବିଧାଯୁକ୍ତ ଏବଂ ଘର ନିକଟବର୍ତ୍ତୀ ସ୍ଥାନମାନଙ୍କରେ, ଯେପରିକି ସାର୍ବଜନୀନ କେନ୍ଦ୍ର, ଆରଡବ୍ଲୁଏ କେନ୍ଦ୍ର/ କାର୍ଯ୍ୟାଳୟ, ପଞ୍ଚାୟତ ଘର, ସ୍କୁଲ ଘର, ଜରାଶ୍ରମ ଆଦିମାନଙ୍କରେ ଆୟୋଜନ କରାଯିବାକୁ ଥିବା ଟିକାଦାନ ଅଧିବେଶନ ଅବସରରେ ଏକ ଗୋଷ୍ଠୀ ଆଧାରିତ ଦୃଷ୍ଟିକୋଣକୁ ଆପଣାଯିବା ଆବଶ୍ୟକ ।

-ଯୋଗ୍ୟ ନାଗରିକମାନଙ୍କ ନିମନ୍ତେ ଆଧାରିତ ବ୍ୟବସ୍ଥା ଅନୁସାରେ, ଜିଲ୍ଲା ଟାସ୍କ ଫୋର୍ସ (ଡିଟିଏଫ)/ ସହରାଞ୍ଚଳ ଟାସ୍କ ଫୋର୍ସ (ୟୁଟିଏଫ), ଉଦ୍ଦିଷ୍ଟ ଜନସଂଖ୍ୟା ପର୍ଯ୍ୟନ୍ତ ଟିକାକରଣର ସେବାକୁ ପହଞ୍ଚାଇବା କାର୍ଯ୍ୟକୁ ବ୍ୟାପକ କରିବା, ବର୍ତ୍ତମାନର ସ୍ୱାସ୍ଥ୍ୟସେବାଗୁଡ଼ିକ ଉପରେ ନ୍ୟୁନତମ ପ୍ରଭାବ ପକାଇବା ସହିତ ଟିକା ନଷ୍ଟକୁ କମ୍ କରିବା ନିମନ୍ତେ ଏନଏଚସିଭିସି ଏଭଳି ସ୍ଥାନ ଚୟନ କରିବ ।

-ଟିକାକରଣ ଉଦ୍ଦେଶ୍ୟରେ ଏନଏଚସିଭିସିକୁ ବର୍ତ୍ତମାନ କାର୍ଯ୍ୟରତ ସିଭିସି ସହିତ ସଂଯୋଗ କରାଯିବ; ପ୍ରଭାବୀ ଟିକାକରଣ ନିମନ୍ତେ ଆବଶ୍ୟକ ଟିକା, ସାମଗ୍ରୀ ଏବଂ ମାନବ ସମ୍ବଳ ଉପଲବ୍ଧ କରିବା ନିମନ୍ତେ ସିଭିସି ଦାୟୀ ରହିବେ ।

-ସାର୍ବଜନୀନ ଜନସମୂହ ଏବଂ ଆରଡବ୍ଲୁଏଙ୍କ ସହଯୋଗ ଦ୍ୱାରା ଏନଏଚସିଭିସି ନିମନ୍ତେ ସ୍ଥାନ ପୂର୍ବରୁ ହିଁ ଚିହ୍ନଟ କରାଯିବ । ଏଭଳି ସ୍ଥଳୀ ପଞ୍ଚାୟତ ଘର, ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପର୍ଯ୍ୟାପ୍ତ ସ୍ଥାନ ନିମନ୍ତେ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର, ସାର୍ବଜନିନ ହଲ୍, ଆରଡବ୍ଲୁଏ ପରିସର, ମତଦାନ କେନ୍ଦ୍ର, ବିଦ୍ୟାଳୟ ଆଦି ସ୍ଥାନମାନ ହୋଇପାରେ । ଏହିସବୁ ସ୍ଥାନମାନଙ୍କରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳନା ସମ୍ପର୍କୀତ ଦିଶାନିର୍ଦ୍ଦେଶାବଳୀ ଅନୁସାରେ ଟିକାକରଣ ନିମନ୍ତେ ଗୋଟିଏ କୋଠରୀ, ଉଦ୍ଦିଷ୍ଟ ବର୍ଗର ଲୋକମାନେ ଯେପରି ସେଠାରେ ସହଜରେ ପହଞ୍ଚି ପାରୁଥିବେ, ଯେପରିକି ହ୍ୱିଲ୍ ଚେୟାରରେ ପହଞ୍ଚିବା ଲାଗି ରାମ୍ପ୍‌ର ବ୍ୟବସ୍ଥା ଥିବ, ଲୋକମାନଙ୍କ ପ୍ରତୀକ୍ଷା ନିମନ୍ତେ ଏକ କୋଠରୀ ଓ ଟିକାକରଣ ପରେ ୩୦ ମିନିଟ ପର୍ଯ୍ୟନ୍ତ ପ୍ରତୀକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସେମାନଙ୍କ ଉପରେ ନଜର ରଖିବା ଲାଗି ଅନ୍ୟ ଏକ ପ୍ରକୋଷ୍ଠ (ଅବଜରଭେସନ୍ ରୁମ୍)ର ବ୍ୟବସ୍ଥା ଥିବା ଆବଶ୍ୟକ ।

-ସିଭିସି ମାନଦଣ୍ଡର ସର୍ତ୍ତାବଳୀକୁ ପୂରଣ କରିବା ନିମନ୍ତେ ଥରେ ଚିହ୍ନଟ ଓ ଯାଞ୍ଚ ହେବା ପରେ, ଏଭଳି ସମସ୍ତ ସ୍ଥଳୀଗୁଡ଼ିକୁ କୋଭିଡ ପୋର୍ଟାଲରେ ଏନଏଚସିଭିସି ଭାବେ ପଂଜୀକରଣ କରାଯିବ ।

-ଡିଟିଏଫ/ ୟୁଟିଏଫ ସ୍ଥାନୀୟ ପରିସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପ୍ରସ୍ତାବିତ ଯୋଜନାକୁ ରୂପାୟନ କରିବା ସକାଶେ ସଂପୂର୍ଣ୍ଣ ସରଳତାର ସହିତ ଏନଏଚସିଭିସିରେ ଟିକାକରଣ ଯୋଜନା ଏବଂ ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ଦାୟୀ ରହିବେ ।

-ଏନଏଚସିଭିସିର ପ୍ରତ୍ୟେକ ଟିମ୍‌ରେ ପାଞ୍ଚଜଣ ସଦସ୍ୟ ସାମିଲ ହେବେ – ଟିମ୍ ଲିଡ଼ର (ନିଶ୍ଚିତ ଭାବେ ଜଣେ ଡାକ୍ତର ହୋଇଥିବେ), ଟିକା ପ୍ରଦାନକାରୀ ବ୍ୟକ୍ତି, କୋଭିଡ୍ ପଂଜୀକରଣ ଏବଂ/ କିମ୍ବା ଲାଭାର୍ଥୀଙ୍କୁ ଯାଞ୍ଚ କରିବା ନିମନ୍ତେ ଟିକାକରଣ ଅଧିକାରୀ- ୧, ଏବଂ ଭିଡ଼ ନିୟନ୍ତ୍ରଣ, ଟିକା ପ୍ରଦାନକାରୀଙ୍କୁ ସହାୟତା ପ୍ରଦାନ କରିବା, କୌଣସି ପ୍ରକାର ଆଇଏଫଆଇ ନିମନ୍ତେ ଟିକା ପ୍ରଦାନ ପରେ ହିତଧାରକମାନଙ୍କ ଉପରେ ୩୦ ମିଟିନ ପର୍ଯ୍ୟନ୍ତ ଦୃଷ୍ଟି ରଖିବା ସକାଶେ ସୁନିଶ୍ଚିତ କରିବା ଏବଂ କୌଣସି ଅନ୍ୟ ପ୍ରକାର ସହାୟତା ନିମନ୍ତେ ଟିକାକରଣ ଅଧିକାରୀ- ୨ ଏବଂ ୩ ।

-ଏଭଳି ସ୍ଥିତିରେ ଯେଉଁଠାରେ ବୃଦ୍ଧାଶ୍ରମ ଆଦି ଭଳି ଗୋଟିଏ ଛାତତଳେ ଉଦ୍ଦିଷ୍ଟ ହିତଧାରକମାନଙ୍କ ଏକ ସମୂହ ରୁଣ୍ଡ ହୋଇଥିବେ, ସେହି ସ୍ଥଳରେ ପରିଚାଳନା ସମ୍ବନ୍ଧୀୟ ଦିଶାନିର୍ଦ୍ଦେଶ ଅନୁସାରେ ଏନଏଚସିଭିସି ଆୟୋଜନ କରାଯାଇପାରିବ ।

ଏହି ଦିଶାନିର୍ଦ୍ଦେଶରେ ନିମ୍ନଲିଖିତ ପ୍ରସଙ୍ଗର ବିବରଣମାନ ମଧ ସାମିଲ ରହିଛି:

-ହିତାଧିକାରମାନଙ୍କ ପଂଜୀକରଣ ଏବଂ ଟିକାଦାନର ସମୟ ନିର୍ଦ୍ଧାରଣ (ଆପଏଣ୍ଟମେଣ୍ଟ)- ଏହାକୁ ଅଗ୍ରୀମ ଭାବେ କିମ୍ବା ଟିକାକରଣ ସ୍ଥଳରେ କିମ୍ବା କୋୱିନ ପୋର୍ଟାଲରେ ସୁବିଧାଜନକ ସାମୂହିକ ପଂଜୀକରଣ ପ୍ରକ୍ରିୟା

-ହିତାଧିକାରୀମାନଙ୍କ ଲାଇନ ଲିଷ୍ଟିଂ

-ଏନଏଚସିଭିସି ସ୍ଥଳକୁ ଚିହ୍ନଟ ଏବଂ ବର୍ତ୍ତମାନ କାର୍ଯ୍ୟରତ ଥିବା ସିଭିସି ସହିତ ଏହାର ସଂଯୋଗ

-ଏନଏଚସିଭିସିରେ ଟିକାକରଣ ସେସନ୍ ନିମନ୍ତେ ମାଇକ୍ରୋ ପ୍ଲାନିଂ ବ୍ୟବସ୍ଥା

- ବୟସ୍କ ନାଗରିକ ଏବଂ ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତିବିଶେଷମାନଙ୍କୁ ଯେଉଁଠାରେ କୌଣସି ପ୍ରକାର ଆବଶ୍ୟକତା ଥିବ, ଟିକାକରଣ ସ୍ଥଳ ପର୍ଯ୍ୟନ୍ତ ଯାତାୟାତର ସୁବିଧା ପ୍ରଦାନ କରିବା

-ଟିକାକରଣ କେନ୍ଦ୍ରକୁ ବୟସ୍କ ବ୍ୟକ୍ତି ଏବଂ ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତିବିଶେଷମାନଙ୍କ ଅନୁକୂଳ କରିବା

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଏହି ସମ୍ବନ୍ଧୀତ ଅଧିକାରୀମାନଙ୍କୁ ଏହି ସୁପାରିଶ ପ୍ରତି ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେବେ ଏବଂ ବର୍ତ୍ତମାନ ଜାରି ରହିଥିବା କୋଭିଡ଼ ୧୯ ଟିକାକରଣ ଅଭିଯାନ ଅଧୀନରେ ସେମାନଙ୍କୁ ବିସ୍ତୃତ ଯୋଜନା ଏବଂ ଏହାର ପ୍ରଭାବୀ ରୂପାୟନ ନିମନ୍ତେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

# ଚେକ୍ସରେ ପାଆନ୍ତୁ ଟ୍ରେଣ୍ଡି ଲୁକ୍

ଅନେକ ଭାବନ୍ତି ଚେକ୍ସ କେବଳ ପୁରୁଷଙ୍କ ଫ୍ୟାଶନ୍ । ସାର୍ଟ କି ପ୍ୟାଣ୍ଟରେ ହିଁ ଚେକ୍ସ ଭଲ ମାନିବ । ମହିଳାମାନଙ୍କ ପୋଷାକରେ କ'ଣ ଚେକ୍ସ ଭଲ ଦେଖାଯିବ । ଏଭଳି ଧାରଣାକୁ ବଦଳାଇ ଦେଇଛନ୍ତି । ଆଜିର ଫ୍ୟାଶନିଷ୍ଟାମାନେ । ଆସନ୍ତୁ ନଜର ପକାଇବା ଚେକ୍ସର ବିଭିନ୍ନ ପୋଷାକ ଉପରେ ଯାହା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେଇପାରିବ ।



**ଚେକ୍ ଶାଢ଼ି:**
ଆଜିକାଲି ଅନେକ ଡିଜାଇନର ଚେକ୍ ପ୍ରିଣ୍ଟର ଶାଢ଼ି ପ୍ରସ୍ତୁତ କରୁଛନ୍ତି । ଡିଜାଇନର୍‌ମାନଙ୍କୁ ଅନୁସରଣ କରି ଶାଢ଼ି ପ୍ରସ୍ତୁତ କରୁଥିବା ଅନେକ ସଂସ୍ଥା ଏହି ପ୍ରିଣ୍ଟ ଶାଢ଼ି ତିଆରି କରୁଛନ୍ତି । ବିବାହ ବା ସେହିଭଳି କୌଣସି ଅନୁଷ୍ଠାନରେ ଯୋଗ ଦେବାକୁ ଥିଲେ ପାରମ୍ପାରିକ କାଞ୍ଚିପୁରମ ଶାଢ଼ିରେ ଟିକେ ଟ୍ୱିଷ୍ଟ ଆଣିପାରିବେ । ଚେକ୍ ପ୍ରିଣ୍ଟର ବ୍ଲାଉଜ ଏହାସହିତ ପେୟାର ଅପ୍ କରନ୍ତୁ । ଅଫିସ ଯାଉଥିଲେ । ଚେକ୍ ପ୍ରିଣ୍ଟର ସିଫନ୍ ଶାଢ଼ି ବଢ଼ିଆ ଅପସନ୍ ରହିବ । ଏହା ସହିତ ସ୍ଲିଭ୍ ଲେସ୍ ସଲିଡ୍ କଲର୍ ବ୍ଲାଉଜ ଟିମ୍ ଅପ୍ କରନ୍ତୁ । ସମସ୍ତଙ୍କ ଠାରୁ ଆପଣ ନିଶ୍ଚିତ ଭାବେ ଭିନ୍ନ ଲାଗିବେ ।

**ଚେକ୍ସ ସ୍କର୍ଟ:**
ଏତେଦିନ ଧରି ଫ୍ଲୋରାଲ୍ ସ୍କର୍ଟ ତ ପିନ୍ଧିଥିବେ । ଏଥର ଚେକ୍ ସ୍କର୍ଟ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଚେକ୍ ସ୍କର୍ଟ ସବୁବେଳେ ଫ୍ୟାଶନେବଲ୍ । ଏହା ସହିତ କ୍ରପ ଟପ୍ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ରେଡ୍ ଚେକ୍ ସ୍କର୍ଟ ସହିତ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ସହିତ ଧଳା କିମ୍ବା ହାଲୁକା ନୀଳ ରଙ୍ଗର ଟପ୍ ପେୟାର ଅପ୍ କରନ୍ତୁ ।



**ଚେକ୍ ପ୍ୟାଣ୍ଟ:**
ଜିନ୍ସ ଏବଂ କାଜୁଆଲ୍ ପ୍ୟାଣ୍ଟ ତ ସବୁବେଳେ ପିନ୍ଧୁଥିବେ । ଏଥର ଚେକ୍ ପ୍ୟାଣ୍ଟ ଟ୍ରାଏ କରି ଦେଖନ୍ତୁ । ଟିକେ ବଡ଼ ଚେକ୍ ହୋଇଥିଲେ ଆହୁରି ଭଲ । ଏହା ସହିତ ଆପଣ ଜିନ୍ସ ସାର୍ଟ ପେୟାର ଅପ୍ କରନ୍ତୁ । ସାଙ୍ଗରେ ବିଡ୍ସ ଜୁଏଲାରୀ କ୍ୟାରି କରନ୍ତୁ । ଏତିକି ଟିକେ ସାଜସଜ୍ଜା ବୋହୋ ଲୁକ୍ ଦେବାରେ ଯଥେଷ୍ଟ ।

**ଚେକ୍ ବ୍ୟାଗ୍:**
ପୋଷାକରେ ଚେକ୍ସ ଇନ୍ କରିବା ଆପଣଙ୍କ ଇଚ୍ଛା ନୁହେଁ । ଚିନ୍ତା ନାହିଁ । ବ୍ୟାଗ ତ ଅଛି । ଏବେ ଚେକ୍ ପାଟର୍ନର ଖୁବ ସୁନ୍ଦର ସୁନ୍ଦର ବ୍ୟାଗ ବଜାରରେ ଉପଲବ୍ଧ । କେବଳ ଯେ ବ୍ରାଣ୍ଡେଡ କମ୍ପାନିରେ ଏଭଳି ବ୍ୟାଗ ମିଳୁଛି ତାହା ନୁହେଁ । ସାଧାରଣ ଦୋକାନରେ ମଧ ଚେକ୍ ବ୍ୟାଗ୍ ମିଳିଯାଉଛି । ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହିତ ଚେକ୍ ବ୍ୟାଗ ବଢ଼ିଆ କମ୍ବିନେସନ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଘଟଣର ପୂର୍ବାଭାସ...

ସାମୁଦ୍ରିକ ଝଡ଼ବାତ୍ୟା 'ୟାସ୍' ତା'ର ତାଣ୍ଡବଲୀଳା ଘଟାଇ ପ୍ରଶମିତ ହୋଇଛି । କିନ୍ତୁ ଏହା ପ୍ରଭାବରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ତେବେ ଏହି ଝଡ଼ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଯୋଗୁ ଅନେକ ଧନଜୀବନ ବର୍ତ୍ତି ଯାଇଛି । ନିକଟ ଅତୀତରେ ଏପରି ଅନେକ ସାମୁଦ୍ରିକ ଝଡ଼ବାତ୍ୟାର ମୁକାବିଲା କରି ତାହା ରାଜ୍ୟର ତଟବର୍ତ୍ତୀ କ୍ଷେତ୍ରରେ ରହୁଥିବା ଲୋକମାନଙ୍କର ଯେପରି ଦେହସୁହା ହୋଇସାରିଛି, ସରକାର ଏହାକୁ ମୁକାବିଲା କରିବା ଦିଗରେ ମଧ୍ୟ ଅନୁରୂପ ଦୋରସ୍ତ ହୋଇସାରିଛନ୍ତି । 'ୟାସ' ଏବଂ ଏହାର ଠିକ୍ ଏକ ସପ୍ତାହ ପୂର୍ବରୁ ଆରବ ସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ବାତ୍ୟା 'ଟଉକ୍ଟେ'ର ପ୍ରଭାବ ଏବେ ସରକାରଙ୍କ ଠାରୁ ଆରମ୍ଭ କରି ପାଣିପାଗ ବିଜ୍ଞାନୀ ଏବଂ ଜଳବାୟୁ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ଏତେ କମ୍ ବ୍ୟବଧାନରେ ଭାରତର ପଶ୍ଚିମ ଓ ପୂର୍ବ ଉପକୂଳରେ ଏଭଳି ଦୁଇଟି ଭୀଷଣ ଝଡ଼ବାତ୍ୟା ସୃଷ୍ଟି ହେବା ପଛରେ ନିର୍ଦ୍ଦିଷ୍ଟ କାରଣ କ'ଣ ହୋଇଥାଇପାରେ ? ପାଣିପାଗ ବିଜ୍ଞାନୀମାନେ ଏଥିପାଇଁ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପନକୁ ଏକକ ରୂପେ ଦାୟୀ କରିଛନ୍ତି । ଭାରତ ମହାସାଗର ପୃଷ୍ଠଭାଗର ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁଁ ଏହାର ପ୍ରଭାବ ପ୍ରତ୍ୟେକ୍ଷ ଭାବେ ବଙ୍ଗୋପସାଗର ଏବଂ ଆରବସାଗର ଉପରେ ପଡ଼ିଛି । ତେଣୁ ଏହି ଦୁଇ ସାଗରରେ ସୃଷ୍ଟ ଲଘୁଚାପ ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଅବପାଦ ଓ ପରେ ଘୂର୍ଣ୍ଣିବାତ୍ୟାରେ ପରିଣତ ହେଉଛି । ଛୋଟ ଛୋଟ ଲଘୁଚାପ ବଳୟ ଭୀଷଣ ସାମୁଦ୍ରିକ ଝଡ଼ବାତ୍ୟାରେ ପରିଣତ ହେବାର କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଜଳବାୟୁ ବିଜ୍ଞାନୀମାନେ ସ୍ପଷ୍ଟ ମତ ପୋଷଣ କରୁଛନ୍ତି । ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମଧ୍ୟ ଏଭଳି ମତକୁ ପୁଷ୍ଟ କରିଛନ୍ତି । ଭାରତୀୟ ଉଷ୍ଣମଣ୍ଡଳୀୟ ପାଣିପାଗ ଗବେଷଣା ପ୍ରତିଷ୍ଠାନ ସହିତ ସଂପୃକ୍ତ ଜନୈକ ବିଜ୍ଞାନୀ ରକ୍ସି ମାଥ୍ୟୁ କୋଲଙ୍କ କହିବା ଅନୁସାରେ ଭାରତ ମହାସାଗରର ଅଂଶବିଶେଷ ଭାବେ ଆରବସାଗର ପୃଷ୍ଠର ହାରାହାରି ତାପମାତ୍ରା ୨୮ ଡିଗ୍ରୀ ସେଣ୍ଟିଗ୍ରେଡ ତଳେ ରହୁଥିବାବେଳେ ବଙ୍ଗୋପସାଗର ପୃଷ୍ଠଦେଶର ହାରାହାରି ତାପମାତ୍ରା ସ୍ଥାୟୀ ଭାବେ ୨୮ ଡିଗ୍ରୀ ସେଣ୍ଟିଗ୍ରେଡ ଉପରେ ରହିଥାଏ । ସେହି କାରଣରୁ ହିଁ ୧୮୯୧ ମସିହାଠାରୁ ୨୦୦୦ ମସିହା ମଧ୍ୟରେ ଆରବସାଗର ଉପକୂଳରେ ମାତ୍ର ୯୩ଟି ଝଡ଼ବାତ୍ୟା ସଂଘଟିତ ହୋଇଥିବା ବେଳେ ବଙ୍ଗୋପସାଗର ଉପକୂଳବର୍ତ୍ତୀ କ୍ଷେତ୍ର ୩୫୦ରୁ ଅଧିକ ଭୀଷଣ ଝଡ଼ବାତ୍ୟା ଅଙ୍ଗେ ନିଭେଇଛି । କିନ୍ତୁ ଏହି ମାତ୍ରା କ୍ରମେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଭବିଷ୍ୟତରେ ତାହାର ମାତ୍ରା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । ୨୦୦୧ ଠାରୁ ୨୦୨୧ ମଧ୍ୟରେ ଭାରତର ପୂର୍ବ-ଉପକୂଳରେ ୨୮ଟି ଝଡ଼ବାତ୍ୟା ଘଟିଥିବା ବେଳେ ପଶ୍ଚିମ-ଉପକୂଳରେ ଏହାର ସଂଖ୍ୟା ୭୦ରୁ ଅଧିକ । ତେଣୁ ଏବେ ଦେଶର ଉଭୟ ପୂର୍ବ ଓ ପଶ୍ଚିମ ଉପକୂଳ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପନର ପ୍ରତ୍ୟେକ୍ଷ ପ୍ରଭାବ ସାମ୍ନାକୁ ଆସିଛି । ବାତ୍ୟା ମୁକାବିଲା ନିମନ୍ତେ ସରକାରଙ୍କ ପ୍ରସ୍ତୁତି ଏବଂ ଜନସାଧାରଣଙ୍କ ସତର୍କତା ଅବଲମ୍ବନ ସତ୍ତ୍ୱେ ଏହି ଆଶଙ୍କାକୁ ଅସ୍ୱୀକାର କରାଯାଇନପାରେ ଯେ, ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନକୁ ରୋକିବା ହିଁ ଏହାର ଏକମାତ୍ର ସମାଧାନ ପନ୍ଥା ହୋଇପାରେ । ଭାରତର ମୋଟ୍ ଜନସଂଖ୍ୟାର ପ୍ରାୟ ୧୪ ପ୍ରତିଶତ ଲୋକ ଉପକୂଳବର୍ତ୍ତୀ କ୍ଷେତ୍ରରେ ବସବାସ କରନ୍ତୁ । ଉପକୂଳବର୍ତ୍ତୀ କ୍ଷେତ୍ର ଏବେ ବାଣିଜ୍ୟ ବ୍ୟବସାୟର ପେଣ୍ଠସ୍ଥଳୀରେ ପରିଣତ ହେଉଥିବାରୁ ଏଠାକାର ଜନସଂଖ୍ୟା ବୃଦ୍ଧି ପାଇବ । ତେଣୁ ପ୍ରତିବର୍ଷ ଦେଶର ପ୍ରାୟ ୨୦ରୁ ୨୫ ପ୍ରତିଶତ ଲୋକଙ୍କୁ ଝଡ଼ବାତ୍ୟା ପ୍ରଭାବର ସାମ୍ନା କରିବାକୁ ପଡ଼ିପାରେ । କେବଳ ସେତିକି ନୁହେଁ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ହିମାଳୟରୁ ଅଧିକ ବରଫ ତରଳି ବନ୍ୟା ପରିସ୍ଥିତି ସୃଷ୍ଟି କରିବା, ଭାରତ ମହାସାଗରର ଉଷ୍ଣତା ବୃଦ୍ଧି ଯୋଗୁ ସୁଦୂର ଆଫ୍ରିକା ଓ ମଧ୍ୟପ୍ରାଚ୍ୟରୁ ପଙ୍ଗପାଳଙ୍କ ଭାରତ ଆଗମନ, ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁ, ଆଫ୍ରିକାରେ ବନ୍ୟା ଏବଂ ମୌସୁମୀ ବର୍ଷାର ଅନିଶ୍ଚିତତା ଭାରତ ସମେତ ସମଗ୍ର ବିଶ୍ୱକୁ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଆଗେଇ ନେବା ପରି ପ୍ରତୀୟମାନ ହୁଏ । ତେଣୁ ୨୦୧୯ ମସିହାର ମିଳିତ ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଶିଖର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନର ମିଳିତ ମୁକାବିଲା ସକାଶେ ବିପର୍ଯ୍ୟୟ ସହନଶୀଳ ସଂସାଧନ ସୃଷ୍ଟି ନିମନ୍ତେ ବୈଶ୍ୱିକ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନର ମହତ୍ତ୍ୱ ଅଧିକ ବାସ୍ତବଧର୍ମୀ ବୋଲି ପ୍ରତୀୟମାନ ହୁଏ ।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ





ଭାଗିରଥୀ ସ୍ୱାଇଁ

ସାମ୍ପ୍ରତିକ ସମୟରେ ସୁସ୍ଥ ଓ ନିରୋ ଜୀବନଯାପନ ପାଇଁ ଯୋଗ ଏକାନ୍ତ ଅପରିହାର୍ଯ୍ୟ। ମନର ଚିନ୍ତାକୁ ନିୟନ୍ତ୍ରଣ କରିବାକୁ ଯୋଗ କୁହାଯାଏ। ଖ୍ରୀ.ପୂ. ୫୦୦୦ ବର୍ଷ ପୂର୍ବେ ପାତଞ୍ଜଳି ମହର୍ଷି ଅଷ୍ଟାଙ୍ଗ ଯୋଗ ସୂତ୍ରକୁ ଉଦ୍ଭାବନ କରିଥିଲେ। ଏହା ଆଠଗୋଟି ଅଙ୍ଗକୁ ନେଇ ସୃଷ୍ଟ। ସେଗୁଡ଼ିକ ହେଲା - ଯମ, ନିୟମ, ଆସନ, ପ୍ରଣାୟନ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ ଆଦି ହିଁ ଯମ। ଆତ୍ମ ନିୟନ୍ତ୍ରଣ ପାଇଁ ଜୀବନ ମାର୍ଗ। ଶୌଚ, ସନ୍ତୋଷ, ତପ (ସହ୍ୟ କରିବା ଶକ୍ତି) ସ୍ୱାଧାୟ (ନିଜ ବିଷୟରେ ଅଧ୍ୟୟନ) ଏବଂ ଈଶ୍ୱର ପ୍ରଣିଧାନ (ପବିତ୍ର କାର୍ଯ୍ୟ ପାଇଁ ଉତ୍ସର୍ଗ କରିବା) ଆଦି ହିଁ ନିୟମ ଅଟେ। ଶରୀରର ଅଙ୍ଗଭଙ୍ଗୀ ମାନସିକ ସନ୍ତୁଳନ ରକ୍ଷା କରିବା ହିଁ ଆସନ କୁହନ୍ତି। (ପ୍ରାଣକୁ ଆୟତ କରିବା) ନିଃଶ୍ୱାସ ଓ ପ୍ରଶ୍ୱାସ ଦ୍ୱାରା ପେଟ ଓ ଛାତିର ମାଂସପେଶୀ ଗୁଡ଼ିକର ସଂକୋଚନ ଓ ପ୍ରସାରଣ। ଫଳରେ ଶ୍ୱାସରୋଗର ପ୍ରକୋପ ହ୍ରାସ ହୋଇଥାଏ। ଫୁସ୍‌ଫୁସ୍‌ର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୁଏ। ହେବା ଫଳରେ ମନ ଓ ଶରୀର ସୁସ୍ଥ ରହିଥାଏ। ପରିହାର କରି ମନକୁ ନିର୍ମଳ କରିବାକୁ ହିଁ ପ୍ରତ୍ୟାହାର କୁହାଯାଇଥାଏ। ଏକାଗ୍ର ଚିତ୍ତରେ ଚିନ୍ତା କରିବାକୁ ଧାରଣ କୁହାଯାଏ। ମଣିଷ ମନରୁ ବାହ୍ୟ ଚିନ୍ତା ଦୂର କରି ଧ୍ୟାନ କରିବା ହିଁ ଧ୍ୟାନ କୁହାଯାଇଥାଏ। ଜୀବାତ୍ମା ଓ ପରମାତ୍ମାର ମିଳନ, ତ୍ରାଣକର୍ତ୍ତା ଈଶ୍ୱରଙ୍କ ପାଖରେ ସମର୍ପଣ ଭାବନାକୁ ହିଁ ସମାଧି କୁହାଯାଇଥାଏ। ଏହାହିଁ ଅଷ୍ଟାଙ୍ଗ ଯୋଗ ନାମରେ ସୁପ୍ରସିଦ୍ଧ। ଯାହା ମାନବ ସମାଜ ପାଇଁ ମହର୍ଷି ପାତଞ୍ଜଳି ଋଷିଙ୍କ ଅମର ବରଦାନ ସଦୃଶ। ମହର୍ଷି ପାତଞ୍ଜଳୀ ବ୍ୟାଧି ବାଖ୍ୟା କରିଅଛନ୍ତି। ରୋଗୀର ଶରୀର ଓ ମନରେ କେତେକ ଅପ୍ରୀତିକର ଲକ୍ଷଣ ପ୍ରକାଶ ପାଇଥାଏ। ଏହା କ୍ଷତିକାରଣ ଅଟେ। ରୋଗ ଅବସ୍ଥାରେ ଆସନ ଓ ପ୍ରାଣାୟମ କରିବାକୁ ମହର୍ଷି ପାତଞ୍ଜଳୀ ବାରଣ କରିଅଛନ୍ତି। ସୁସ୍ଥ ମନ ଓ ଶରୀରରେ ଯୋଗାଭ୍ୟାସ କରିବା ଅତ୍ୟନ୍ତ ଉପାଦେୟ ହୋଇଥାଏ। ଯୋଗ ରୋଗର ଚିକିତ୍ସା ପାଇଁ ନୁହେଁ ।

+ ମୋ-୯୪୩୮୦୪୦୮୭୧

## ଏକ ଦୁଃଖଦ ମୁହୂର୍ତ୍ତରୁ...(୨)



ପଙ୍କଜ କୁମାର ପାଣିଗ୍ରାହୀ

"ବିଶ୍ୱାସ ଅନ୍ଧ ବୋଲି
ମଣିଷ ବୁଝିବ ଯେବେ,
ଆତଙ୍କ ବିଭିଷୀକାରୁ
ନିସ୍ତାର ପାଇବ ସେବେ!"

କିଛି ଲୋକ ଭୁତକୁ ଦେଖିପାରନ୍ତି, ଆଉ କିଛି ଭୁତାଣୁକୁ । ବଡ କୌତୁହଳପୂର୍ଣ୍ଣ କଥାଯେ ଯେଉଁମାନେ ଭୁତକୁ ଦେଖିପାରନ୍ତି ସେମାନେ ଭୁତାଣୁକୁ ଦେଖିପାରନ୍ତି ନାହିଁ ! ଯେଉଁମାନେ ଭୁତାଣୁକୁ ଦେଖିପାରନ୍ତି ସେମାନେ ଭୁତକୁ ଦେଖିପାରନ୍ତି ନାହିଁ ! ଆଉ ଯେଉଁମାନେ ଏହି ଦୁଇଟିକୁ ଦେଖିପାରନ୍ତି ନାହିଁ ସେମାନେ ଏହି ଦୁଇଟିକୁ ଦେଖିବା ଲୋକଙ୍କ ଠାରୁ ଯଥେଷ୍ଟ ଅଧିକ ଦେଖନ୍ତି ! କିପରି, ବିଚାର କରିବା...... ?!

ମଣିଷର ବିଶ୍ୱାସ ଜନିତ ମନସ୍ତାତ୍ତ୍ୱିକ ଭାବଧାରରୁ ନିର୍ଗତ ଦୃଷ୍ଟିକୋଣରେ ସବୁକିଛି ସମ୍ଭବ ହୋଇଥାଏ । ତେଣୁ କୌଣସି କଥା ହେଉକି ବିଷୟ, ତାକୁ ଦେଖି ଶୁଣି ମଣିଷ ନିଜର ମନସ୍ତାତ୍ତ୍ୱିକ କ୍ଷମତା ପ୍ରୟୋଗ କରି ଅନେକ କିଛି ଦେଖିପାରେ, ଭାବଧାରା ସୃଷ୍ଟି କରିପାରେ । ପ୍ରତ୍ୟେକ ମଣିଷ ନିଜକୁ ନିଜେ ପଚାରି ଦେଖିଲେ ଜାଣିପାରିବେ ଯେ..... ଯେତେବେଳେ କୌଣସି ସୁଖ, ଆନନ୍ଦ ଦାୟକ ବିଷୟଟିଏ ଦେଖିବାକୁ, ଶୁଣିବାକୁ ମିଳେ ଆମେ କୌଣସି ବିଶ୍ଳେଷଣାତ୍ମକ ଭାବନା ମନରେ ସୃଷ୍ଟି ନକରି କେବଳ ତାହାର ଭରପୁର ଆନନ୍ଦ ଉଠାଇଥାଉ । କିନ୍ତୁ କୌଣସି ଦୁଃଖଦ କିମ୍ବା ଆତଙ୍କିତ ବିଷୟରେ ଆମେ ଏତେ ଭାବୁକ ହୋଇପଡୁ ଯେ ବିଶ୍ଳେଷଣାତ୍ମକ ଭାବନାର ଅନ୍ତ ନଥାଏ ଆମର ଯାହା ବିଯୁକ୍ତାତ୍ମକ ଦୃଷ୍ଟିକୋଣ ସୃଷ୍ଟି କରିବାରେ ଅସୀମ ଦୂର ଚାଲିଯାଇଥାଏ । ଆଉ ସେହି ବିଯୁକ୍ତାତ୍ମକ ବିଚାର ବୁମେରାଂ ଭଳି କାର୍ଯ୍ୟ କରେ ଯାହା ଆମ ଅବଚେତନ ଜ୍ଞାନର ଭାବନାକୁ ଯଥେଷ୍ଟ କୁଠାରାଘାତ କରି ସମୟରେ ହୃଦଘାତ, ମସ୍ତିଷ୍କଘାତ ଜନିତ ମଣିଷର ସ୍ପନ୍ଦନ ବନ୍ଦ କରିଦେବାରେ ସାହାଯ୍ୟ କରିଥାଏ ।

ଭାରତୀୟ ଶାସ୍ତ୍ରୀୟ ବିଚାରର ଗୋଟିଏ ଉକ୍ତି ଅଛି- ଯେବେ ନଦେଖିବ ଦୁଇ ନୟନେ, ପରତେ ନଯିବ ଗୁରୁ ବଚନେ ! ଅର୍ଥାତ ସ୍ୱଚକ୍ଷୁରେ ନଦେଖିବା ପର୍ଯ୍ୟନ୍ତ ଆମେ ଗୁରୁ ବୋଲି ମାନ୍ୟତା ଦେଇଥିବା ମଣିଷକୁ ମଧ୍ୟ ବିଶ୍ୱାସକୁ ନିଆଯାଇ ନପାରେ ବୋଲି ସେହି ମହାନ ଗୁରୁତୁଲ୍ୟ ଆମର ପୂର୍ବଜଙ୍କ ଏହି ଉକ୍ତି । କିନ୍ତୁ ତଥାପି ବିଶ୍ୱାସ ନକରି ମଣିଷ ସମାଜରେ ବଂଚିବା ଅସମ୍ଭବ । ଅର୍ଥାତ ଆମକୁ ବିଶ୍ୱାସ କରିବାକୁ ପଡିବ, କିନ୍ତୁ ସେହି ବିଶ୍ୱାସକୁ ମଧ୍ୟ ସନ୍ଦେହ ଘେରରେ ରଖି ପ୍ରତ୍ୟେକ ମୁହୂର୍ତ୍ତରେ ତାହାର ସତ୍ୟାସତ୍ୟ ଅନୁସନ୍ଧାନ କରୁଥିବାକୁ ପଡିବ । ନହେଲେ ସବୁ କଥା, ବିଷୟକୁ କେବଳ ବିଶ୍ୱାସରେ ଗ୍ରହଣ କଲେ ତାହା ଅନ୍ଧ କରି ଆମକୁ କେତେବେଳେ ଉଜାଡିଦେବ ନିଜେ ଜାଣି ନଥିବା । ଅର୍ଥାତ ଅନ୍ଧ ଭଳି କୌଣସି କଥାକୁ ବିଶ୍ୱାସ ନକରି ତାହାର ସତ୍ୟାସତ୍ୟ ତଥ୍ୟ ଭିତ୍ତିକ ଅନୁସନ୍ଧାନ କରି ବାସ୍ତବତାକୁ ଅନୁଭବ କଲାପରେ ହିଁ ଗ୍ରହଣ କରାଯିବା ଉଚିତ ହେବ ।

ସବୁ କଥା, ସବୁ ବିଷୟ ସମସ୍ତ ମଣିଷ ଦେଖି, ପରଖି ଜାଣିବା ପରେ ଗ୍ରହଣ କରିବା ସମ୍ଭବ ନୁହେଁ । କାରଣ ବିଶାଳ ଦୁନିଆର ଅସୀମ କଥାକୁ ଜଣେ ମଣିଷ ତାହାର ଜୀବନକାଳ ମଧ୍ୟରେ କରାୟତ କରିପାରିବା ଭଳି କ୍ଷମତା ପ୍ରକୃତି ପ୍ରଦାନ କରିନାହିଁ ମଣିଷକୁ । ତେଣୁ ଭିନ୍ନ ଭିନ୍ନ କ୍ଷେତ୍ରରେ ଅଭିଜ୍ଞ, କାର୍ଯ୍ୟରତ ମଣିଷଙ୍କ ନାନାବିଦ୍ଧ ବିଷୟକୁ ସମାଜରେ ବାଣ୍ଟିକୁଣ୍ଟି ଚଳିବା ସଭ୍ୟ ସମାଜର ଗୋଟିଏ ନୀତି । ହେଲେ ସମୟ, ପରିବେଶ, ପରିସ୍ଥିତିକୁ ନେଇ କେତେକ କ୍ଷେତ୍ରର ମଣିଷ ଗୁଡିଏ ସେମାନଙ୍କ ଜ୍ଞାନକୁ ବ୍ୟବସାୟିକ ଦୃଷ୍ଟିକୋଣରେ ରଖି ଅନ୍ୟକୁ ପ୍ରତାରିତ କରୁଥିବା ବିଷୟ ସମସ୍ତଙ୍କୁ ଜଣା । ତେଣୁ ସ୍ଥଳବିଶେଷକୁ ନେଇ ମଣିଷ ନିଜର ଯଥା ସମ୍ଭବ ଅନ୍ତର୍ଜ୍ଞାନ ସୃଷ୍ଟିକରି ନିଜେ ହିଁ ବୁଝି, ପରଖି ସତ୍ୟାସତ୍ୟ ଉନ୍ମୋଚନ କରି ଗ୍ରହଣ କରିବାକୁ ଅକ୍ଷମ ହେଲେ କାହାଦ୍ୱାରା ଘୋଷିତ ବିଷୟକୁ ନେଇ ପ୍ରତାରିତ ହେବା ସୁନିଶ୍ଚିତ ଯେଉଁଥିରୁ ନିସ୍ତାର ନାହିଁ । ବୁଝିବା ମଣିଷ ନିଜେ ଭଲରେ ରହିଥିବାବେଳେ ଅବୁଝା, ନିର୍ବୋଧ କୁଚକ୍ରୀଙ୍କ ଷଡ଼ଯନ୍ତ୍ରର ଶିକାର ହେବା ଅନିବାର୍ଯ୍ୟ ।

ତେଣୁ ନିର୍ବୋଧ ସବୁବେଳେ ସବୁକଥାରେ ଅନ୍ୟ ଉପରେ ନିର୍ଭର କରି ବିଶ୍ୱାସ କରିବାକୁ ବାଧ ହୋଇ ପ୍ରତାରିତ ହୋଇ ଚାଲିଥିବା ଏକ କ୍ରମାନୁଗତିକ ଦୁଃଖଦ ପରମ୍ପରା ଆମ ସମାଜର ଯାହା ଅନୁଧ୍ୟାନ କଲେ ଜାଣିହେବ । ଅର୍ଥାତ ସେହି ଭୁତ ଆଉ ଭୁତାଣୁକୁ ଦେଖିପାରୁଥିବା କେତେକ ମଣିଷ ଜନସମାଜରେ ତାହାର ପ୍ରକୋପ, କ୍ଷମତା ବିଷୟରେ ଯାହାସବୁ ବର୍ଣ୍ଣନା ପ୍ରଚାର, ପ୍ରସାର କରିଥାନ୍ତି, ସେଗୁଡିକୁ କୌଣସି ମତେ ଦେଖିପାରିବା କ୍ଷମତାବିହୀନ ମଣିଷ ସେସବୁ ଅନ୍ଧ ଭଳି ଗ୍ରହଣ କରିବାକୁ ବାଧ ହୋଇ ଏତେ ଭାବୁକ ହୋଇପଡ଼ନ୍ତି ଯେ ନିଜର ହିତାହିତ ଜ୍ଞାନ ଶୂନ୍ୟ ହୋଇ ଦେଖୁଥିବା ମଣିଷଙ୍କ ଠାରୁ ଯଥେଷ୍ଟ ଦୁରକୁ ଦେଖିପାରନ୍ତି ନିଜ ଦାର୍ଶନିକ ଦୃଷ୍ଟିକୋଣକୁ ବ୍ୟବହାର କରି ! ଭୁତ ଆଉ ଭୁତାଣୁ କ'ଣ କରିପାରନ୍ତି ସେବିଷୟରେ କୌଣସି ଜ୍ଞାନ ନଥାଇ କେବଳ ସେଗୁଡିକ ବିଷୟରେ ଯାହା ଶୁଣିବାକୁ ମିଳିଥାଏ ତାହାରି ଉପରେ ଗୁଣାତ୍ମକ ବିଚାର ସୃଷ୍ଟି କରି ନିଜକୁ ନିଜେ ଅସନ୍ତୁଳିତ, ଅସ୍ଥିରତାପ୍ରବଣ କରିବା ପ୍ରତ୍ୟେକ ମଣିଷର ଏକ ସାଧାରଣ ପ୍ରାକୃତିକ ଚରିତ୍ର । ତଜ୍ଜନିତ ବିପରୀତମୁଖୀ ଚେତନାର ଅସୀମ ଭାବାବେଗ ସ୍ଥଳବିଶେଷରେ ସେମାନଙ୍କ ଜୀବନ ବିପନ୍ନ / ହାନି କରୁଥିବା ଏକ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି, କେହି ଅସ୍ୱୀକାର କରିପାରିବେ ନାହିଁ !

ପରିସ୍ଥିତି, ପରିବେଶର ଅନୁକୂଳତାକୁ ନଜରରେ ରଖି ବିଭିନ୍ନ ସମୟରେ କେତେକ କୁଚକ୍ରୀ କେତେକ ଆତଙ୍କ ମୂଳକ ପରିସ୍ଥିତି ସୃଷ୍ଟିକରି ଜନସମାଜରେ ଅସ୍ଥିରତା, ଉଦ୍‌ବେଗ, ଭୟ ପ୍ରସାରିତ କରି ଅଲୌକିକ କ୍ରିୟା ମାଧ୍ୟମରେ ନିଜସ୍ୱ ସ୍ୱାର୍ଥ ହାସଲ କରିଆସୁଥିବା ଏକ କ୍ରମାନୁଗତିକ ପ୍ରକ୍ରିୟା ଯାହା ସାଧାରଣ ଲୋକଙ୍କ ସ୍ମରଣୀକା ବହିର୍ଭୁତ ହୋଇଥାଏ । ତେଣୁ ସମୟର ସୁଯୋଗ ନେଇ କେତେବେଳେ କିଏ କେଉଁ ପ୍ରକାର ଆତଙ୍କ ସୃଷ୍ଟି କରିବ କାହାକୁ ଜଣାନଥାଏ । ହଠାତ କୌଣସି ଆତଙ୍କିତ ଖବରରେ ବିଚଳିତ ହୋଇ ସାଧାରଣ ମଣିଷ ନିଜର ମାନସିକ ଭାରସାମ୍ୟ ହରାଇ ପରୋକ୍ଷରେ ପ୍ରତାରିତ ହେଉଥିବା ଭାବବହିର୍ଭୁତ ହୋଇଥାଏ ସେମାନଙ୍କର । ତେଣୁ କୌଣସି ବିଷୟକୁ ମନକୁ ନେବା ପୂର୍ବରୁ ନିଜର ସମସ୍ତ ସ୍ମରଣିକାକୁ ତେଜୀୟାନ କରି ବୁଝି ବିଚାରି ଗ୍ରହଣ ନକରି ଅନ୍ଧ ଭଳି ଗ୍ରହଣ କରିବା ନିଜପାଇଁ ସ୍ୱାସ୍ଥ୍ୟକର ହୋଇନପାରେ। ଅର୍ଥାତ କାହାର କୌଣସି କଥାକୁ ଅନ୍ଧ ଭଳି ବିଶ୍ୱାସ ନକରି ଯେତେ ସମୟ ଲାଗିଲେ ମଧ୍ୟ ସେଗୁଡିକୁ ଭଲଭାବେ ତର୍ଜମା, ଅନୁଶୀଳନ କରି ସତ୍ୟାସତ୍ୟ ଜାଣିବା ପରେହିଁ ଗ୍ରହଣ କରାଗଲେ ଯେ ନିଜର ଜୀବନ ସରଳ, ସୁଶୀଳ ହୋଇ ପାରିବ ବୋଲି ଆମ ବିଚାରରେ ଆପଣଙ୍କ ବିଚାରଧାରା ବ୍ୟକ୍ତ କରିବେ ବୋଲି ଆଶା.....!

+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
(ମୋ)୯୪୩୭୩୨୪୯୧୭.

## ବାତ୍ୟା ପରିଚାଳନା ମିଶନ ସଫଳ ଦକ୍ଷ ନେତୃତ୍ୱ ଜୀବନହାନିକୁ ରୋକିପାରିଛି



ସୌଭାଗ୍ୟ ରଂଜନ ମହାନ୍ତି

ଶେଷରେ ସାମୁଦ୍ରିକ ବାତ୍ୟା 'ୟାସ୍'ର ବିପଦ ଟଳିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଆକଳନ ଅନୁଯାୟୀ ଯେପରି ଭୟଙ୍କର ହେବ ବୋଲି କୁହାଯାଇଥିଲା, ସେପରି ହୋଇନାହିଁ ସତ, ମୁଷଳଧାରାରେ ବର୍ଷା ଓ ଉଚ୍ଚ ଜୁଆର ଓ ଆକସ୍ମିକ ବନ୍ୟାରେ ଶତାଧିକ ଗ୍ରାମ ଜଳବନ୍ଦୀ ହୋଇଯାଇଥିବାବେଳେ ଲକ୍ଷଲକ୍ଷ ହେକ୍ଟର ଚାଷଜମି ଜଳମଗ୍ନ ହୋଇଯାଇଛି। ପବନରେ ହଜାର ହଜାର ଗଛ ଉପୁଡି ପଡିଛି, ବିଦ୍ୟୁତ ଖୁଂଟ ଉପୁଡି, ତାର ଛିଡି ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି, ହଜାର ହଜାର କଚା ଘର କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟି(ଶୂନ୍ୟ ମୃତ୍ୟୁ) ତଥା ପ୍ରତିଟି ଜୀବନ ମୂଲ୍ୟବାନ ମିଶନ ସତ୍ୟରେ ପରିଣତ ହୋଇଛି ବୋଲି ଯେ କେହି ସ୍ୱୀକାର କରିବେ, ଏଥବରେ ସନ୍ଦେହର ଅବକାଶ ନାହିଁ। ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲାରେ ପୂର୍ବ ଅନୁଭୂତି, ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ଇଚ୍ଛାଶକ୍ତି ଏବଂ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରପି) ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ଦକ୍ଷ, ବିଚକ୍ଷଣ ବାତ୍ୟା ପରିଚାଳନା ଆଭିମୁଖ୍ୟ ଯୋଗୁଁ ରାଜ୍ୟ ସରକାର ଜିରୋ କାଜୁଆଲିଟି ମିଶନରେ ସଫଳ ହୋଇଛନ୍ତି ବୋଲି କୁହାଯାଇପାରିବ। ଆଇଏମଡିର ଆକଳନ ଅନୁସାରେ 'ୟାସ୍'ର ତୀବ୍ରତା ନେଇ ଉପକୂଳବର୍ତ୍ତୀ ୧୧ଟି ଜିଲ୍ଲାର ଜନସାଧାରଣ ଆତଙ୍କିତ ହୋଇପଡିଥିବା ବେଳେ ରାଜ୍ୟ ସରକାର ଏବଂ ଏସଆରସିଙ୍କ ବାତ୍ୟା ପରିଚାଳନାରେ ମାତ୍ର ୩ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କର ଗଛ ପଡି ମୃତ୍ୟୁ ଘଟିଥିବା ଏବଂ ଜଣଙ୍କର କାନ୍ଥପଡି ଜୀବନ ଯାଇଥିବା କୁହାଯାଇଛି। ବାତ୍ୟା 'ୟାସ୍' ତୀବ୍ରତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖାଲୁଆ ଅଂଚଳରୁ ମାତ୍ର ୪୮ ଘଂଟା ମଧ୍ୟରେ ସାଢେ ୬ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନ ତଥା ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିଥିବାରୁ ପ୍ରତିଟି ଜୀବନ ସୁରକ୍ଷିତ ହୋଇପାରିଛି। ଜୀବନ ହାନୀକୁ ରୋକାଯିବା ସମ୍ଭବ ହୋଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। କହିବା ବାହୁଲ୍ୟ ଯେ, ବାତ୍ୟା ମୁକାବିଲାରେ ରାଜ୍ୟ ସରକାର ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି। କିନ୍ତୁ ମହାମାରୀ କରୋନା କାଳରେ ସାମୁଦ୍ରିକ ବାତ୍ୟା 'ୟାସ୍' ପ୍ରଳୟରେ ପ୍ରତିଟି ଜୀବନ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଲକ୍ଷ୍ୟ, ଅଭିପ୍ରାୟ ସଫଳ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସାଢେ ୨୦ ବର୍ଷ ମଧ୍ୟରେ ରାଜ୍ୟ ୮ଟି ସାମୁଦ୍ରିକ ବାତ୍ୟାରେ ସମ୍ମୁଖୀନ ହୋଇଛି। ୧୯୯୯ ମହାବତ୍ୟାରେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ୧୦ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ହଜାର ହଜାର କୋଟି ଟଙ୍କାର ସମ୍ପତି କ୍ଷୟକ୍ଷତି ହୋଇଥିଲା। ସ୍ମରଣଯୋଗ୍ୟ ଯେ, ୧୯୯୯ ଅକ୍ଟୋବର ମାସରେ ରାଜ୍ୟ ମାତ୍ର ଗୋଟିଏ ସପ୍ତାହ ବ୍ୟବଧାନରେ ଦୁଇଟି ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଥିଲା। ଅକ୍ଟୋବର ତୃତୀୟ ସପ୍ତାହରେ ଗୋଟିଏ ବାତ୍ୟା ଗଞ୍ଜାମ, ଗଜପତି, କୋରାପୁଟ ଜିଲ୍ଲାରେ ଖଣ୍ଡପ୍ରଳୟ ସୃଷ୍ଟି କରିଥିବାବେଳେ ଶେଷ ସପ୍ତାହରେ ମହାବାତ୍ୟା ରାଜ୍ୟର ଅର୍ଦ୍ଧେକ ଜିଲ୍ଲାରେ ତାଣ୍ଡବ ସୃଷ୍ଟି କରିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ନିଜ ଗାଦୀ ରକ୍ଷା କରିବାର ବ୍ୟସ୍ତ ଥିବାବେଳେ ମୁଖ୍ୟ ଶାସନ ସଚିବ ବିଦେଶରେ ଥିଲେ। ସେତେବେଳେ ସେ ନିଜେ ବନ୍ୟାକୁ ଦେଖିବା ପାଇଁ ଆମେରିକା ଗସ୍ତରେ ଥିଲେ ବୋଲି ସମ୍ବାଦପତ୍ରରେ ରିପୋର୍ଟମାନ ପ୍ରକାଶ ପାଇଥିଲା। କିନ୍ତୁ ସେତେବେଳେ କଟକର ଜିଲ୍ଲାପାଳ ଥିବା ଯୁବ ଆଇଏଏସ ଶ୍ରୀ ଜେନା ମହାବାତ୍ୟାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନିତ ପାଇଁ ରାତି ତମାମ ନିଜ କାର୍ଯ୍ୟାଳୟରେ ବସି ରହି ପରିସ୍ଥିତି ପ୍ରତି କଡା ନଜର ରଖିବା ସହ ଅନ୍ୟ କର୍ମଚାରୀଙ୍କୁ ଉଜାଗର ରଖିଥିଲେ ବୋଲି କରୋନାରେ ଆକ୍ରାନ୍ତ ହୋଇ ସଙ୍ଗରୋଧରୁ ଫେରିବା ପରେ ଏସଆରସି ଶ୍ରୀ ଜେନା 'ୟାସ୍'କୁ ମୁକାବିଲା କରିବାରେ ଯେଉଁଭଳି ଦକ୍ଷତା ପ୍ରଦର୍ଶନ କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ, ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏହା ସତ୍ୟ ଯେ, ମହାମାରୀ କରୋନାର ଦ୍ୱିତୀୟ ଲହର ରାଜ୍ୟରେ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟାରେ ଦିନକୁ ଦିନ ରେକର୍ଡ ଭଙ୍ଗ କରୁଥିବାବେଳେ ସାମୁଦ୍ରିକ ବାତ୍ୟା ରାଜ୍ୟ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କର ଦୁଇ ଦୁଇଟି ବିପଦର ମୁକାବିଲା ପାଇଁ ସୁଚିନ୍ତିତ ଯୋଜନା ତଥା ରଣ କୌଶଳକୁ କାର୍ଯ୍ୟକାରୀ କରାଇବାରେ ଏସଆରସି ଜିଲ୍ଲାପାଳ ଏବଂ ପ୍ରଶାସନର କର୍ମତତ୍ପରତା ଯୋଗୁଁ ଜନସାଧାରଣ ଏକ ବଡ ବିପଦିରୁ ଆଶ୍ୱସ୍ତ ହୋଇଛନ୍ତି।

ବାତ୍ୟା ଚାଲିଯିବାର କିଛି ଘଂଟା ମଧ୍ୟରେ କ୍ଷତିଗ୍ରସ୍ତ ଅଂଚଳରେ ଉଦ୍ଧାର, ରିଲିଫ ଓ ଥଇଥାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଆରମ୍ଭ ହୋଇଛି। ମହାମାରୀ କରୋନା କାଳରେ ବାତ୍ୟା ଆଶ୍ରୟ ସ୍ଥଳରେ ଶହ ଶହ ଲୋକ ଏକତ୍ର ହୋଇଥିଲେ ମଧ୍ୟ କୋଭିଡ-୧୯ ନିୟମକୁ କଡାକଡି ପାଳନ କରାଯାଇଛି। ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା, ପରିଷ୍କାର ପରିଛନ୍ନତା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ସାଧାରଣତଃ ବାତ୍ୟା ଆଶ୍ରୟ ସ୍ଥଳରେ ଅବ୍ୟବସ୍ଥା ନେଇ ଅତୀତରେ ଲୋକଙ୍କ ଠାରୁ ଆରମ୍ଭ କରି ବିରୋଧି ଦଳ ପର୍ଯ୍ୟନ୍ତ ଅଭିଯୋଗର ସ୍ୱର ଉଠିଥିବାବେଳେ ଏଥର ସେପରି କୌଣସି ଅବ୍ୟବସ୍ଥା ନେଇ ସ୍ୱର ଶୁଣାଯାଇ ନାହିଁ। ଏହା କେବଳ ରାଜ୍ୟ ସରକାରଙ୍କ ଦକ୍ଷ ବାତ୍ୟା ପରିଚାଳନା କୌଶଳ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କୁହାଯାଇପାରିବ। ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣ କାଳରେ ଓଡିଶା ପୁଣି ଏକ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଥିବାବେଳେ ପ୍ରଭାବିତ ଅଂଚଳରେ ବିପନ୍ନଙ୍କ ଉଦ୍ଧାର, ଥଇଥାନ ଓ ରିଲିଫ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ସହାୟତା ଯଥାଶୀଘ୍ର ଦେବେ ବୋଲି ଆମେ ଆଶା କରୁ।

+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
(ମୋ) ୯୪୩୭୯୯୪୩୭୯




### ସମୟ ଚକରେ ଶଗଡ଼ ଗଲା...

ଅମରନାଥ ବାରିକ୍



ଗାଆଁକୁ ଆସିଛି ଶଗଡ଼ ଗାଡ଼ି
ପିଲାଏ ଦେଖନ୍ତି ବାନ୍ଧିଣ ଧାଡ଼ି ।
ସେଥିରେ ଲାଗିଛି ଦୁଇଟି ଚକ
ପାଲର ଛାଉଣୀ ଚଅକ ଚକ ।
ତଳେ ଝୁଲୁଥାଏ ଲଣ୍ଠନ ଗୋଟି
ଦେଖି ପିଲାମାନେ ଖୁସି ସାଉଁଟି ।
ଆଗରେ ଦୁଇଟି ବଳଦ ଛଡା
ଟାଣି ନେଉଛନ୍ତି ଅମଡା ମଡା ।
ଶଗଡ଼ିଆ ଗାଡ଼ି ଉପରେ ବସି
ଗୀତ ଗାଇ ଗାଇ ଯାଏ ସେ ହସି ।
ମୁଣ୍ଡରେ ପଗଡି ବାନ୍ଧିଛି ଭିଡ଼ି
ହାତରେ ରଖିଛି ପାଞ୍ଚଣ ବାଡ଼ି ।
ଧୋତି ଧଳାଗଂଜି ଦେହରେ ତା'ର
ପିନ୍ଧିଛି ଜତନେ ତିଳକ ଗାର ।
ଲୁଚିଲେ ସୂରୁଜ ପାହାଡ଼ ତଳେ
ଧରଣୀ ମାତାର ସାଗର କୋଳେ ।
ଅଙ୍କା ବଙ୍କା ମାଟି ସଡ଼କ ଦେଇ
ଫେରିଯାଏ ପୁଣି ବେଳ ଅନେଇ ।
ଧକଡ଼ ଚକଡ଼ ଶବଦ କରି
ଗଡୁଥାଏ କାଠ ଚକଟି ଘୂରି ।
ଏହା ଦେଖୁଥିଲେ ଛବି ବହିରୁ
ଏବେ ଦେଖୁଛନ୍ତି ଅତି ପାଖରୁ ।
ଆନନ୍ଦ ଲହରୀ ଯାଉଛି ଖେଳି
ଶିଶୁ ମାନେ ସୁଖେ ହୁଅନ୍ତି ମେଳି ।
କୁଆଡ଼େ ଗଲା ସେ ପୁରୁଣା ଦିନ
ଉଭେଇ ଗଲା ଯେ ହୋଇ ଗଗନ ।
ଆଜିକାର ପିଲା ଜାଣନ୍ତି କାହିଁ
ଶଗଡ଼ ଗାଡ଼ିର ଦେଖା ବି ନାହିଁ ।

+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
(ମୋ)୯୫୪୦୩୦୮୦୯୫
(ନୂଆଦିଲ୍ଲୀ)




### ଜୀବନ ପ୍ରଦୀପ

ଡକ୍ଟର ଲକ୍ଷ୍ମଣ ସାହୁ



ଆଜି ଅଛି ସତେ କାଲି ଯେ ନଥିବି
ଦୁଃଖ ନ କରିବ ମନେ
ଚିରା କାଗଜ ମୁଁ ଫିଙ୍ଗି ଦେବ ଥରେ
ରଖିବନି ଅକାରଣେ ।

ବିଚିତ୍ର ସଂସାର ଗଢିଅଛି ବିଧି
ସବୁ ଏଠି ସାତ ପର
ତୁଚ୍ଛ ମାୟା ମୋହ ବନ୍ଧନରେ ପଡି
ଛଟପଟ ହେବା ସାର ।

ଆଗପଛ ହୋଇ ସର୍ବେ ଚାଲୁଅଛେ
କାଳ କଢାଉଛି ବାଟ
ନିୟତ ହସୁଛି ଅଦୃଶ୍ୟ ରୂପରେ
ପଠାଇବ କାଳକୂଟ ।

ବୁଝି ନାହିଁ ସିଏ ସୁଖ ଦୁଃଖ କାର
ପଡ଼ିନାହିଁ କାର ପ୍ରେମେ
ସେ କାହୁଁ ବୁଝିବ ଜୀବନଟା କ'ଣ
ଭାବିବାକୁ ତା' ମରମେ ।

ସପନ ଯେଉଁଠି ଥରାଉଛି ଏଠି
ମୃତ୍ୟୁର କରାଳ ଛାୟା
ଡର ଡରି ନାହିଁ ଲଢୁଛି ତା'ସଙ୍ଗେ
ମେଲାଇ ମୋହର କାୟା ।

ମିଶାଣ ଫେଡାଣ ହରଣ ଗୁଣନ
ଛନ୍ଦହରା ଗଦ୍ୟ ପଦ୍ୟ
ଲିଭି ଯାଇଥିବ ଜୀବନୁ ପ୍ରଦୀପ
ଶେଷ ମୋର ଉପପାଦ୍ୟ ।

ହାତ ଯୋଡ଼ି ସଖା ମେଲାଣି ମାଗୁଛି
କାଲି କି ଥିବି ନଥିବି
ସ୍ମୃତି ପଟେ ଯଦି ଥିବି ଟିକେ ମୁହିଁ
ହସିଦେବ (ମୋ) କଥା ଭାବି ।

ତାରା ଟିଏ ହୋଇ ଫୁଟି ଥିବି ମୁହିଁ
ଆକାଶକୁ ଦେବ ଚାହିଁ
ପ୍ରୀତି ବନ୍ଧନର ସଖା ଭାବ ଆମ
କେବେ ଲିଭି ଯିବ ନାହିଁ ।।।

+ ତାରା ନିଳୟ , ପ୍ଲଟ -୮୫୪/ଏ
ଚାଚରାଶବର ସାହି ,
ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା - ୫୫ ,
(ମୋ) ୯୦୪୦ ୧୫୧୪୭୫

### ଆଖି..

ବିନୟମିଶ୍ର

ଆଖିରେ ଆଖିରେ ମରମର କଥା
ଆଖିରେ ପ୍ରୀତିର ଗାର,
କଳଙ୍କ କଜଳ ସଜଳ ଲୁହରେ
ହୃଦୟେ ଟାଣଇ ଧାର।

ବୈଶାଖୀ ଆଖି ଘନ ବରନିଆ
ନିଦାଘ ଝଞ୍ଜା ଧରି,
ଘୂର୍ଣ୍ଣିତ ବାତ ଭୟାନକ ଲାଗେ
ପଥିକଟି ଯାଏ ଡରି।

ଜ୍ୟେଷ୍ଠ ଆଖିରେ ଘୁମନ୍ତ ବାଦଲ
ହୁଳା ହୁଳା ଜଳ ଧରି,
ଅନ୍ତର୍ବେଦନା କାହାକୁ କହିବ
ଭାସେ ଏପାରି ସେପାରି।

ଆଷାଢ଼ରେ ଟୋପାଟୋପା ଝରିପଡ଼େ
ପ୍ରୀତି ମେଘଫୁଲ ଆଖି,
ଝରକା ସେପାରି ବରଷା ପରି ସେ
କରିଦିଏ ନୀରିମାଖୀ।

ଶିରାବଣ ଆଖିକଳା ମେଘି ଶାଢ଼ୀ
କାକଡିମ୍ବା ବାସ ପିନ୍ଧି,
ଶର୍ବରୀ ଥରାଇ ଶବରୀ ପ୍ରତୀକ୍ଷା
ପରୀକ୍ଷାର ଅଭିସନ୍ଧି।

ଭୋଦୁଅର ଆଖି ନରମ ଗରମ
ମରମ ତଳର ନିଆଁ,
ଅଶୀଣ ଆଖିରେ ପାର୍ବଣ ଆଣେ
ପୀରତିରେ ନୂଆ ନୂଆ।

କାର୍ତ୍ତିକର ହିମ ଆଖିତଳେ ଦିଶେ
ମିଳନର କଳା ଦାଗ,
ମଗୁଶିର ଝୋଟି ଆଖିରେ ମୋହର
ଫୁଙ୍ଗୁଳା ଦେହ ଆବେଗ।

ପଉଷ ଆଖିରେ ଧୂଆଁଳିଆ ଲାଗେ
ପ୍ରେମର ଦୀପର ନିଆଁ,
ମାଘ ଆଖି ଖୋଜେ ତୁମ ଛାତି ତଳେ
କେତେ ବିରହର ବାଆ।

ଫଗୁଣେ ଆଖିର ଦି ଗୁଣ ଦେଖଇ
ତୁମ ଦେହେ କେତେ ଚିହ୍ନ,
ଚଇତାଳି ଆଖି ରହିଯାଏ ଲାଖି
କୋଳେ ତୁମ ରୂପା ଜହ୍ନ।

କହିବକି ସଖୀ ମୋ ବିନା ସତରେ
କେମିତି କାଟୁଛ ଦିନ,
ବାରମାସ ଧରି ତୁମ ଆଖି ଛବି
କରେ ମୋତେ ହଇରାଣ।

+ ମଲ୍ଲିପୁର, ଗଡ଼ନିଆଳଞ୍ଚ
ଖୋର୍ଦ୍ଧାଞ୍ଚ





## ବିଜ୍ଞାନ ଟୁଙ୍କି - ୪୩

# ସ୍ପେସ୍ ସଟଲ୍ ଓ ତା' ପରେ



କାର୍ତ୍ତିକ ସାଇଁ



"ଆମେରିକାର ପ୍ରଥମ ମହାକାଶ ଷ୍ଟେସନ୍ ସ୍କାଇଲାବ୍ ଯାହାକୁ ୧୯୭୩ ମସିହାରେ ମହାକାଶକୁ ଛଡ଼ା ଯାଇଥିଲା ଏକ ବୃହତ ମହାକାଶ ଯାନ ଥିଲା। ଏହାର ଓଜନ ୭୭,୦୦୦ କେଜି ବା ୭୭ ଟନ୍ ଥିଲା। ଏହାର ଲମ୍ବା ୨୫.୧ ମିଟର, ଚଉଡ଼ା ୧୭ ମିଟର ଓ ଉଚ୍ଚତା ୧୧.୧ ମିଟର ଥିଲା। ଏ ସବୁ ତଥ୍ୟ ଦେବାର କାରଣ ଏଥିରୁ ଅନୁମାନ କରିହେବ ଏହା କେତେ ବଡ଼ ଥିଲା। ଯେହେତୁ ଏହା ଏକ ବୃହତ୍ତ ମହାକାଶ ଯାନ ଥିଲା, ଏହାର ପୃଥିବୀ ବାୟୁମଣ୍ଡଳରେ ପୋଡ଼ି ପାଉଁଶ ହେବାର ସମ୍ଭାବନା କମ୍ ଥିଲା"। ପ୍ରଫେସର ଚନ୍ଦ୍ରଶେଖର ଆମେରିକାର ମହାକାଶ ଷ୍ଟେସନ କଥା କହୁଥିଲେ।

ପ୍ରଶାନ୍ତ ମହାସାଗରରେ ଏକ ଅପହଂଚ ଜାଗା ଅଛି ଯାହାର ନାମ ରଖାଯାଇଛି ନେମୋ। ସାଧାରଣତଃ ବଡ଼ ବଡ଼ ମହାକାଶ ଯାନମାନଙ୍କ କାର୍ଯ୍ୟକାଳ ସରିଗଲେ ଓ ସେମାନେ ନିୟନ୍ତ୍ରଣରେ ଥିଲେ, ସେମାନଙ୍କୁ ସେଇଠାରେ ଜଳ ସମାଧି ଦିଆଯାଏ।

ସ୍କାଇଲାବ୍ ବହୁତ ବଡ଼ ଥିଲା ଓ ଏହା ନିୟନ୍ତ୍ରଣରେ ନଥିଲା। ୧୯୭୯ ମସିହା ଜୁଲାଇ ମାସରେ ଏହା ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲା। ଯେହେତୁ ଏହା ନିୟନ୍ତ୍ରଣରେ ନଥିଲା, ଏହା କେଉଁଠାରେ ପଡ଼ିବ ସେ ସମ୍ପର୍କରେ ଠିକ୍ କରି କିଛି କୁହାଯାଇ ପାରିନଥିଲା। ସେଥିଲାଗି ସାରା ପୃଥିବୀର ଲୋକ ଆତଙ୍କିତ ହୋଇ ପଡ଼ିଥିଲେ। ଭାରତରେ ଲୋକମାନେ ବିଭିନ୍ନ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପୂଜାପାଠ ଆରମ୍ଭ କରି ଦେଇଥିଲେ।

ସେ ଯାହାହେଉ, ସ୍କାଇଲାବର କିଛି ଅଂଶ ଅଷ୍ଟ୍ରେଲିଆ ଓ ପ୍ରଶାନ୍ତ ମହାସାଗରରେ ପଡ଼ିଥିଲା ଓ ଏହା କିଛି ଜନଜୀବନର କ୍ଷତି କରିନଥିଲା।

ସ୍ପେସ୍ ସଟଲ୍: ଆପୋଲୋ ପ୍ରୋଗ୍ରାମର ଶେଷ ମିସନ୍ ଥିଲା ଆପୋଲୋ -୧୭। ଏହାପରେ ଆମେରିକାର ବୈଜ୍ଞାନିକ ଓ ଇଂଜିନିୟରମାନେ ସ୍ପେସ୍ ସଟଲର ପରିକଳ୍ପନା କରିଥିଲେ। ଏହି ପରିକଳ୍ପନାର ମୂଳ ଲକ୍ଷ୍ୟ ଥିଲା ଗୋଟିଏ ମହାକାଶ ଯାନକୁ ବାରମ୍ବାର ବ୍ୟବହାର କରିବା। ସ୍ପେସ୍ ସଟଲ୍ ଦେଖିବାକୁ ଠିକ୍ ଗୋଟେ ଉଡ଼ାଜାହାଜ ପରି। ଏହି ମହାକାଶ ଯାନର ସଂପର୍କରେ ଗବେଷଣା ଓ ଅନୁଧ୍ୟାନ ୧୯୬୯ ମସିହାରେ ଆରମ୍ଭ ହୋଇଥିଲା। ଏହାର ପ୍ରଥମ ଉଡ଼ାଣ ୧୯୮୧ ମସିହାରେ ହୋଇଥିଲଶ।

ଏହି ଉଡ଼ାଜାହାଜ ପରି ଦେଖାଯାଉଥିବା ମହାକାଶ ଯାନ ପୃଥିବୀ ଛାଡ଼ିଲା ବେଳେ ଏକ ରକେଟ ସହିତ ସଂଶ୍ଳିଷ୍ଟ ଥାଏ। ରକେଟ୍ ତାର କାମ ସାରରି ପଛକୁ ରହିଯାଏ। ମାତ୍ର ସ୍ପେସ୍ ସଟଲ ତାର କକ୍ଷରେ ପହଂଚି ପୃଥିବୀ କକ୍ଷରେ ବୁଲେ। ଫେରିଲା ବେଳକୁ ଏହା ଠିକ୍ ଉଡ଼ାଜାହାଜ ପରି ଅବତରଣ କରେ। ଏହି ମହାକାଶ ଯାନରେ ସର୍ବନିମ୍ନ ଦୁଇଜଣ ଓ ସର୍ବାଧିକ ଆଠଜଣ ମହାକାଶ ଯାତ୍ରୀଙ୍କ ଯିବା ଲାଗି ସୁବିଧା ସଥିଲା। ସ୍ପେସ୍ ସଟଲ୍‌ର ଆଉ ଗୋଟେ ବଡ଼ ବିଶେଷତ୍ୱ ହେଉଛି ଯେ ଏହା ଅନେକ ଦୂର ସଂଚାରୀ ଉପଗ୍ରହ (Communication Satillities)ଙ୍କ ନେଇ ମହାକାଶରେ ଛାଡ଼ିଥିଲା।

ଗାଗାରନଙ୍କ ମହାକାଶ ଯାତ୍ରାର ଠିକ୍ ୨୦ବର୍ଷ ପରେ ସ୍ପେସ୍ ସଟଲର ପ୍ରଥମ ଉଡ଼ାଣ ରହିଥିଲେ ଯେଉଁଥିରେ ମହାକାଶ ଯାତ୍ରୀ ଜନ୍ ୟଙ୍ଗ ଓ ବବ୍ କ୍ରିପେନ୍ ରହିଥିଲେ। ଏହି ମହାକାଶ ଯାନର ପ୍ରଥମ ଉଡ଼ାଣକୁ ମହାକା ପରିବହନ ସିଷ୍ଟମ-୧ ବା **Founpostation system-1 (STS-1)** କୁହାଯାଇଥିଲା। ଏହି ମହାକାଶଯାନର ନାମ କଲମ୍ବିଆ, ଚ୍ୟାଲେଂଜର, ଡିସକଭରି ଆଟ୍‌ଲାଣ୍ଟିସ୍ ଓ ଏଣ୍ଡିଓଭୋର ରଖାଯାଇଥିଲା।

ଅନେକ ସଫଳତା (୧୦୦ରୁ ଅଧିକ) ମଧ୍ୟରେ ଦୁଇଟି ବଡ଼ ବିଫଳତା ସାରା ବିଶ୍ୱକୁ ସ୍ତବ୍ଧ କରି ଦେଇଥିଲା। ଜାନୁଆରୀ ମାସ ୨୮ ତାରିଖ, ୧୯୮୬ ମସିହା ଚ୍ୟାଲେଂଜର ମହାକାଶ ଯାନ ଉତ୍‌କ୍ଷେପଣର ଅଳ୍ପ ସମୟ ପରେ ଏକ ପ୍ରଚଣ୍ଡ ବିସ୍ଫୋରଣରେ ଜଳି ପୋଡ଼ି ଯାଇଥିଲା ଓ ଏହାର ସମସ୍ତ ଯାତ୍ରୀ ଅକାଳ ମୃତ୍ୟୁବରଣ କରିଥିଲେ। ଏଥିରେ ଜଣେ ଶିକ୍ଷୟିତ୍ରୀ କ୍ରିଷ୍ଟା ମଲିଫେ (**Christa Mc Auliffe**) ଥିଲେ। ଠିକ୍ ସେହିପରି ୨୦୦୩ ମସିହା, ଫେବୃଆରୁ ୧ ତାରିଖ ଦିନ କଲମ୍ବିଆ ସ୍ପେସ୍ ସଟଲ୍ ପ୍ରତ୍ୟାବର୍ତ୍ତନ କାଳରେ ବାୟୁ ମଣ୍ଡଳରେ ଭାଙ୍ଗି ଯାଇଥିଲା ଓ ଏଥିରେ ଥିବା ସମସ୍ତ ମହାକାଶ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ଏଥିରେ ଭାରତରେ ଜନ୍ମିତ ମହାକାଶ ଯାତ୍ରୀ କଳ୍ପନା ଚୌଲା ଥିଲେ।

ବିଫଳତା ସଫଳତାର ଚାବିକାଠି ମଣିଷକୁ ଦିଏ। ବିଶେଷକରି ବିଜ୍ଞାନ କ୍ଷେତ୍ରରେ ବିଫଳତା ଜ୍ଞାନର ନୂତନ ଦିଗ ଦେଖାଇଥାଏ।

(କ୍ରମଶଃ)

ମୋ: ୯୯୮୦୩୦୦୭୫୧

## କବିତା ତୁମ ପାଇଁ

### ସେବାକୁ ତା'ର ବରତ କରି

ମହେନ୍ଦ୍ର କୁମାର ଘଡ଼େଇ

ମାଆଟି ପରି ମୋତେରେ ଯିଏ
କୋଳକୁ ତା'ର ନେଲା
ଆଗକୁ ଆଗ ବାଟ ଚାଲିବା
ପାଇଁ ସେ ଠିଆ କଲା।

ଖାଇବା ପାଇଁ ଫଳାଇ ଫଳ
ହାତକୁ ଟେକି ଦେଲା
ଶୀତଳ ବାଆ ମଧୁର ଜଳ
ମୋ' ପାଇଁ ଅରପିଲା।

ନଦୀ କାନନ ହ୍ରଦ ସାଗର
ଗିରି ପର୍ବତ ମାଳା
ଜୀବ ଜଗତ ପଶୁ ବିହଗ
ଗଢ଼େ ନକରି ହେଳା।

ଚଷିବା ପାଇଁ ଡାକି ଆଣିଲା
ଆକାଶେ କଳା ମେଘ
ସୂରୁଯ ତାପ ଧାରଣ କରି
କରିଲା ପାଗଯୋଗ।

ମାଗିବା ଆଗୁ ହାତେ ଧରାଏ
ଅଚଳାଚଳ ଧନ
ଖଣି ଖାଦାନ ମଣି ମୁକୁତା
ଦେଇ ତୋଷଇ ମନ।

ବାସ, ଆହାର, ବସନ ଦେଇ
ମୋ' ସେବାକରେ ନିତି
ତାହାରି ପାଇଁ ମହୀରେ ମୁହିଁ
ଚାଲେ ଫୁଲାଇ ଛାତି।

ଜୀବନେ କେବେ ପାରିବି ନାହିଁ
ସେବାକୁ ଭୁଲି ତା'ର
ଚରଣେ ଯା'ର ମଥା ଲଗାଇ
ବନ୍ଦଇ ନିରନ୍ତର।

କଷଣ ଯେତେ ସହିଛି ସିଏ
ନ ଫିଟାଇ ତା' ପାଟି
ସୁଖ ଶରଧା ଝରା ମମତା
ଦିଅଇ କେତେ ଭେଟି।

ସାରା ଜୀବନ ତା' ପାଖେ ଋଣୀ
ରହିବି ଜାଣ ମୁହିଁ
ସେବାକୁ ତାର ବରତ କରି
ଚଳିବି ସାଥୀ ନେଇ।

ଯା'କଥା କହି ବସୁଛି ମୁହିଁ
ମାଆରୁ ବଳି ମାଆ
ବସୁଧା ସାଜି ପଛରେ ମୋର
ମାଟି ରୂପରେ ସାହା।

ପୂଜି ସେ ମାଟି ମଥାରେ ବୋଳେ
ଚନ୍ଦନ ପରିଯିଏ
ଗୁଣ ଯଶର ଶିଖର ଛୁଇଁ
ପାଏ ଆଦର ସିଏ।

+କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

### ସିଏ ଏକା ଭଗବାନ

ସୁବ୍ରତ ମଲିକ

ଝିପି ଝିପି ଝିପି ବରଷା ପାଗକୁ
ଉଡୁଥିଲା ଝଡ଼ି ପୋକ,
ପର ଛିଡ଼ି ତଳେ ପଡ଼ିଯିବା ଦେଖି
ବେଙ୍ଗକୁ ଲାଗିଲା ଭୋକ ।

ଖାଇବା ପାଇଁକି ସାରୁ ବୁଦା ମୂଳୁ
ଖପ ଖପ ଗଲା ଡେଇଁ
ଅଧା ବାଟଟାରେ ଢମଣା ସାପକୁ
ଆସିବା ଦେଖିଲା ସେହି ।

ନିଜ ଜୀବନକୁ ବଞ୍ଚାଇବା ପାଇଁ
ସେଇଠୁ ଆସିଲା ଫେରି
ଢମଣାଟା କିନ୍ତୁ ଗଲା ବେଙ୍ଗ ପଛେ
ନ କରିକି ଆଉ ଡେରି ।

କିଛି ବାଟ ପରେ ଢମଣା ଦେଖିଲା
ନେଉଳ ଆସୁଛି ମାଡ଼ି,
ପରାଣ ବିକଳେ ସେ ବି ଲୁଚିଗଲା
ଦେଖିକି ପୋଖରୀ ଆଡ଼ି ।

ପୋଖରୀ ଆଡ଼ିରେ ଲୁଚି ବସିଥିଲା
ଆଗରୁ ଶିକାରୀ ଭାଇ,
ନେଉଳକୁ ଦେଖି ତା'ର ଉପରକୁ
ଜାଲ ଫିଙ୍ଗିଦେଲା ଯାଇ ।

ଖୁସି ମନେ ମନେ ନେଉଳକୁ ଧରି
ଘରକୁ ଫେରିଲାବେଳେ
ବିଜୁଳି ଶବଦ ଶୁଣି ଶିକାରୀଟି
ବେଗେ ପଡ଼ିଗଲା ତଳେ ।

ଚେତା ଫେରୁ ଫେରୁ ହୋଇଗଲା ସଂଜ
ଅନାଇଲା ଚାରିଆଡ଼େ,
ଦେଖିଲା ପାଖରେ ନେଉଳଟି ନାହିଁ
ପଳେଇଛି କେଉଁଆଡ଼େ ।

ଖାଦ୍ୟ ଖାଦକର ଏହି ପରି ଖେଳ
ଚାଲିଥାଏ ସବୁବେଳେ,
କିଏ ଧରାପଡ଼େ କିଏ ଖସିଯାଏ
ଭାଗ୍ୟ ବଡ଼ ପଣ ବଳେ ।

ପ୍ରାଣୀର ଭାଗ୍ୟକୁ ଯିଏ ଲେଖେ ପରା
ସିଏ ଏକା ଭଗବାନ,
ନିଜର ଜୀବନ ବିତାଇଣ ଦେବା
କରି ତାଙ୍କ ଗୁଣଗାନ ।

+ମଙ୍ଗଳପୁର, ଅସୁରାଳି, ଭଦ୍ରକ
୭୦୦୮୩୧୫୯୧୬

### କାଳ ବୈଶାଖୀ

ଧ୍ରୁବଚରଣ ଘିବେଲା

ବୈଶାଖ ଓ ଜ୍ୟେଷ୍ଠ ଏଇ ଦୁଇ ମାସ
ଗ୍ରୀଷ୍ମ ଋତୁ ଭାବେ ଜଗତେ ବିଦିତ।
ଖରାଦିନ ଖରା ଦୁଃଖ ଅପାଶୋରା
ଖରା ଦିଏ ଦୁଃଖ ସେ ଦୁଃଖ ଅଭୁଲା।

ଖରାର କଷଣ ବଢ଼େ ଦିନୁ ଦିନ
ଖରା କାଳ ଯାକ ଖରା କଷଣ।
ବୈଶାଖ ମାସରେ ଆସିଲେ ବୈଶାଖୀ
ତା' ପ୍ରଭାବେ କମେ ଦୁଃଖ ଯାହା କିଛି।

ପବନ ପ୍ରଭାବେ କମେ ଖରା ବଳ
କମେ ଖରା ତେଜ ଗରମ ଦୁର୍ବଳ।
ଘଡ଼ଘଡ଼ି ସହ ବର୍ଷା ସେଇ କ୍ଷଣ
ସ୍ଥାନେ ସ୍ଥାନେ ବର୍ଷା ଆଣଇ ଆରାମ।

ବୈଶାଖୀ ବର୍ଷାରୁ ଖରା କମେ ଜାଣ
ଖରାରୁ ଆଶ୍ୱସ୍ତି ମାତ୍ର କେତେ ଦିନ।
ବେଳେ ବେଳେ ହୋଇ ଅଦିନିଆ ଝଡ଼
ଏଠି ସେଠି ବର୍ଷି କରେ
କୁଆ (ପଥର) ମାଡ଼।

ଖରାଟିଆ ଚାଷ ହୁଏ କ୍ଷତିଗ୍ରସ୍ତ
କ୍ଷତି ସହି ଚାଷୀ ଲଭେ ମନେ କଷ୍ଟ।
ଅପରାହ୍ନେ କେବେ ସାହି ରାସ୍ତା ପରେ
ଖଣ୍ଡିଆଭୂତ ଯେ ଘୂରି ଘୂରି ଖେଳେ।

ଦୂରୁ ଦେଖି ମଜା ନିଅନ୍ତି ପିଲାଏ
ପିଲା ସହ ଥା'ନ୍ତି ସେଇଠି ସଭିଁଏ।
ନାଆଁ ତା'ର ସିନା କାଳ ବୈଶାଖୀ
ସେ ଆସିଲେ ନିଶ୍ଚେ ଖରାରୁ ଆଶ୍ୱସ୍ତି।

+ବୌଦ୍ଧ, ବଉଦରାଜି-୭୬୨୦୧୪
ମୋ: ୯୪୩୭୪୭୮୪୬୬

### ଶୃଙ୍ଖଳିତ ହେବା

ଅମୂଲ୍ୟ କୁମାର ପଣ୍ଡା

ଶୁଣ ଶୁଣ ପିଲେ ମନ ଦେଇ ଶୁଣ
କହିବି ଗୋଟିଏ କଥା
ମୋର କଥା ସବୁ ଶୁଣି ତୁମେମାନେ
ହଲେଇବ ନିଜ ମଥା।

ସକାଳୁ ଉଠିକି ପାଠ ପଢା ପରେ
ବହି ଆଣିଥିବା ଯହିଁ
ପାଠ ପଢା ପରେ ଗୋଟି ଗୋଟି ପୁଣି
ସଜାଇ ରଖିବା ତହିଁ।

ପିନ୍ଧୁଥିବା ଆମ ନିଜ ଜାମା ପ୍ୟାଣ୍ଟ
ନିତି ସଫା କରି ନେବା
ଶୁଖି ଗଲା ପରେ ଭାଙ୍ଗିକି ସେ ସବୁ
ଆଲଣାରେ ରଖି ଦେବା।

ପ୍ରତ୍ୟେକ ଜିନିଷ କାମ ସରିଗଲେ
ଯଥା ସ୍ଥାନେ ଦେବା ଥୋଇ
ଅଳିଆକୁ ସବୁ ଫିଙ୍ଗି ଦେଇ ଘରୁ
ସଫା କରିଦେବା ଧୋଇ।

ଆଜିର ପାଠକୁ ଆଜି କରିଦେବା
ବଢିବନି ପାଠ ଭାର
ବରଷ ଶେଷରେ ପାଠ ସରିଥିବ
ପରୀକ୍ଷାରେ ହେବା ପାର।

ସାଇତି ସଜାଇ ରଖିବା ଜିନିଷ
ସୁନ୍ଦର ଦିଶିବ ଘର
ଶୃଙ୍ଖଳିତ ହୋଇ ଭଲ କାମ କଲେ
ଆପଣା ହୋଇବେ ପର।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

## ପିଲାଙ୍କ ଉପନ୍ୟାସ : ଭାଗ-୫

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



ଏହିପରି ଅନେକ ଫଟୋ ଦେଖି ମନୀଷ ବିଚଳିତ ହୋଇଉଠିଲା । ସେ କରିଥିବା ଭୁଲରୁ ଖସିଯିବାକୁ ଚାହିଁଲାନି , ବିବ୍ରତ ଭାବରେ ମାମୁଙ୍କୁ ପଚାରିଲା - ମାମୁ ଏ ପିକଚରଗୁଡା କ'ଣ ସତ ! ତା ମାମୁଁ ଉତ୍ତର ଦେଲେ - ହଁ ବାବା , ସବୁଗୁଡା ସତ । ମନୀଷ ଟିକେ ଚିନ୍ତାକରି କହିଲା - ଅବଶ୍ୟ ଏହା ମଧ୍ୟରୁ କେତେଟା ଚିତ୍ର ମୁଁ ଟିଭିରେ ଦେଖିଛି । - ହଁ, ତୁ ଠିକ୍ ମନେ ପକାଇଛୁ । ଏଇ ଗତ ଖରାଦିନ କଥା ମନେଥିବ ନିଶ୍ଚୟ । ଜଳାଭାବରୁ ତାମିଲନାଡୁ ରାଜଧାନୀ ଚେନ୍ନାଇର ଅଧିକାଂଶ ହୋଟେଲ୍‌ର ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଥିଲା । ଆଉ କେତେକ ହୋଟେଲ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ । ଆଇଟି କମ୍ପାନୀମାନେ ସେମାନଙ୍କ କର୍ମଚାରୀଙ୍କୁ କାର୍ଯ୍ୟାଳୟ ନ ଆସି ଘରେ ରହି କାର୍ଯ୍ୟ କରିବାକୁ ନର୍ଦ୍ଦେଶ ଦେଇଥିଲେ। ରାଜସ୍ଥାନରେ ମଧ୍ୟ ସମାନ ଅବସ୍ଥା । ପାଣିପାଇଁ ଅନେକ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା । ସ୍ଥାନୀୟ ପ୍ରଶାସନଙ୍କ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିଲା । ଏତ ଖାଲି ଆମ ଭାରତର ଛବି । ଦକ୍ଷିଣ ଆଫ୍ରିକାର ମୁଖ୍ୟ ସହର କେପ୍‌ଟାଉନ୍‌ର ଏବେକାର ଛବି ଦେଖିଲେ ତୁ ବିଶ୍ୱାସ କରିପାରିବୁନି । ଜାଣିଛୁ ପୃଥିବୀର ପ୍ରାୟ ୧୯ ଦେଶକୁ ଜଳକ୍ଲିଷ୍ଟ ଦେଶ ରୂପେ ଚିହ୍ନଟ କରାଯାଇଛି । ସେଗୁଡିକ ମଧ୍ୟରୁ ଅଧିକାଂଶ ଦେଶ ଆଫ୍ରିକା ମହାଦେଶରେ ଅବସ୍ଥିତ ।

ପିଇବା ପାଣି କଥା ନ କହିବା ଭଲ । ବର୍ତ୍ତମାନ ପୃଥିବୀରେ ପ୍ରତି ୫ ଜଣରେ ଜଣେ ଲୋକ ଉପଯୁକ୍ତ ମାନର ବିଶୁଦ୍ଧ ଜଳ ପିଇବାକୁ ପାଉଛି। ଆଉ ଏ ହିସାବରେ ଦେଖିଲେ ପୃଥିବୀର ପ୍ରାୟ ୧୨୫ କୋଟି ଲୋକ ଏହା ଆଦୌ ପାଆନ୍ତି ନାହିଁ । ଯାହା ଫଳରେ ପ୍ରତିବର୍ଷ ଦୂଷିତ ପାଣି ପିଇ ପ୍ରାୟ ୧୩୫ କୋଟି ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି ; ଆଉ ସେମାନଙ୍କ ମଧ୍ୟରୁ ପ୍ରତ୍ୟକ ଦିନ ପ୍ରାୟ ୨୫,୦୦୦ ଲୋକ ପ୍ରାଣ ହରାନ୍ତି ।

ମନୀଷ ବିସ୍ମୟରେ ଚାହିଁଲା । ତା ମାମୁ ହସି ହସି କହିଲେ ତୋ'ର ବିଶ୍ୱାସ ହେଉନି ନୁହେଁ ? ଆରେ ତୁ ତ ଏମିତି ସ୍ଥାନରେ ଅଛୁ ଯେଉଁଠି ବର୍ତ୍ତମାନ ଭରପୁର ପାଣି ଅଛି । ଲୋକେ ଯେଉଁ ପାଣି ପିଇବାକୁ ପାଉନାହାଁନ୍ତି । ତୁମେ ସବୁ ସେହି ପାଣି ଗଛମୂଳେ ଦେଉଛ, ଲୁଗା ଧୋଉଛ , ହାତ ଧୋଇବାରେ ଗାଧୋଇବାରେ ବାଲ୍‌ଟି ବାଲ୍‌ଟି ପାଣି ନଷ୍ଟ କରୁଛ । ବହିରେ ଯାହା ପଢିଛୁ ସେହି କଥା ବୋଧେ ଭାବୁଛୁ ନୁହେଁ - ? ପୃଥିବୀ ପୃଷ୍ଠର ୭୦ ଶତାଂଶରୁ ଅଧିକ ଭାଗ ଜଳ । ଚାରିଆଡେ ଖାଲି ଜଳ ହିଁ ଜଳ ମନୀଷ କହିଲା - ହଁ ତ ଏ କଥା କ'ଣ ମିଛ ।

ମାମୁ ତାର ମୁରୁକି ମୁରୁକି ହସି ଉତ୍ତର ଦେଲେ -ଆରେ ବୋକା ଏଇ ଯୋଉ ଜଳକଥା ପଢିନୁ ସେଇ ସମଗ୍ର ଜଳରୁ ମାତ୍ର ୦.୩% ଜଳ ମଣିଷର ବ୍ୟବହାର ଉପଯୋଗୀ । ବାକି ୯୯.୭% ଜଳ ବ୍ୟବହାର ଉପଯୋଗୀ ନୁହେଁ । ତୁ ତୁମ ବିଜ୍ଞାନ ପାଠକଥା ଏବେ ଭାବିପାରୁ । ନିଶ୍ଚୟ ପଢିଥିବୁ ପୃଥିବୀର ୯୭.୦୩% ଜଳ ଲବଣାକ୍ତ ମାନେ ସମୁଦ୍ର ଓ ମହାସମୁଦ୍ରର ବାକି ୨.୭ ଶତାଂଶଜଳ ମଧୁର । ହେଲେ ଏତକ ସବୁ କଣ ମଣିଷ ବ୍ୟବହାର କରିପାରୁଛି ? ଏହାର ଅଧିକାଂଶ ଭାଗ ତ ଆଂଟାର୍ଟିକ ଓ ଆର୍କଟିକ ଅଂଚଳ ତଥା ପର୍ବତରେ ବରଫ ଆକାରରେ ଜମା ହୋଇ ରହିଛି । ଏହି ୨.୭ ଶତାଂଶ ମଧୁର ଜଳରୁ ଆମେ ଜମା ୦.୩ ଶତାଂଶ ବ୍ୟବହାର ଉପଯୋଗୀ ଜଳ ପାଉଛେ । ଏହି ଜଳ ହେଉଛି ନଦୀ, ଝରଣା, ହ୍ରଦ, ପୁଷ୍କରଣୀ, ଭୂପୃଷ୍ଠ ତଳର ପ୍ରସ୍ରବଣ ବା ଉସ୍ଵକୂପ ହିଁ ମଧୁର ଜଳ ଏବେ ତୁ କହ ସବୁ ନଦୀ ଆଉ ହ୍ରଦ ଅବସ୍ଥା କେମିତି ଅଛି ଏମାନଙ୍କ ଭିତରୁ ଅନେକ ମୃତ ଅର୍ଥାତ୍ ଜଳଶୂନ୍ୟା । ବାକି ଯାହା ଅଛି ତା ପାଣି ହେଲେ ବି ପାନୀୟ ପାଇଁ ଅନୁପଯୁକ୍ତ । ଦୂର କଥା ଛାଡ ...ତୁମ ବାଡିପଟ ପୋଖରୀକୁ ତ ଦେଖୁଛୁ ତା ଅବସ୍ଥା କଣ ସମସ୍ତେ ତ କଳ ପାଇପ୍ ପାଣିରେ ଚଳିଲେ । ଘରର ଯାବତୀୟ ଆବର୍ଜନା ନେଇ ସେଇଠି ଜମାଇଲେ ଆଜି ତୁମ ପୋଖରୀ ଅବସ୍ଥା ଯାହା ଅଧିକାଂଶ ଜଳାଶୟ ଯେପରି ପୋଖରୀ, ହ୍ରଦ, ନଦୀ, ସାଗର ଅବସ୍ଥା ମଧ୍ୟ ସେଇଆ । ଜଳ ଏକ ପ୍ରାକୃତିକ ସମ୍ପଦ । ମାତ୍ର ଆଜି ମଣିଷର ପାନୀୟ ଆବଶ୍ୟକତା ପୂରଣ କରିବାକୁ ଏହା ସକ୍ଷମ ନୁହେଁ । ଏହା ନୀରବଚ୍ଛିନ୍ନ ପ୍ରାକୃତିକ ଉତ୍ସ ନ ହୋଇ ସୀମିତ ସମ୍ପଦରେ ପରିଣତ ହେଲାଣି ।

ମନୀଷ ପ୍ରଶ୍ନ କଲା - ମାମୁ ମାଟି ତଳୁ ଆମେ ମୋଟରରେ ପାଣି ଉଠାଉଛୁ ଆଉ ବ୍ୟବହାର କରୁଛୁ ଏହା ସୀମିତ କାହିଁକି ?

ମାମୁ କହିଲେ - ମନେ ପକା...ଖରାଦିନେ ପାଇପ୍‌ରୁ ଠିକ୍ ଭାବରେ ପାଣି ବାହାରେ କି ? ମୋଟର ପାଣି ଉଠାଇବାକୁ କେତେ ସମୟ ନିଏ ? କାହିଁକି ଜାଣୁ ,ଏହି ସମୟରେ ଜଳସ୍ତର କମି ଯାଇଥାଏ । ଆମ ଦେଶରେ ଅଧିକାଂଶ ଅଂଚଳରେ ଭୂତଳସ୍ଥ ଝରଣା ବା ହ୍ରଦ ନାହିଁ ତୁମ ଅଂଚଳରେ ଅଛି କି ?

ମନୀଷ ଉତ୍ତର ହେଲା - ନା ।

ମାମୁ କହିଲେ- ଏଠାରେ ମୁଖ୍ୟତଃ ଭୂତଳ ଜଳହିଁ ଅଛି । ଏହା ମୃତିକାର ଛିଦ୍ର କିମ୍ବା ଶିଳାର ଫାଟରେ ଗଚ୍ଛିତ ଥାଏ । କୂଅ ବା ନଳକୂଅ ବସାଇ ଆମେ ପାଣି ସଂଗ୍ରହ କରୁ । ସେଥିପାଇଁ ବର୍ଷା ଦିନେ ପାଣି ସମସ୍ୟା ଦେଖାଦିଏନା । ଭୂତଳରୁ ଜଳ ନିଷ୍କାସନ କରି କୃଷି କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଉଛି ଆଉ ଏ କଥା ଜାଣିଥା ବ୍ୟବହାର ଉପଯୋଗୀ ଜଳର ୭୦ ଶତାଂଶ ଜଳସେଚନରେ ,୨୦ ଶତାଂଶ ଶିଳ୍ପକ୍ଷେତ୍ରରେ ଏବଂ ଅବଶିଷ୍ଟ ୧୦ ଶତାଂଶ ଘରୋଇ କାର୍ଯ୍ୟରେ ବ୍ୟବହୃତ ହେଉଛି ।

(କ୍ରମଶଃ)

+ପୁରୋହିତପୁର,ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# ମୋ ଗୀର୍ଜା ଏଇଠି



ବିନୟ କୁମାର ଦାସ



ଅନେକ ଧର୍ମପ୍ରାଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ନିଜର ଧର୍ମନୀତି ଅନୁସାରେ ଠିକ୍ ସମୟରେ ଧର୍ମପୀଠକୁ ଯାଇଥାନ୍ତି । କିଏ ମନ୍ଦିରକୁ ତ କିଏ ମସ୍‌ଜିଦକୁ, କିଏ ଗୁରୁଦ୍ୱାରକୁ ତ କିଏ ଗୀର୍ଜାକୁ । ପୂଜାପାଠ କରିବା,ନମାଜ ପଢ଼ିବା କିମ୍ବା ପ୍ରାର୍ଥନା କରିବା ଦ୍ୱାରା ମନ ପବିତ୍ର ହୁଏ ଓ ଶାନ୍ତି ମିଳିଥାଏ । ତେବେ ଏହି ସବୁ ପୁଣ୍ୟ କର୍ମକୁ ବି ଅନେକ ଲୋକ ଉପରଠାଉରିଆ ଭାବରେ କରିଥାନ୍ତି ଓ କିଛି ଲୋକ ଦେଖାଣିଆ ମନୋବୃତି ନେଇ କରିଥାନ୍ତି । କେହି କେହି ନିଜକୁ ଜଣେ ସଚ୍ଚୋଟ ବ୍ୟକ୍ତି ବୋଲି ପ୍ରମାଣିତ କରିବାକୁ ଚାହିଁଥାନ୍ତି । ଏପରି କରିବା ଦ୍ୱାରା ସେମାନେ ପୁଣ୍ୟ ନୁହେଁ, ବରଂ ପାପ ହିଁ ଅର୍ଜନ କରିଥାନ୍ତି। ଅପରପକ୍ଷରେ ଏମିତି ଲୋକ ବି ଅଛନ୍ତି, ଯେଉଁମାନେ ଧର୍ମପୀଠକୁ ନ ଯାଇ ବି ଈଶ୍ୱରଙ୍କୁ ପୂଜା ପ୍ରାର୍ଥନା କରି ଶାନ୍ତି ଲାଭ କରିଥାନ୍ତି ।

ସେଦିନ ଥାଏ ରବିବାର । ଦୀନବନ୍ଧୁ ଏଣ୍ଡୃଜଙ୍କୁ ସାକ୍ଷାତ କରିବା ପାଇଁ ଆସିଲେ ଜଣେ ଭଦ୍ରଲୋକ । କଥାବାର୍ତ୍ତା ହେଉ ହେଉ ନଅଟା ବାଜିଗଲା । ଏଣ୍ଡୃଜ କହିଲେ, "ମୋର ସମୟ ହୋଇଯାଇଛି, ବର୍ତ୍ତମାନ ମୋତେ ଗୀର୍ଜାକୁ ଯିବାକୁ ହେବ । ଆପଣ ଆଉ ଦିନେ ଆସନ୍ତୁ, କଥାହେବା ।" ଏହାଶୁଣି ଭଦ୍ରଲୋକ କହିଲେ, "ଭଲ ହେଲା । ମୁଁ ବି ତ ଗୀର୍ଜାକୁ ଯିବି, ଚାଲନ୍ତୁ । ଆମେ ସାଙ୍ଗ ହୋଇ ଯିବା ।" ଏଣ୍ଡୃଜ କହିଲେ, "କିନ୍ତୁ ଆପଣ ଯେଉଁ ଗୀର୍ଜାକୁ ଯିବେ, ମୁଁ ସେ ଗୀର୍ଜାକୁ ଯିବିନାହିଁ । ତେଣୁ ଆପଣ ଏକାକୀ ଯାଆନ୍ତୁ ।" ତହୁଁ ଭଦ୍ରଲୋକ କହିଲେ, "ମୁଁ ଆପଣଙ୍କ ସହିତ ଯିବି ଆଉ ଦେଖି ଆସିବି ଆପଣଙ୍କ ଗୀର୍ଜା ।" ଏଣ୍ଡୃଜ ଭଦ୍ରଲୋକଙ୍କ ଆଗ୍ରହକୁ ଭାଙ୍ଗି ପାରିଲେ ନାହିଁ। କହିଲେ, 'ଆସନ୍ତୁ' ।

ଦୁହେଁ ଚାଲିବାକୁ ଆରମ୍ଭ କଲେ । ସହରର ସଫାସୁତୁରା ରାସ୍ତା ଛାଡ଼ି ଦୀନବନ୍ଧୁ ଏକ ଗଳି ରାସ୍ତା ଧରିଲେ । ଗଳିରାସ୍ତା ସରି ଆସିଲା ଏକ ହରିଜନ ବସ୍ତି ନିକଟରେ । ଗୋଟିଏ ଝୋପଡ଼ି ଘର ଭିତରକୁ ସେ ପଶିଗଲେ । ସେଠାରେ ଗୋଟିଏ ଖଟିଆରେ ଶୋଇଥିବା ରୋଗୀଣା ପିଲାକୁ ଜଣେ ବୃଦ୍ଧ ଲୋକ ପଙ୍ଖାରେ ବିଂଚୁଥିଲେ । ତାଙ୍କ ହାତରୁ ପଙ୍ଖା ନେଇ ଦୀନବନ୍ଧୁ ସେହି ପିଲାଟିକୁ ବିଂଚିବାକୁ ଲାଗିଲେ ଓ କହିଲେ, "ବାବା, ଏବେ ମୁଁ ଆସି ଗଲିଣି । ତୁମେ ଯାଅ ।" ବୃଦ୍ଧଜଣକ ପିଲାଟିକୁ ଆଉଁସି ଦେଇ ସେଠାରୁ ବିଦାୟ ନେଇ ଚାଲିଗଲେ ।

ଦୀନବନ୍ଧୁ ଭଦ୍ରଲୋକଙ୍କୁ କହିଲେ, "ବାଳକଟି ଅନାଥ । ରୋଗରେ ପଡ଼ି ବିଚରା ଅନେକ କଷ୍ଟ ପାଉଅଛି । ତା'ର ଦେଖାଶୁଣା କରିବା ଦାୟିତ୍ୱ ନେଇଛନ୍ତି ଏଇ ବୃଦ୍ଧ ଜଣକ । ଯେତିକି ସମୟ ମୁଁ ଏଇଠି ରହିବି, ପିଲାଟିର ସେବା କରିବି । ତା'ର ଯତ୍ନ ନେବି । ଏଇ ମୋର ପୂଜା, ଏଇ ମୋର ପ୍ରାର୍ଥନା,ଏଇଠି ମୋର ଗୀର୍ଜା ।"

ଦୀନବନ୍ଧୁଙ୍କର ଏହି ଉତ୍ତରରେ ଭଦ୍ରଲୋକ ଆଶ୍ଚର୍ଯ୍ୟ ହୋଇଗଲେ ଓ ଏହି ମହାନ୍ ବ୍ୟକ୍ତିଙ୍କ ନିକଟରେ ତାଙ୍କର ମଥା ଆପେ ଆପେ ନଇଁ ଗଲା ।

॥ ୦ ॥

ଅନାମିକା ନୀଡ. ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ସରକାର : ନିରଞ୍ଜନ ପଟ୍ଟନାୟକ

## ପକ୍କା ଘର ଯୋଜନାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍

ଭୁବନେଶ୍ୱର,୨୮/୫ (ନି.ପ୍ର): ବାତ୍ୟା 'ୟାସ' ଦ୍ୱାରା ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଲୋକମାନେ ବହୁତ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ପାଖାପାଖି ୯୦ରୁ ୯୫ଟି ଗ୍ରାମ ପଂଚାୟତର ହଜାର ହଜାର ଲୋକ ଜଳବନ୍ଦୀ ଅଛନ୍ତି। ଫସଲ , ମତ୍ସ୍ୟଜୀବୀଙ୍କ ଡଙ୍ଗା ଓ ଜାଲ ମଧ୍ୟ ନଷ୍ଟ ହୋଇଛି। ଏସବୁ କ୍ଷୟକ୍ଷତିର ଅତିଶୀଘ୍ର ତାଲିକା ପ୍ରସ୍ତୁତ କରି କ୍ଷତିଗ୍ରସ୍ତ ଚାଷୀ, ମତ୍ସ୍ୟଜୀବି ଏବଂ ଉଦ୍ୟାନଚାଷୀ ମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାକୁ କଂଗ୍ରେସ ଦାବି କରିଛି। ପିସିସି ସଭାପତି ନିରଂଜନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ସରକାର କିଭଳି ଜଳବନ୍ଦୀ ଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ସହିତ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ, ରାସନ ଓ ପିଇବା ପାଣି ପଂହଚାଇବାର ଆବଶ୍ୟକତା ରହିଛି ଏବଂ ଜଳସ୍ତର ହ୍ରାସ ପାଇଲା ପରେ ଯୁଦ୍ଧକାଳୀନ ଭିତିରେ ସେ ସବୁ ଗ୍ରାମାଂଚଳ ଗୁଡ଼ିକର ରାସ୍ତା ଘାଟ ଠାରୁ ଆରମ୍ଭ କରି ବିଜୁଳି ଆଲୁଅର ପୁନରୁର୍ଦ୍ଧାର କରିବା ସହିତ ଜଳବନ୍ଦୀ ଥିବା ଲୋକମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ଏବଂ କରୋନା ମହାମାରୀ ରୋଗରୁ ରକ୍ଷା କରିବା ଦିଗରେ ସମସ୍ତ କାର୍ଯ୍ୟ ହାତକୁ ନେବା ଉଚିତ। ସରକାରୀ ତଥ୍ୟ ଅନୁସାରେ ୭ଲକ୍ଷ ୩ ହଜାର ଲୋକଙ୍କୁ ବିଭିନ୍ନ ଆଶ୍ରୟ ସ୍ଥଳରେ ରଖାଯାଇଥିଲା ବୋଲି ସରକାର କହୁଛନ୍ତି ଏବଂ ବାଲେଶ୍ୱର ଜିଲ୍ଲାରୁ କେବଳ ୧ଲକ୍ଷ ୯୦ ହଜାର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଥିଲା। ଶ୍ରୀ ପଟ୍ଟନାୟକ ଅତି କ୍ଷୋଭର ସହିତ କହିଛନ୍ତି ଯେ ୧୯୯୯ ମହାବାତ୍ୟା ପରେ ପରେ ଓଡ଼ିଶା ୟାସକୁ ମିଶାଇ ୮ଟି ବାତ୍ୟାକୁ ସାମନା କଲା। କିନ୍ତୁ ପ୍ରତିଥର ବାତ୍ୟା ଆସିଲେ ଆମେ ଅଧିକରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରୁଛୁ, ଏହାର ଅର୍ଥ କଣ ଏପର୍ଯ୍ୟନ୍ତ ରାଜ୍ୟରେ ବାତ୍ୟା ପ୍ରପିଡ଼ିତ ଜିଲ୍ଲାରେ ତଳୁଆ ଅଂଚଳ ମାନଙ୍କରେ ଚାଳ ଘର ବା ଟିଣ ଛପର ଘର କରି ରହିଥିବା ଲୋକମାନଙ୍କୁ ଏପର୍ଯ୍ୟନ୍ତ ପକ୍କାଘର ଯୋଗାଇ ଦେଇ ପାରିନାହୁଁକି ? ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି ୨୦୨୨ ମସିହା ସୁଦ୍ଧା ଗ୍ରାମାଂଚଳରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପକ୍କା ବାସଗୃହ ଯୋଗାଇ ଦିଆଯିବ। ୨୦୨୨ ମସିହା ହେବାକୁ ଆଉ ମାତ୍ର ଅଳ୍ପ କିଛି ମାସ ଅଛି ଯଦି ୟାସ ବାତ୍ୟାଯୋଗୁ ୪ଟି ଜିଲ୍ଲାରେ ୭ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି, ତାହାହେଲେ ଯଦି ଏ ବାତ୍ୟାର ପ୍ରକୋପ ୧୦ରୁ ୧୨ ଟି ଜିଲ୍ଲାକୁ ପଡ଼ିଥାନ୍ତା ତାହାହେଲେ ପାଖାପାଖି ୧୫ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପଡ଼ିଥାନ୍ତା ? ତାହାହେଲେ ଏହି ଅଳ୍ପ କିଛି ମାସ ଭିତରେ ରାଜ୍ୟ ସରକାର ଓଡ଼ିଶାର ଗ୍ରାମାଂଚଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପକ୍କାଘର ଯୋଗାଇ ଦେପାରିବେ ତ ? ଦୀର୍ଘ ୨୦ବର୍ଷ ଭିତରେ ରାଜ୍ୟ ସରକାର କେତେ ଲୋକ ବିଜୁ ପକ୍କାଘର ଯୋଜନାରେ ଘର ପାଇଛନ୍ତି, କେତେଲୋକ ଇନ୍ଦିରା ଆବାସ ପାଇଛନ୍ତି ଏବଂ ୨୦୧୪ ରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଗୃହ ଯୋଜନାରେ କେତେଲୋକଙ୍କୁ ଘର ମିଳିଛି ଏହାର ଏକ ସବିଶେଷ ତଥ୍ୟ ରାଜ୍ୟ ସରକାର ପ୍ରକାଶ କରନ୍ତୁ। କରୋନା ମହାମାରୀର ସଂକ୍ରମଣକୁ ବାତ୍ୟା ପ୍ରପଡ଼ିତ ଜିଲ୍ଲାମାନଙ୍କରେ କିଭଳି ରୋକାଯାଇ ପାରିବ ରାଜ୍ୟ ସରକାର ଏବଂ ରାଜ୍ୟ ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ବିଶେଷ କରି ସେହିସବୁ ଜିଲମାନଙ୍କରେ ଅଧିକରୁ ଅଧିକ ଟେଷ୍ଟିଂ କରିବା ଏବଂ ରୋଗୀମାନଙ୍କୁ ତତକ୍ଷଣାତ ଚିକିତ୍ସା ସୁବିଧା ଯଥା ଔଷଧ ପତ୍ର ଏବଂ ତାଙ୍କର ରହିବା ପାଇଁ ଆଇସୋଲେସନ ସେଂଟର ତାଙ୍କ ପାଇଁ ଉପଲବ୍ଧ ହେବା ଉଚିତ।



# ବାତ୍ୟା ପ୍ରଭାବିତ ଅଂଚଳରେ ଯୁବମୋର୍ଚ୍ଚାର ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ

ଭୁବନେଶ୍ୱର,୨୮/୫ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ଆହ୍ୱାନ, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ବାତ୍ୟା ପ୍ରଭାବିତ ଅଂଚଳରେ ରିଲିଫ ଓ ରିଷ୍ଟୋରେସନ କାର୍ଯ୍ୟରେ ଲାଗି ପଡିଛନ୍ତି । ବାତ୍ୟାଶ୍ରୟ ସମେତ ନିଜ ନିଜ ଘରେ ଅସହାୟ ଅବସ୍ଥାରେ ଥିବା ଅଂଚଳବାସୀଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ସମେତ ମହମବତୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଆସୁଛନ୍ତି । ସବୁଠୁ ଅଧିକ ପ୍ରଭାବିତ ଭଦ୍ରକ ଜିଲ୍ଲାର ଅସ୍ଥଳ, ମଠସାହି, ବଙ୍କସାହି, କୁଆଁଶ, ବନ୍ତଛକ, ଆମ୍ବରୋଳି, ଭଣ୍ଡାରିପୋଖରୀ ଅଂଚଳରେ ଚୁଡା ଗୁଡ, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ଏହି କାର୍ଯ୍ୟରେ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲା ସଭାପତି ବିକାଶ ସ୍ରେଷ୍ଠାଙ୍କ ସମେତ ଦେବାଂଶୁ ରାଉତ, ସରୋଜ ରାଉତ ପ୍ରମୁଖ ସାମିଲ ହୋଇଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୁଡିପଦା ଅଂଚଳ ସମେତ ଜିଲ୍ଲାର ବସ୍ତା ଅଂଚଳରେ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ମାନସ ଦତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସଭାପତି ରାଜେଶ ମହାପାତ୍ର ଏବଂ ବହୁ କାର୍ଯ୍ୟକର୍ତ୍ତା ରିଲିଫ ଓ ରିଷ୍ଟୋରେସନ କାର୍ଯ୍ୟରେ ସାମିଲ ହୋଇ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି । ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ବିକ୍ରମ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଯାଜପୁର ଜିଲ୍ଲାର କୋରେଇ, ବ୍ୟାସନଗର ପ୍ରମୁଖ ସ୍ଥାନରେ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ରନ୍ଧା ଖାଦ୍ୟ ବଂଟନ କରିଥିଲେ । ଏହି ସେବା କାର୍ଯ୍ୟରେ ଜିଲ୍ଲା ସଭାପତି ବିଶ୍ୱଜିତ୍ ରାଜ ଏବଂ ଅନ୍ୟାନ୍ୟ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ସେହିପରି ମୟୁରଭଂଜ ଜିଲ୍ଲା ସଭାପତି ବଳରାମ ସାହୁ, ରାଇରଂଗପୁର ସାଂଗଠନିକ ଜିଲ୍ଲା ସଭାପତି ଆଲୋକ ରଂଜନ ମହନ୍ତ, ଜଗତସିଂପୁର ଜିଲ୍ଲା ସଭାପତି ମାନସ ରଂଜନ ମହାପାତ୍ର, କେନ୍ଦୁଝର ଜିଲ୍ଲା ସଭାପତି ହେମ ରଂଜନ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ମଲ୍ଲିକ ପ୍ରମୁଖ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସହ ନିଜ ନିଜ ଅଂଚଳରେ ବାତ୍ୟା ଓ ବନ୍ୟା ପ୍ରପିଡିତଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ବାତ୍ୟା ପ୍ରଭାବିତ ଅଂଚଳରେ ସ୍ଥିତି ସାମାନ୍ୟ ହେବା ପର୍ଯ୍ୟନ୍ତ କରୋନା ଗାଇଲାଇନକୁ ସଂପୂର୍ଣ୍ଣ ଭାବେ ପାଳନ କରିବା ସହ ପ୍ରଶାସନକୁ ସହଯୋଗ କରାଯାଇ ଏହି ରିଲିଫ ଓ ରିଷ୍ଟୋରେସନ କାର୍ଯ୍ୟ ଜାରୀ ରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ଆଚାର୍ଯ୍ୟ ସୁଚନା ଦେଇଛନ୍ତି ।

# କଂଗ୍ରେସ ପକ୍ଷରୁ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,୨୮/୫ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଂଟିନ୍ ଛକ ସ୍ଥିତ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ପିସିସି କାର୍ଯ୍ୟକାରୀ ସଭାପତି, ପ୍ରଦୀପ ମାଝୀ, ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ଜୟକୃଷ୍ଣ ମଲ୍ଲିଆ, ସଂକୁନା କହଁର,ଏମଡି ସାହାଦୁଲ୍ଲା,ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କିଷାନ କଂଗ୍ରେସ ପାଳିଲା କଳା ଦିବସ

ଭୁବନେଶ୍ୱର,୨୮/୫ (ନି.ପ୍ର): ମୋଦୀ ସରକାରର ୭ ବର୍ଷର କୁ-ଶାସନର ପୂର୍ତି ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ଆଇନ ବିରୁଦ୍ଧରେ ମଇ ୨୬କୁ ପୁରିଲା କୃଷକ ଆନ୍ଦୋଳନର ଠିକ୍ ୬ ମାସ। ତେଣୁ ଏହି ମଇ ୨୬ ଦିବସକୁ ସର୍ବ ଭାରତୀୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କଂଗ୍ରେସ ସମେତ ୧୨ଟି ରାଜନୈତିକ ଦଳର ପୂର୍ଣ୍ଣ ସମର୍ଥନରେ କୃଷକମାନେ କଳା ଦିବସ ରୂପେ ପାଳନ କରିଛନ୍ତି। ଦେଶବ୍ୟାପୀ କୃଷକମାନଙ୍କ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଏହାକୁ କଳା ଦିବସ ରୂପେ ପାଳନ କରାଯାଇଛି। କେନ୍ଦ୍ର ସରକାର ତୁରନ୍ତ ଚାଷୀ ବିରୋଧୀ ଏହି ତିନୋଟି କଳା କୃଷି ଆଇନ୍‌କୁ ସମ୍ପୂର୍ଣ୍ଣ ରଦ୍ଦ କରିବା ସହିତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନ ସମ୍ମତ କରିବାକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି।

# ବୁଦ୍ଧ ମନ୍ଦିର ପକ୍ଷରୁ ନିଆରା ଢଙ୍ଗରେ ବୁଦ୍ଧ ପୂର୍ଣ୍ଣିମା ପାଳିତ

ଭୁବନେଶ୍ୱର,୨୮/୫ (ନି.ପ୍ର): ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। କରୋନା ମହାମାରୀର ପ୍ରକୋପ ତଥା ବାତ୍ୟା ପରିପ୍ରେକ୍ଷୀରେ ସୋସାଇଟି ପକ୍ଷରୁ କଳିଙ୍ଗ ନଗରଠାରେ ଗରିବଶ୍ରେଣୀର ଲୋକଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ ଯଥା-ଚାଉଳ, ଅଟା, ଡ଼ାଲି, ତେଲ, ଆଳୁ ଓ ପିଆଜର ପ୍ୟାକେଟ ବଂଟନ କରାଯାଇଛି। ଏଥିସହିତ ଭୁବନେଶ୍ୱର ଓ ଛତିଆର ତିନୋଟି ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ରନ୍ଧାଖାଦ୍ୟ ବଂଟନ କରାଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଶା ଶାଖାର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ପରିଚାଳନା କରିଥିଲେ। ସୋସାଇଟିର ସଭ୍ୟ ଡଃ କରୁଣାକର ପ୍ରଧାନ, ନମ୍ରତା ଚଢା, ନମିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଶା ଶାଖା ସଭାପତି ଡଃ ବିମଳେନ୍ଦୁ ମହାନ୍ତି, କେନ୍ଦ୍ରୀୟ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଓ ବରିଷ୍ଠ ସଭ୍ୟ ବିଳମ ଦାସଙ୍କ ପ୍ରତ୍ୟକ୍ଷ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପିସିସି ୟାସ ଟାସ୍କଫୋର୍ସ କମିଟିରୁ ୩ ଦିନିଆ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ଗସ୍ତ

ଭୁବନେଶ୍ୱର,୨୮/୫ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କାର୍ଯ୍ୟକାରୀ ସଭାପତି ତଥା ପିସିସି 'ୟାସ ଟାସ୍କ ଫୋର୍ସ' କମିଟି ଅଧକ୍ଷ ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ୮ ଜଣିଆ କମିଟି ସଦସ୍ୟ ୟାସ ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ଗସ୍ତ କରୁଛନ୍ତି। ଆସନ୍ତାକାଲି ତା ୨୮ ମେ, ଶୁକ୍ରବାର ପୂର୍ବାହ୍ନ ୮ ଘଟିକାରୁ ପିସିସି କାର୍ଯ୍ୟାଳୟରୁ ବାହାରି ଦିବା ୧୦ ଘଟିକା ୩୦ ମିନିଟରେ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପହଂଚି ସେଠାରୁ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାଙ୍କ ସମେତ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ, ସାଂସଦ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ 'ୟାସ ଟାସ୍କ' ଫୋର୍ସ ସଂଯୋଜକ ଆଉ ସଦସ୍ୟମାନେ ବାସୁଦେବପୁର, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳ ଗସ୍ତକରି କ୍ଷତିଗ୍ରସ୍ତ ଲୋକଙ୍କୁ ସାକ୍ଷାତ କରିବା ସହ ଲୋକଙ୍କ ସୁବିଧା, ଅସୁବିଧା ବିଷୟରେ ପଚାରି ବୁଝିବେ। ଭଦକ୍ର ଜିଲ୍ଲା କାର୍ଯ୍ୟକ୍ରମ ଅନୁଧ୍ୟାନ ପରେ ରାଜ୍ୟ ଟାସ୍କଫୋର୍ସ କମିଟି ଅଧକ୍ଷ ଆଉ ସଦସ୍ୟମାନେ ବାଲେଶ୍ୱର ଠାରେ ରାତ୍ରିଯାପନ କରି ତା' ପରଦିନ ୨୯, ମେ, ଶନିବାର ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଜିଲ୍ଲା ଟାସ୍କ ଫୋର୍ସ କମିଟି ସଂଯୋଜକ, ସଦସ୍ୟମାନେ ୟାସ ପ୍ରଭାବିତ ଅଂଚଳ ଗସ୍ତକରି ଲୋକଙ୍କୁ ସାକ୍ଷାତ କରି ସେମାନଙ୍କର ମତାମତ ସହ କ୍ଷୟକ୍ଷତି, ସମସ୍ୟା ବିଷୟରେ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ସ୍ଥିରି କରାଯାଇଛି। ପ୍ରଦୀପ ମାଝୀଙ୍କ ସମେତ ଆବାହକ ଜାନକୀ ବଲ୍ଲଭ ପଟ୍ଟନାୟକ, ସଦସ୍ୟ ଶୁଭେନ୍ଦୁ ମହାନ୍ତି, ସମ୍ଭୁ ପାଣିଗ୍ରାହୀ, ବିଶ୍ୱଭୂଷଣ ଦାସ, ପଦ୍ମାକର ଗୁରୁ, ଯୋଗେଶ ଅଗ୍ରୱାଲ, ସତ୍ୟଶିବ ଦାସ ପ୍ରମୁଖ ଗସ୍ତରେ ସାମିଲ ହେଉଛନ୍ତି ବୋଲି ପିସିସ ଟାସ୍କଫୋର୍ସ କମିଟି ଆବାହକ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ପ୍ରେସ ବାର୍ତାରେ ପ୍ରକାଶ କରିଛନ୍ତି।

# ଶାନ୍ତିରାଜ ଖୋସଲାଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୮/୫ (ନି.ପ୍ର): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲାଙ୍କ ଅକାଳ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଶା ସଙ୍ଗୀତ ଜଗତର ଜଣେ ସ୍ୱାଭିମାନ ଓ ଆକାଶବାଣୀ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ନିଆରା ସଂଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲା ଏବେ ହଠାତ ସବୁଦିନ ପାଇଁ ସମସ୍ତଙ୍କ ପାଖରୁ ଚାଲିଗଲେ ମୁଁ ବିଶ୍ୱାସ କରିପାରୁନି। ସୁଦୂର କୋରାପୁଟର ଜୟପୁର ସହରରୁ କଟକ ଆସି ସ୍ୱର୍ଗତ ଖୋସଲା ସଂଗୀତ ସାଧନା ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜଣେ ସମାଜ ସଚେତନ ନାଗରିକ, ସ୍ନେହୀ, ପରୋପକାରୀ ଦରଦୀ ମଣିଷ ଭାବେ ସେ ବହୁତ ଲୋକପ୍ରିୟ ଥିଲେ ଏବଂ ଲୋକପ୍ରିୟ ଆଲବମରେ ବହୁ ଗୀତର ସଂଗୀତ ନିର୍ଦ୍ଦେଶନା ଦେଇ ତାଙ୍କ ଛାପ ଛାଡ଼ିଯାଇଛନ୍ତି ଯାହାକି ସଂଗୀତପ୍ରେମୀ ସବୁଦିନ ପାଇଁ ତାଙ୍କୁ ମନେରଖିବେ। ସ୍ୱର୍ଗତ ଖୋସଲାଙ୍କ ପରେଲାକ ହେବା ଓଡ଼ିଶା ସଂଗୀତ ଜଗତ ପାଇଁ ଏକ ଅପୁରଣୀୟ କ୍ଷତି।

# ବାତ୍ୟା ମଧ୍ୟରେ ନୂଆ ଜୀବନ: ୧୦ଟି ଉପକୂଳ ଜିଲ୍ଲାରେ ଜନ୍ମ ନେଲେ ୭୫୦ ଶିଶୁ

ଭୁବନେଶ୍ୱର,୨୮/୫ (ନି.ପ୍ର): 'ୟାସ୍' ସାମୁଦ୍ରିକ ବାତ୍ୟାର ଭୟାବହତା ଏବଂ କରୋନା ମହାମାରୀର ଆତଙ୍କ ମଧ୍ୟରେ ବାତ୍ୟା ପ୍ରଭାବିତ ଉପକୂଳବର୍ତ୍ତୀ ୧୦ଟି ଜିଲ୍ଲାର ଡାକ୍ତରଖାନାଗୁଡ଼ିକରେ ୭୫୦ ଜଣ ଶିଶୁ ଜନ୍ମଲାଭ କରିଛନ୍ତି । ବାତ୍ୟା 'ୟାସ୍'ର ସମ୍ଭାବ୍ୟ ବିପଦକୁ ଆଶଙ୍କା କରି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଏହି ୧୦ଟି ଜିଲ୍ଲାରେ ଜୁନ ପ୍ରଥମ ସପ୍ତାହ ମଧ୍ୟରେ ପ୍ରସବ ହେବାକୁ ଥିବା ଗର୍ଭବତୀ ମହିଳାମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ବିଭାଗର ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଓ ଆଶାକର୍ମୀମାନଙ୍କ ସହାୟତାରେ ୪୫୫୫ ଜଣ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇଥିଲା । ତନ୍ମଧ୍ୟରୁ ୨୧୦୭ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ୨୪ ତାରିଖରୁ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ମଇ ୨୫ ଓ ୨୬ ତାରିଖରେ କ୍ରମାଗତ ବର୍ଷା, ପବନ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ୭୫୦ ଜଣ ଶିଶୁ ପୃଥିବୀର ଆଲୋକ ଦେଖିଛନ୍ତି । ବାଲେଶ୍ୱର-୫୮, ଭଦ୍ରକ-୯୮, କଟକ-୬୧, ଜଗତସିଂହପୁର-୮୪, ଯାଜପୁର-୬୯, କେନ୍ଦୁଝର-୫୫, ମୟୂରଭଞ୍ଜ୩୬, କେନ୍ଦ୍ରାପଡ଼ା-୧୬୬, ଖୋର୍ଦ୍ଧା-୯୫ ଏବଂ ପୁରୀ ଜିଲ୍ଲାରେ ୨୮ ଜଣ ଶିଶୁ ଜନ୍ମ ହୋଇଛନ୍ତି । ସମସ୍ତ ପ୍ରସୂତି ଓ ନବଜାତକ ସୁସ୍ଥ ଅଛନ୍ତି । ତେବେ ବାତ୍ୟା ପ୍ରଭାବିତ ଏହି ଜିଲ୍ଲାଗୁଡ଼ିକରେ ଗର୍ଭବତୀ ଏବଂ ଆସନ୍ନପ୍ରସବାମାନଙ୍କୁ ହସ୍‌ପିଟାଲ୍‌କୁ ସ୍ଥାନାନ୍ତରଣ କରିବା ବିଭାଗୀୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଥିଲା ସବୁଠାରୁ ବଡ଼ ଆହ୍ୱାନ। କିଛି ମହିଳାଙ୍କର ପ୍ରସବ ତାରିଖ ଜୁନ ମାସ ପ୍ରଥମ ସପ୍ତାହରେ ଥିବାରୁ ସେମାନେ ଏବେଠାରୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ଅଙ୍ଗନବାଡ଼ି ସୁପରଭାଇଜର ଓ କର୍ମୀମାନେ ବାରମ୍ବାର ସେମାନଙ୍କ ଘରକୁ ଯାଇ ସେମାନଙ୍କୁ ବୁଝାଇସୁଝାଇ ହସ୍‌ପିଟାଲ୍‌କୁ ଆଣିଥିଲେ । ଏ ସଂପର୍କରେ ନିଜର ଅଭିଜ୍ଞତା କହିଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ପ୍ରକଳ୍ପର ଅଙ୍ଗନବାଡ଼ି ସୁପରଭାଇଜର ସ୍ୱିଟସୁମନ୍ ସାହୁ । ଜିଲ୍ଲାରେ ସବୁଠାରୁ ଅଧିକ ପ୍ରଭାବିତ ଏହି ପ୍ରକଳ୍ପର ନରସିଂହପୁର ଗ୍ରାମପଂଚାୟତ ଅଧୀନସ୍ଥ ସ୍ଥିତ କାଳିଦାସପୁର ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କର ୩୦ ମଇରେ ପ୍ରସବ ତାରିଖ ଥିବାରୁ ସେ କୌଣସିମତେ ହସ୍‌ପିଟାଲ୍‌କୁ ଯିବାକୁ ରାଜି ହୋଇନଥିଲେ। କିନ୍ତୁ ବାରମ୍ବାର ଅନୁରୋଧ ଏବଂ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଅଙ୍ଗନବାଡ଼ି କର୍ମୀ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ୨୫ ତାରିଖଦିନ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ ।

# ବାଲେଶ୍ୱର ଜିଲ୍ଲାର ବାତ୍ୟା ପ୍ରଭାବିତ ଅଂଚଳ ବୁଲି ଦେଖିଲେ ଯୋଗାଣ ମନ୍ତ୍ରୀ: ରିଲିଫ୍ ଓ ଥଇଥାନ କାର୍ଯ୍ୟ ସମୀକ୍ଷା କଲେ



ଭୁବନେଶ୍ୱର, ୨୭ ମଇ(ହି.ସ.) - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ବାତ୍ୟା 'ୟାସ୍' ଦ୍ୱାରା ପ୍ରଭାବିତ ବାଲେଶ୍ୱର ଜିଲ୍ଲାର ପ୍ରପୀଡ଼ିତଙ୍କୁ ରିଲିଫ୍ ପ୍ରଦାନ ଓ ବାତ୍ୟା ପରବର୍ତ୍ତୀ ଥଇଥାନ କାର୍ଯ୍ୟର ତଦାରଖ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବାଲେଶ୍ୱର ଯାଇ ଜିଲ୍ଲାର ବିଭିନ୍ନ ବାତ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବାଲେଶ୍ୱର ସଦର ବିଧାୟକଙ୍କ ସହ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୱାର୍ଡ ୩୧ର ମସଜିଦ୍ ଗଳି ଓ ଅରୋଡ଼ ବଜାର ଏବଂ ୫ ନଂ ୱାର୍ଡକୁ ଯାଇ ବାତ୍ୟା ପରବର୍ତ୍ତୀ ରିଲିଫ ବିଷୟରେ ଅଂଚଳବାସୀଙ୍କ ସହ ଆଲୋଚନା କରିଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ପ୍ରଭାବିତ ଅଂଚଳର ଲୋକମାନଙ୍କୁ ରିଲିଫ୍ ସାମଗ୍ରୀ ବଂଟନ ଦିଗରେ ଅଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ । ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବାଲେଶ୍ୱର ସଦର ବ୍ଲକ୍‌ର ସାରଥା ଗ୍ରାମପଂଚାୟତର ସାରଥା, ଚକ୍ରସାରଥା, ଗଁନ୍ଦିଆ, ମୁହାଣ, ବାଙ୍ଗସିରି, ମେଘା, ହଳଦୀଗଡ଼ି, ଖୁଦକାଣ୍ଡିଆ, ମିରିଚି, ବୁଧିଆମାରି, ଖଡ଼ଖଡ଼ି ଏବଂ ଆଲବେନ୍ଦା ଗ୍ରାମପଂଚାୟତରେ ବାତ୍ୟା ପରବର୍ତ୍ତୀ ଥଇଥାନ କାର୍ଯ୍ୟର ତଦାରଖ କରିଥିଲେ । ବାଲେଶ୍ୱର ସଦରର ବିଭିନ୍ନ ଗ୍ରାମ ବୁଲି ବାତ୍ୟା ପରବର୍ତ୍ତୀ ସ୍ଥିତି ଦେଖିବା ପରେ ଥଇଥାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କିପରି ହୋଇପାରିବ ସେ ବିଷୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏକ ବୈଠକରେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ଓ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଖୋଲାଯାଇଥିବା ଫ୍ରି କିଚେନ୍‌ରେ ଖାଦ୍ୟଯୋଗାଣ ବିଭାଗ ପକ୍ଷରୁ ପିଡିଏସ୍ ଚାଉଳ ଯୋଗାଇ ଦିଆଯାଇଥିବାବେଳେ ପର୍ଯ୍ୟାପ୍ତ ପରିମାଣର ଚୁଡ଼ା ଓ ଗୁଡ଼ ମହଜୁଦ ଅଛି ଏବଂ ରିଲିଫ୍ ଆକାରରେ ଯୋଗାଇ ଦିଆଯାଉଛି ।

# ଚାରି କଫ ସିରଫ ବେପାରୀ ଗିରଫ

ପୁରୀ,୨୮/୫ (ନି.ପ୍ର): ପୁରୀରେ ବେଆଇନ ଭାବେ ବହୁ ମାତ୍ରାରେ କଫ ସିରଫ ବିକ୍ରି ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହେବାରୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ନିଶା ବେପାରୀମାନଙ୍କୁ ଧରି ଜେଲ ପଠାଉଛି। ସେହିପରି ଟାଉନ ଥାନା ପୁଲିସ ଗୁରୁବାର ଦୁଇଟି ଗ୍ୟାଙ୍ଗକୁ ଗିରଫ କରିଛି। ଏନେଇ ପୁଲିସ ଦୁଇଟି ମାମଲା ରୁଜୁ କରି ଚାରି ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫୦ଟି କଫ ସିରଫ, ଗୋଟିଏ ଅଟୋ, ଗୋଟିଏ ବାଇକ ଓ ଚାରୋଟି ମୋବାଇଲ ଜବତ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ପୁରୀ ଟାଉନ ଥାନା ଇଲାକାରେ କେତେକ ବେପାରୀ ଜଗନ୍ନାଥ ବଲ୍ଲଭ ମଠ ଏବଂ ପୋଖରିଆରେ ନିଶା କାରବାର କରୁଥିବା ଖବର ମିଳିଥିଲା। ତେଣୁ ପୁଲିସ ଏହି ଦୁଇଟି ସ୍ଥାନରେ ଚଢ଼ଉ କରି ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ୍ ଛପନ ଛକ ନିବାସୀ ବାବୁନି ଓରଫ ସତ୍ୟନାରାୟଣ ତ୍ରିପାଠୀ(୨୬), ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ନିବାସୀ ସମୁ ଓରଫ ସୁରେଶ ମହାପାତ୍ର(୨୨), କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ଚନ୍ଦନ ଲଜ୍ ନିକଟରେ ରହୁଥିବା ସେକ୍ ? ଫକୀର(୩୦) ଏବଂ ଟାଉନ ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣର ରକି ଓରଫ ରବିନାରାୟଣ ମେକାପ(୨୮)କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଓଡି-୦୨-ଏୱାଇ-୨୬୬୦ ନମ୍ବର ବିଶିଷ୍ଟ ଅଟୋ, ଓଡି-୦୨-ବିକ୍ୟୁ-୪୧୬୬ ନମ୍ବର ବିଶିଷ୍ଟ ଏକ ପଲସର ଗାଡ଼ି, ୫୦ଟା କଫ ସିରଫ ଏବଂ ଚାରୋଟି ମୋବାଇଲ ଜବତ କରିଥିଲା। ଏ ସଂକ୍ରାନ୍ତରେ ୧୪୪/୨୧ ଏବଂ ୧୪୫/୨୧ ନମ୍ବରରେ ଦୁଇଟି ମାମଲା ରୁଜୁ କରି ପୁଲିସ ଏହି ଚାରି ଜଣ କଫ ସିରଫ ବେପାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

# ଭାବଗ୍ରାହୀ ମହାପାତ୍ରଙ୍କ ବିୟୋଗରେ ସଭା

ଭୁବନେଶ୍ୱର, ୨୭ ମଇ(ହି.ସ.) - ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି ତଥା ଉପଦେଷ୍ଟା ଡ. ଭାବଗ୍ରାହୀ ମହାପାତ୍ରଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ପକ୍ଷରୁ ଗୁଗୁଲ ମିଟ ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏକ ମିନିଟ ନୀରବ ପ୍ରାର୍ଥନା କରିବାପରେ ଶୋକ ସଭା ଆରମ୍ଭ ହୋଇଥିଲା । ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ବୈଠକରେ ଅଧ୍ୟକ୍ଷତା କରି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହିତ ସେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ପଶ୍ଚିମାଂଚଳର ଜାଗ୍ରତ ପ୍ରହରୀ ବୋଲି କହିଥିଲେ । ସେହିପରି ଉପଦେଷ୍ଟା ଡ. ଦ୍ୱାରିକା ନାଥ ମହାନ୍ତି ଭାବଗ୍ରାହୀ ବାବୁଙ୍କୁ ଓଡ଼ିଶାର ଜଣେ ବରପୁତ୍ର ଭାବେ ସମ୍ବୋଧନ କରିଥିଲେ।

# ବାତ୍ୟା ପ୍ରଭାବିତ ଜିଲ୍ଲାରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରିଲିଫ୍ ବଂଟନ

ଭୁବନେଶ୍ୱର,୨୮/୫ (ନି.ପ୍ର): ୟାସ୍ ବାତ୍ୟା ପ୍ରବାଭିତ ଜିଲ୍ଲା ମାନଙ୍କରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରିଲିଫ୍ ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ବଂଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଗୁରୁବାର ଦିନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ତଥା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏବଂ ଛାତ୍ର ବିଜେଡ଼ି ରାଜ୍ୟ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲା ଗ୍ରସ୍ତ କରି ରିଲିଫ୍ ବଂଟନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି ।ଉଭୟ ପ୍ରଥମେ ବାଲେଶ୍ୱର ଜିଲ୍ଲା ଗ୍ରସ୍ତ କରି ୟାସ୍ ବାତ୍ୟା ପ୍ରଭାବିତ ସମସ୍ତ ଅଂଚଳ ଗୁଡ଼ିକୁ ପରିଦର୍ଶନ କରିବା ସହ ରିଲିଫ୍ ସାମଗ୍ରୀ ବଂଟନ କରିଥିଲେ। ପ୍ରଣବ କୁମାର ବଳବନ୍ତରାୟ କହିଥିଲେ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାଭାବିକ ପରିସ୍ଥିତି ଫେରି ଆସିବା ପର୍ଯ୍ୟନ୍ତ ଏହି ରିଲିଫ୍ ବଂଟନ କାର୍ଯ୍ୟକ୍ରମ ଜାରି ରହିବ ।

## ଇଂ. ଅମରେନ୍ଦ୍ର ଦାସଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର ଶୋକ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଅମରେନ୍ଦ୍ର ଦାସଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି । ଇଂ. ଅମରେନ୍ଦ୍ର ଦାସ ୨୦୦୨ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ରାଜ୍ୟ ସାଧାରଣ ସମ୍ପାଦକ ଭାବରେ ବହୁ କାର୍ଯ୍ୟ କରିଯାଇଛନ୍ତି । ତାଙ୍କ ସମୟରେ ଓଡ଼ିଶା ରାଜ୍ୟ ସରକାର ପ୍ରଥମେ ବିଚ୍ଛିନ୍ନାଂଚଳରେ ଓଡ଼ିଆ ଲିପିଶିକ୍ଷା ପ୍ରଚଳନ ପାଇଁ ଉତ୍କଳ ସମ୍ମିଳନୀକୁ ଅନୁଦାନ ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ତାଙ୍କ ସମୟରେ ଗଠନ ହୋଇଥିଲା ଓ ସେତେବେଳେ ରାଜ୍ୟ ସଭାପତି ଭାବେ ଥିବା ବସନ୍ତ କୁମାର ପାଣିଗ୍ରାହୀ ଓ ସାଧାରଣ ସମ୍ପାଦକ ଭାବେ ଇଂ. ଅମରେନ୍ଦ୍ର ଦାସ ବହୁତ ସହଯୋଗ କରିଛନ୍ତି ବୋଲି ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଉତ୍କଳ ସମ୍ମିଳନୀ ପକ୍ଷରୁ ଇଂ.ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରାଯାଇଛି ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମୀକ୍ଷା ବୈଠକରେ ବାତ୍ୟା ନେଇ ଦୀର୍ଘସୂତ୍ରୀ ସମାଧାନ ଚାହିଁଲା ଓଡ଼ିଶା

ଭୁବନେଶ୍ୱର,୨୮/୦୫(ନି.ପ୍ର): ବାତ୍ୟା ୟାସରେ କ୍ଷୟକ୍ଷତି ନେଇ ପ୍ରଧାନମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ପାଇଁ ଦୀର୍ଘସୂତ୍ରୀ ସମାଧାନ ପାଇଁ ଅନୁରୋଧ କରିଛନ୍ତି । ବୈଠକ ପରେ ରାଜ୍ୟର ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ - ମୁଖ୍ୟମନ୍ତ୍ରୀଏହି ବୈଠକରେ ବିଶେଷକରି ବାତ୍ୟାକୁ ସମ୍ଭାଳି ପାରୁଥିବା ବିଦ୍ୟୁତ୍ ବ୍ୟବସ୍ଥା ଦାବି କରିବା ସହ ଉନ୍ନତ ଟେକ୍ନୋଲୋଜି, ଅଣ୍ଡର ଗ୍ରାଉଣ୍ଡ କେବୁଲିଂ ବ୍ୟବସ୍ଥା ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ ଉନ୍ନତ ଟେକ୍ନୋଲୋଜି, ଅଣ୍ଡର ଗ୍ରାଉଣ୍ଡ କେବୁଲିଂ ବ୍ୟବସ୍ଥା ଦାବି କରିଛନ୍ତି । ଏହା ସହ ବର୍ତ୍ତମାନର ବାତ୍ୟା ନେଇ ଓଡିଶା କିଛି ଦାବି କର ନାହିଁ ବୋଲି ସେ କହିଛନ୍ତି । ଯାହା ଏବେ ଦରକାର ଆମେ ତାକୁ ମ୍ୟାନେଜ କରିନେବୁ ଏବଂ ଆଗାମୀ ୭ ଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବୁ ବୋଲି ଏସଆରସି ସୂଚନା ଦେଇଛନ୍ତି ।

# କଂଗ୍ରେସ ସ୍ୱତନ୍ତ୍ର ଟାସ୍କଫୋର୍ସ କମିଟିର ବାତ୍ୟାଞ୍ଚଳ ପରିଦର୍ଶନ, ଶୁଖିଲା ଖାଦ୍ୟ ବଣ୍ଟନ



ଭଦ୍ରକ,୨୮/୦୫ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ବାତ୍ୟା 'ୟଶ୍'ର ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରି କମିଟି ଆଜି ଭଦ୍ରକ ଜିଲ୍ଲାର ବାତ୍ୟା ପ୍ରଭାବିତ ଅଞ୍ଚଳ ବାସୁଦେବପୁର, ଚାନ୍ଦବାଲି, ଧାମରା ଅଞ୍ଚଳ ଗସ୍ତ କରି ବିପନ୍ନ ମାନଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ସେମାନଙ୍କର ଅବସ୍ଥା ପଚାରି ବୁଝିଥିଲେ । ଏହି କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ସାଂସଦ ତଥା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପଦ୍ମାକର ଗୁରୁ, ଜାନକୀ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ଶମ୍ଭୁନାଥ ପାଣିଗ୍ରାହୀ, ଯୋଗେଶ ଅଗରୱାଲଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବାସୁଦେବପୁର କଂଗ୍ରେସ ନେତା ଅଶୋକ ଦାସ, ଚାନ୍ଦବାଲି କଂଗ୍ରେସ ନେତା ଦିଗମ୍ବର ଦାସ, ମନୋଜ ବିଶ୍ୱାଳ, ବ୍ଲକ ଓ ଟାଉନ କମିଟିର ସଭାପତିଙ୍କ ସହ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଆଶିଷ ରାଉତ, ବିଜୟ ବାରିକ, ଯୁବନେତା ହେମନ୍ତ ମହାପାତ୍ର ଯୋଗ ଦେଇଥିଲେ । ଅପରାହ୍ନରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଗସ୍ତକରି ଜାଗୁଲା ଗ୍ରାମ ପଂଚାୟତର ବଳଭଦ୍ରପ୍ରସାଦ, ଧାମରା ପୋର୍ଟ ନିକଟସ୍ଥ ଦୋସିଙ୍ଗା ଗ୍ରାମ ପଂଚାୟତର ବାଂକଟାଟି, ଓରାମାଳ, ଅମର ନଗର, ବିଦ୍ୟୁତପ୍ରଭା ଗ୍ରାମ ଆଦି ଗସ୍ତକରି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପଚାରି ବୁଝିଥିଲେ । ଜିଲ୍ଲା ଆଉ ରାଜ୍ୟ ପ୍ରଶାସନର କୌଣସି ସାହାଯ୍ୟ ଆଉ ସହଯୋଗ ବାତ୍ୟା କ୍ଷତିଗ୍ରସ୍ତ ଲୋକ ନପାଇ ବହୁ ବିପନ୍ନ ସ୍ଥିତିରେ ଥିବା ଅନୁଭବ କରିଥିଲେ । ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତ କରି ପଦ୍ମପୁର ପଞ୍ଚାୟତର ସରତରପୁର, ସନାଗାଓଁପୁର, ପାଟଣା ମିଶ୍ରପୁର, ପାଟଣା ବାତ୍ୟା ଆଶ୍ରୟ ସ୍ଥଳୀ, ଲୁଙ୍ଗା ଗ୍ରାମ ପଂଚାୟତର ୭ ଆଉ ୮ ନମ୍ବର ୱାର୍ଡ ଯାହାକି ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି ସେ ସବୁ ଅଞ୍ଚଳକୁ ଯାଇଥିଲେ । ପରେ ବାସୁଦେବପୁର ପୌରପରିଷଦର ୧୬ ନମ୍ବର ୱାର୍ଡ ଗସ୍ତ କରିବା ସହ ଜନସାଧାରଣଙ୍କୁ ଭେଟି ଆଲୋଚନା କରିବା ବେଳେ ସରକାରଙ୍କ ତରଫରୁ ମୁଣ୍ଡପିଛା ୨୦୦ ଗ୍ରାମ ଚୂଡ଼ା ମାତ୍ର ଦିଆଯାଇଛି ବୋଲି ଲୋକେ ଅଭିଯୋଗ କରିଥିଲେ । କେବଳ ଲୁଙ୍ଗା ଗ୍ରାମ ପଂଚାୟତର ୭ ଆଉ ୮ ନମ୍ବର ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨ ଓଳି ଭାତ ଆଉ ଡାଲମା ଦେଇ ଅର୍ଥ ନଥିବାରୁ ଆଉ ଦେବାକୁ ସକ୍ଷମ ନାହାନ୍ତି ବୋଲି କରି ଆଉ ଖାଦ୍ୟ ଦିଆ ଯାଇଛ ନଥିବା ଅଭିଯୋଗ ହସ୍ତଗତ ହୋଇଥିଲା ।

# ୟାସ୍ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଚାଲିଛି ପାଇପ ଜଳଯୋଗାଣ ପୁନରୁଦ୍ଧାର

ଭୁବନେଶ୍ୱର,୨୮/୦୫ (ନି.ପ୍ର): ବାଲେଶ୍ୱର, ଭଦ୍ରକ, ବାରିପଦା, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଓ କଟକ ଗ୍ରାମ୍ୟ ଜଳଯୋଗାଣ ଡିଭିଜନ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ପ୍ରଳୟଙ୍କରୀ ବାତ୍ୟା 'ୟାସ୍' ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ବାଲେଶ୍ୱର ଗ୍ରାମ୍ୟ ଜଳ ଯୋଗାଣ ଡିଭିଜନ ଅନ୍ତର୍ଗତ ସମସ୍ତ ୬୬୫ଟି ଜଳ ଯୋଗାଣ ପ୍ରକଳ୍ପ ବାତ୍ୟାରେ ପ୍ରଭାବିତ ହୋଇଥିଲା । ଜେନେରେଟର ସେଟ୍ ଦ୍ୱାରା ବିଦ୍ୟୁତ ଶକ୍ତି ଯୋଗାଣ ଦିଆଯାଇ ୬୬୫ଟି ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି । ଏଥି ନିମନ୍ତେ ୧୪୪ଟି ଜେନେରେଟର ଉପଯୋଗ କରାଯାଇଛି । ଡିଭିଜନ ଅନ୍ତର୍ଗତ ୪୪୦ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୨୧୪ଟି ଓଭରହେଡ୍ ପାଣିଟାଙ୍କିରେ ପାନୀୟ ଜଳ ଭର୍ତି କରାଯାଇଛି । ୮୫ଟି ପିଭିସି ସିନ୍‌ଟାକ୍ସ ଟାଙ୍କି ବ୍ୟବହାର କରାଯାଇଛି ଏବଂ ଅଧିକ ୧୦୦ଟି ଟାଙ୍କି ଜିଲ୍ଲାକୁ ପଠାଯାଇଛି । ଜିଲ୍ଲାରେ ୩ଟି ଭ୍ରାମ୍ୟମାଣ ପାନୀୟ ଜଳ ବିଶୁଦ୍ଧକରଣ ପ୍ଲାଂଟ କାର୍ଯ୍ୟକରୁଛି । ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଣ ପାଇଁ ୩୭ ଜଣ ଇଲେକ୍‌ଟ୍ରିସିଆନ୍ ମୁତୟନ ହୋଇଛନ୍ତି । ଏହିପରି ମୋଟ ୭ଟି ଜିଲ୍ଲାର ୩୦୬୪ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୩୯୨ଟି ପ୍ରକଳ୍ପ ପ୍ରଭାବିତ ହୋଇଥିଲା । ଏହାକୁ ୪୩୩ଟି ଜେନେରେଟର ମାଧ୍ୟମରେ ବିଦ୍ୟୁତଶକ୍ତି ଯୋଗାଇ ଦିଆଯାଇ ୧୦୭୧ଟି ପାଇପ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି । ସମସ୍ତ ଡିଭିଜନ୍ ର ମୋଟ ୧୮୪୯ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୧୬୧୭ଟି ଟାଙ୍କିରେ ପାନୀୟ ଜଳ ଭର୍ତି କରାଯାଇଛି । ୫୧୨ଟି ପିଭିସି ଟାଙ୍କି ବ୍ୟବହାର କରାଯାଇଛି । ଜିଲ୍ଲାମାନଙ୍କରେ ମୋଟ ୧୦ଟି ଭ୍ରାମ୍ୟମାଣ ପାନୀୟ ଜଳ ବିଶୁଦ୍ଧକରଣ ପ୍ଲାଂଟ କାର୍ଯ୍ୟ କରୁଛି ।

# ୟୁବିଏସ୍ଏସ୍ ତରଫରୁ ବାତ୍ୟା ବିପନ୍ନ ବାଲେଶ୍ୱର ଓ ଭଦ୍ରକରେ ରିଲିଫ ବିତରଣ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ବାତ୍ୟା ୟାସରେ ପ୍ରଭାବିତ ହୋଇଥିବା ବାଲେଶ୍ୱରର ବାହାନାଗା, ସୋର, ରେମୁଣା ସଦର,ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ଏବଂ ଭଦ୍ରକର ଚାନ୍ଦବାଲି, ତିହିଡି, ବାସୁଦେବପରୁ, ଧାମନଗର, ଖଇରା ବ୍ଲକର ବିଭିନ୍ନ ଗ୍ରାମରେ ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ବାତ୍ୟା ପୂର୍ବରୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା । ଏବେ ବାତ୍ୟାପରେ ସେହି ସବୁ ଅଂଚଳରେ ସର୍ଭେ କରାଯାଇ ବିପନ୍ନମାନଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଉଛି । ବାଲେଶ୍ୱର ଓ ଭଦ୍ରକର ବାତ୍ୟା ପ୍ରଭାବିତ ଅଂଚଳରେ ସ୍ୱୟଂସେବକମାନେ ସର୍ଭେ କରି ସାରିବା ପରେ ତାର୍ପୋଲିନ୍, ସୋଲାର ଲାଇଟ , ମଶାରୀ , ମହମବତୀ , ଦିଆସିଲ , ପ୍ଲାଷ୍ଟିକ ରସି , ଜରିପାଲ , ଲୁଗା ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ସେବା ଭାରତୀ ତତ୍ୱାବଧାନରେ ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ ଏହି ସବୁ ଅଂଚଳରେ ସେବାକାମ ଜାରି ରଖିଛନ୍ତି ବୋଲି ସମିତିର କାର୍ଯ୍ୟାଳୟ ପ୍ରମୁଖ ଅଜୟ କୁମାର ଦାଶ ପ୍ରକାଶ କରିଛନ୍ତି ।

## 'ୟାସ୍' ପ୍ରଭାବିତ ୮ଟି ଜିଲ୍ଲାରେ ରାସ୍ତା ଅବରୋଧ ହଟିଲା

ଭୁବନେଶ୍ୱର,୨୮/୦୫ (ନି.ପ୍ର): ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେଉଁଝର, କେନ୍ଦ୍ରାପଡ଼ା, ଯାଜପୁର, କଟକ ଓ ଜଗତସିଂହପୁର ଜିଲ୍ଲା ପ୍ରଳୟଙ୍କରୀ ବାତ୍ୟା 'ୟାସ୍'ରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ବାତ୍ୟାରେ ଗଛ ଭାଙ୍ଗିବା ଯୋଗୁ ୮ଟି ଜିଲ୍ଲାର ୫୧୦ଟି ରାସ୍ତାରେ ଗମନାଗମନ ବ୍ୟାହାତ ହୋଇଥିଲା । ୨୭ ତାରିଖ ସୁଦ୍ଧା ଏହି ସମସ୍ତ ଜିଲ୍ଲାରେ ଅବରୋଧ ହୋଇଥିବା ୫୧୦ଟି ରାସ୍ତାରୁ ଉପୁଡ଼ି ପଡ଼ିଥିବା କିମ୍ବା ଭାଙ୍ଗି ପଡ଼ିଥିବା ୨୦୭୪ଟି ଗଛକୁ କଟାଯାଇ ଗମନାଗମନ ବ୍ୟବସ୍ଥାକୁ ସ୍ୱାଭାବିକ କରାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରିଲିଫ ପ୍ରଦାନ

ବାଲେଶ୍ୱର,୨୮/୦୫ (ନି.ପ୍ର): ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବାତ୍ୟା 'ୟସ' ପ୍ରପୀଡ଼ିତ ଲୋକଙ୍କୁ ଶୁକ୍ରବାର ରିଲିଫ ପ୍ରଦାନ କରାଯାଇଛି । ସଦର ବ୍ଲକ ଦୁବୁଲାଗଡ଼ି, ନୂଆଗାଁ, ଟିଆଖିଆ ଓ ଭଗୀରଥପୁର ପ୍ରଭୃତି ତଳିଆ ଅଞ୍ଚଳର ଶୁଖିଲା ଖାଦ୍ୟ ପୁଡ଼ିଆ ଓ ଅତ୍ୟାବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲେଶ୍ୱର ବିଭାଗ ପ୍ରମୁଖ କିରଣ କୁମାର ମହାରଣାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ବାଲିଆ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଧୀର ମହାନ୍ତ ଓ ଟିଆଖିଆ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୋଜ ନାଥଙ୍କ ନେତୃତ୍ୱରେ ଏହି ରିଲିଫ ପ୍ରଦାନ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଗୁରୁଜୀ ଓ ଗୁରୁମାଙ୍କ ସମେତ ବିଦ୍ୟାଳୟର କର୍ମଚାରୀମାନେ କ୍ଷତିଗ୍ରସ୍ତ ପରିବାରକୁ ଶୁଖିଲା ଖାଦ୍ୟ ଓ ଔଷଧ ଆଦି ପ୍ରଦାନ କରିଥିଲେ । ପ୍ରାୟ ୩୫୦ଜଣ ବାତ୍ୟା ପ୍ରପୀଡ଼ିତଙ୍କୁ ବଣ୍ଟନ କରାଯାଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୭ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ....

'ପ୍ରମେୟ'ର ଖୋର୍ଦ୍ଧା ପ୍ରତିନିଧି ତାରିଣୀ ଚରଣ ପାଢ଼ୀ, 'ନ୍ୟୁଜ୍-୧୮'ର ଭୁବନେଶ୍ୱର ପ୍ରତିନିଧି ପ୍ରବୀର କୁମାର ପ୍ରଧାନ, 'ମନ୍ଥନ'ର ଖୋର୍ଦ୍ଧା ପ୍ରତିନିଧି ପ୍ରତାପ କୁମାର ଦାସ ଏବଂ 'ହିନ୍ଦୁସ୍ତାନ ସମାଚାର'ର ଗଜପତି ପ୍ରତିନିଧି ନବୀନ ନନ୍ଦ ଗନ୍ତାୟତ । ଭୁବନେଶ୍ୱରଠାରେ 'ନିତିଦିନ' ସମ୍ବାଦପତ୍ରର ପ୍ରତିନିଧି ସ୍ୱର୍ଗତ ରାଧାନାଥ ମହାପାତ୍ର ଓ 'ପ୍ରତିଦିନ' ଖବରକାଗଜର ପ୍ରତିନିଧି ସ୍ୱର୍ଗତ ପ୍ରଭାତ କୁମାର ଦାସଙ୍କୁ ମଧ୍ୟ ମୃତ୍ୟୁ ପରେ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରାଯାଇଛି । ଏହାବାଦ ଭୁବନେଶ୍ୱରଠାରେ ମୁକ୍ତବୃତ ସାମ୍ବାଦିକ ଭାବେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ କାନୁନ୍‌ଗୋଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ୨ ଲକ୍ଷ ଟଙ୍କା ଓ ଝାରସୁଗୁଡ଼ା ଜିଲ୍ଲାର ସମାଜ ପ୍ରତିନିଧି ଗଜେନ୍ଦ୍ର ମହାନ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ବିଭିନ୍ନ ସମୟରେ କର୍ମଜୀବୀ ସାମ୍ବାଦିକଙ୍କ କେତେକ ଜଟିଳ ବ୍ୟାଧିର ଚିକିତ୍ସା ତଥା ଅକାଳ ମୃତ୍ୟୁ ପାଇଁ ଆର୍ଥିକ ସହାୟତା ଓ ଅନୁକମ୍ପା ରାଶି ପ୍ରଦାନ କରିଆସୁଛନ୍ତି । ସାଧାରଣ କାରଣରୁ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଥିବାବେଳେ କରୋନାରେ ମୃତ୍ୟୁ ପାଇଁ କୋଭିଡ୍ ଯୋଦ୍ଧା ଭାବେ ସେମାନଙ୍କୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏତଦ୍‌ଭିନ୍ନ କର୍ମଜୀବୀ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାର 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ଅନ୍ତର୍ଗତ ସ୍ୱାସ୍ଥ୍ୟବୀମା ଯୋଜନାରେ ୨ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଉଛି । ଏହି ଯୋଜନାରେ ଏଯାବତ୍ ରାଜ୍ୟର ୬୯୪୪ ଜଣ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ପ୍ରଦାନ କରାଯାଉଛି ।

## ବୈତରଣୀ, ସୁବର୍ଣ୍ଣରେଖାରେ ବନ୍ୟା....

ଶୁଖିଲା ପଡ଼ିଥିବା ବୈତରଣୀ ଗୁରୁବାର ସକାଳୁ ହଠାତ୍ ଫୁଲି ଉଠିଥିଲା । ଆଖୁଆପଦାରେ ବନ୍ୟାଜଳ ମଧ୍ୟାହ୍ନରେ ପହଞ୍ଚିଥିଲେ ବି ଯାଜପୁରର ବନ୍ୟାପ୍ରବଣ ଦଶରଥପୁର ବ୍ଲକ ଅଞ୍ଚଳରେ ୫ଟା ଯାଏ ନଦୀ ଫୁଲି ନଥିଲା । ୫ଟା ପରେ ବୈତରଣୀ ଧୀରେଧୀରେ ବଢ଼ିଥିଲା । ଗୁରୁବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ବୈତରଣୀର ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହୋଇଥିଲା । ଏହି ବନ୍ୟା ଯୋଗୁ ଦଉପୁରଠାରେ ବୈତରଣୀରେ ତିଆରି ହୋଇଥିବା ଏକ ବାଉଁଶଚାର ପୋଲ ଭାସିଯାଇଥିଲା । ଏହି ସମୟରେ ସେଥିରେ ଯାଉଥିବା ଦୁଇଜଣ ଲୋକ ଭାସିଯାଇଥିଲେ । ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବିପଦ ସଙ୍କେତ ଉପରେ ଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗାଠାରେ ପୋଲ ଉପରେ ପାଣି ଚାଲୁଛି । ଫଳରେ କେନ୍ଦୁଝର-ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବୈତରଣୀର ବିଭିନ୍ନ ଶାଖା ନଦୀରେ ଜଳସ୍ତର ବଢ଼ିବା ଯୋଗୁଁ ଯୋଡ଼ା ନିକଟରେ ୫୨୦ ନମ୍ବର ଜାତୀୟ ରାଜପଥ ଉପରେ ପାଣି ଚାଲିବାରୁ ଲୁହାପଥର ପରିବହନ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି । ରାଞ୍ଚି-ବିଜୟୱାଡ଼ା ରାଜପଥର ମଙ୍ଗଳପୁରଠାରେ ପୋଲ ଉପରେ ପାଣି ଚାଲିବାରୁ ଯାତାୟାତ ବନ୍ଦ ହୋଇଯାଇଛି । ହାଟଡିହି ବ୍ଲକର ଏକାଧିକ ଗାଁରେ ପାଣି ପଶି ଯାଇଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ।

## ମୋଦିଙ୍କୁ ଅଧଘଣ୍ଟା ଅପେକ୍ଷା....

ଏହାକୁ ନେଇ ମମତା ବାନାର୍ଜୀ କହିଛନ୍ତି, ଦିଘାରେ ମୋର ଆଉ ଏକ ମିଟିଂ ଥିଲା । ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରିପୋର୍ଟ ଦାଖଲ କରି ୨୦,୦୦୦ କୋଟି ଟଙ୍କାର ସହାୟତା ଦାବି କରିଛି । ଦିଘାର ବିକାଶ ପାଇଁ ୧୦,୦୦୦ କୋଟି ଏବଂ ସୁନ୍ଦରବନ୍ ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କା ଦାବି କରିଛି । ମୁଁ ମୋଦୀଙ୍କୁ କହିଥିଲି ଯେ ରାଜ୍ୟ ଅଧିକାରୀମାନେ ମୋତେ ଭେଟିବାକୁ ଚାହୁଁଛନ୍ତି । ଏହା ପରେ ମୁଁ ତାଙ୍କଠାରୁ ଅନୁମତି ନେଇ ଚାଲିଆସିଥିଲି । 'ତେବେ କୁହାଯାଉଛି, ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ସମୀକ୍ଷା ବୈଠକରେ ସାମିଲ ହେଉଥିବା ଜାଣିବା ପରେ ନାରାଜ ହୋଇଯାଇଥିଲେ ମମତା । ଏପରିକି ବୈଠକକୁ ଆସିବେନି ବୋଲି ପୂର୍ବରୁ ଜଣାଇ ଦେଇଥିଲେ ।

## ୟାସ୍‌ର ମୁକାବିଲା ପାଇଁ ଓଡିଶାକୁ ....

କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଆଶ୍ୱାସନା ଦେଇଛନ୍ତି । ସମୀକ୍ଷା ବୈଠକରେ ବାତ୍ୟା 'ୟଶ୍' ଦ୍ୱାରା ଉତ୍ପନ୍ନ ହୋଇଥିବା ଆହ୍ୱାନର ମୁକାବିଲା ଏବଂ ସମାଧାନ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ସଂସ୍ଥାନର ସକ୍ରିୟ ଭୂମିକା ଏବଂ ଓଡ଼ିଶାବାସୀଙ୍କ ଦୃଢ଼ ମନୋବଳ ଏବଂ ସାହାସକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଛନ୍ତି । ବିଶେଷ ଭାବରେ ସବୁଠୁ ବିପଦ ସମୟରେ ସର୍ବଦା ଓଡ଼ିଶାର ଲୋକଙ୍କ ସହ ଦୃଢ଼ତାର ସହ ଠିଆ ହୋଇଛନ୍ତି । ଓଡ଼ିଶାର ବାତ୍ୟା ପ୍ରଭାବିତ ଅଂଚଳରେ ଜୀବନକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବାକୁ ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ଏବଂ ଅନୁଧ୍ୟାନ ପରେ ଓଡିଶାକୁ ୫୦୦ କୋଟିର ସହାୟତା ରାଶି ଘୋଷଣା କରାଯାଇଛି । ସେହିପରି ବାତ୍ୟା 'ୟଶ୍' ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଥିବା ବେଳେ ପ୍ରଭାବିତ ରାଜ୍ୟ ଗୁଡ଼ିକ ପାଇଁ ବାତ୍ୟାର କ୍ଷୟକ୍ଷତି ଆକଳନ ନିମନ୍ତେ ଅନ୍ତଃ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି । ମୁଁ ଦୃଢ଼ ନିଶ୍ଚିତ ଯେ ବିସ୍ତୃତ କ୍ଷୟକ୍ଷତିର ତଥ୍ୟ ଆସିବା ପରେ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରକୁ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ । ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା କରିବା ପାଇଁ ସରକାରଙ୍କ ମିଳିତ ଉଦ୍ୟମରେ ଯୋଜନା କରାଯିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ବାତ୍ୟା 'ୟଶ୍'ର ପ୍ରଭାବ ତଥା ପ୍ରଭାବିତ ଅଂଚଳରେ ରିଲିଫ୍, ପୁନରୁଦ୍ଧାର ଏବଂ ଜୀବନଜୀବିକାର ପୁନଃସ୍ଥାପନ କରିବା ପାଇଁ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପ୍ରଥମେ ସମୀକ୍ଷା କରିଥିଲେ । ଏହା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆକାଶ ମାର୍ଗରୁ ବାତ୍ୟା ପ୍ରଭାବିତ ଅଂଚଳ ଭଦ୍ରକ ଏବଂ ବାଲେଶ୍ୱର ପରିଦର୍ଶନ କରିବା ସହ ସ୍ଥିତି ପରଖିଥିଲେ ।

## ଜୁନ ୩୦ ଯାଏଁ ବଢ଼ିଲା ଅନ୍ତର୍ଜାତୀୟ ....

ବିମାନ ଉଡ଼ାଣକୁ ଅନୁମତି ଦେଇ ପାରିବେ । ସୂଚନା ଥାଉ କି ଯେ ଦେଶରେ କରୋନା ମହାମାରୀ ହେତୁ ୨୩ ମାର୍ଚ୍ଚ ୨୦୨୦ ରୁ ଅନ୍ତର୍ଜାତୀୟ ବିମାନ ଚଳାଚଳ ସ୍ଥଗିତ ରହିଥିଲା । ତେବେ, ମେ ୨୦୨୦ ଠାରୁ, ବନ୍ଦେ ଭାରତ ଅଭିଯାନ ଏବଂ ଜୁଲାଇ ୨୦୨୦ ରୁ ଦ୍ୱିପାକ୍ଷିକ ଏୟାର ବବଲ ବ୍ୟବସ୍ଥାରେ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ବିମାନ ଚଳାଚଳ କରାଯାଇଛି । ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, କେନିଆ, ଭୁଟାନ ଏବଂ ଫ୍ରାନ୍ସ ସମେତ ୨୭ଟି ଦେଶ ସହିତ କେନ୍ଦ୍ର ସରକାର ଏୟାର ବବଲ ଚୁକ୍ତି କରିଛନ୍ତି । ସୂଚନା ଥାଉ କି ଯେ ଏୟାର ବବଲ ଚୁକ୍ତିନାମା ଅନୁଯାୟୀ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ବିମାନ ସେମାନଙ୍କ ଅଞ୍ଚଳ ମଧ୍ୟରେ ଉଡିପାରିବ । ପ୍ରକାଶ ଥାଉକି, ଡିଜିସିଏ ଦ୍ୱାରା ଶୁକ୍ରବାର ପ୍ରକାଶିତ ଏହାର ସରକାରୀ ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ଏହି ନିଲମ୍ବନ ଅନ୍ତର୍ଜାତୀୟ କାର୍ଗୋ ବିମାନ ଉପରେ ପ୍ରଭାବ ପକାଇବ ନାହିଁ । ସୂଚନାଯୋଗ୍ୟ ଯେ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ଉପରେ ସ୍ଥଗିତାଦେଶ ସମ୍ପର୍କରେ ଏହି ନିଷ୍ପତ୍ତି କରୋନାର ଦ୍ୱିତୀୟ ଲହରୀ ମଧ୍ୟରେ ଆସିଛି ।

# ବାତ୍ୟା ପରବର୍ତ୍ତୀ ବର୍ଷାରେ ବେହାଲ ମୟୂରଭଞ୍ଜ

## ନଦୀରେ ପାଣି ବଢ଼ି ରାସ୍ତା ଘାଟ ଯୋଗାଯୋଗ ବିଚ୍ଛିନ୍ନ, ଶିମିଳିପାଳ ଭିତରେ ଧୋଇ ଯାଇଛି ଅନେକ ରାସ୍ତା



ବାରିପଦା,୨୮/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଦେଇ ବାତ୍ୟା ୟାସ ଝାରଖଣ୍ଡକୁ ଗତି କରିବା ସମୟରେ ମୟୂରଭଞ୍ଜର ଶେଷ ସୀମା ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇ ଥିବାର ସୂଚନା ମିଳିଛି । ମୟୂରଭଞ୍ଜ ଜିଲ୍ଲାର ଯଶିପୁର, କୁସୁମୀ, ଶୁକୃଳି ଆଦି ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ କଣ୍ଡା, ଖଇରୀଭଣ୍ଡନ ଓ ବୈତରଣୀ ଆଦି ନଦୀର ଜଳସ୍ତର ବୃଦ୍ଧି ପାଇଛି । ପାଣି ଖର ସ୍ରୋତା ହେବା ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା ବିଚ୍ଛିନ୍ନ ହୋଇପଡିଛି । ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପର୍ବତ ମାଳାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ହେତୁ ୨ଟି ନଦୀର ଜଳ ସ୍ତର ବଢ଼ି ପାଣି ମାଡି ଯାଇଛି । ଶୁକୁଳି ବ୍ଲକ ଅନ୍ତର୍ଗତ ଖିଚିଂ-ଚଢ଼େଇଭୋଳକୁ ଯାଉଥିବା ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି । ସେହିପରି ଖଇରିଭଣ୍ଡନ ନଦୀର ଜଳ ସ୍ତର ବଢ଼ି ଅନେକ ଚାଷ ଜମିରେ ପାଣି ମାଡି ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେଇ ଯାଇଛି । ସେଠାରେ ନୂତନ ପୋଲ ନିର୍ମାଣ ଚାଲିଥିବା ବେଳେ କର୍ମଚାରୀ ମାନେ ନଦୀ ପାଖରେ ରହୁଥିଲେ । ହଠାତ ନଦୀ ବଢ଼ି ଆସିବାରୁ ସେମାନଙ୍କୁ ଏକ ସ୍କୁଲ ଘରକୁ ଆଣି ଥଇଥାନ କରାଯାଉଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଶୁକୁଳି ଓ ତିରିଂ ଅଞ୍ଚଳରେ ବର୍ଷା ଲାଗି ରହିଥିବାର ଖବର ମିଳିଛି । ସେହିପରି ଚଢେଇଭୋଳ ନିକଟରେ ବୈତରଣୀ ନଦୀ ଉଗ୍ର ରୂପ ଧାରଣ କରିବା ସହ ତୁର୍ମୁଙ୍ଗା ଠାରେ ରାସ୍ତା ଉପରେ ୫ ଫୁଟର ପାଣି ଚାଲି ଥିବାରୁ କେନ୍ଦୁଝର ଓ କରଞ୍ଜିଆ ଯଶିପୁର ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଛି । ସେହିପରି ଭୀମକୁଣ୍ଡ ଠାରେ ମଧ୍ୟ ବୈତରଣୀ ନଦୀର ଉଗ୍ର ରୂପ ଦେଖିବାକୁ ମିଳିଛି । ମୟୂରଭଞ୍ଜ ଜିଲ୍ଲାରେ ଆଜି ପାଗରେ କିଞ୍ଚିତ ପରିବର୍ତ୍ତନ ଆସିଛି । ଶୁନଶାନ ପାଗ ମେଘୁଆ ଥିଲେ ମଧ୍ୟ ବର୍ଷା ହେଉନାହିଁ । ଶିମିଳିପାଳ ଅଭୟାରଣ୍ୟ ଭିତରେ ଗତକାଲି ପୂର୍ବାହ୍ନରେ ଅଧିକ ପରିମାଣର ବର୍ଷା ହୋଇଥିବା ବେଳେ ଶିମିଳିପାଳ ଭିତରେ ଥିବା ଗୁଡୁଗୁଡିଆ, ଟିକରପଡା ଆଦି ସ୍ଥାନରେ ରାସ୍ତା ଓ ପୋଲ ଧୋଇ ଯାଇଥିବାର ଜଣା ଯାଇଛି । ତେବେ ରାତିରେ କମ ପରିମାଣର ବର୍ଷା ହୋଇଥିବାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ରେକର୍ଡ କରାଯାଇ ଥିବା ବେଳେ, ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଅଧିକ ବଢ଼ିବାର ଆଶଙ୍କା କରାଯାଉଥିଲେ ମଧ୍ୟ ଜଳସ୍ତର କମ ରହିଛି । ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ସ୍ଥିର ଥିବା ବେଳେ ଏବେ ବନ୍ୟା ପରିସ୍ଥିତି ନଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ସଠିକ କ୍ଷୟ କ୍ଷତିର ଆକଳନ ଚାଲିଥିବା ବେଳେ, ଏବେ ଉଦ୍ଧାର ଓ ରାସ୍ତା ମରାମତି ଓ ବିଦ୍ୟୁତ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ତେବେ ଆଜି କ୍ଷୟକ୍ଷତିର ପ୍ରାଥମିକ ଆକଳନ କରାଯାଇ ରିପର୍ଟ ପ୍ରସ୍ତୁତ କରାଯାଇଥିବା ବେଳେ, ଜିଲ୍ଲାରେ ଜଣଙ୍କର ମୃତ୍ୟୁ ଘଟିଥିବା ସହିତ ମୋଟ ୨୬ଟି ବ୍ଲକ ସହିତ ବାରିପଦା ଓ ରାଇରଙ୍ଗପୁର ମୁନିସିପାଲଟି ଏବଂ କରଂଜିଆ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦରେ ମୋଟ ୫ଟି ପକ୍କା ଘର, ୬ଟି ଆଂଶିକ ପକ୍କା ଘର, ୩୬ ଟି ପାର୍ସିଆଲି ପକ୍କାଘର ଏବଂ ୧୮୦ ଟି ଚାଳଘର , ୨୮ଟି କଚ୍ଚା ଘର, ୭୮ଟି ସେଭାରେଲ କଚ୍ଚା ଘର, ୧୨୬୩ଟି ପାର୍ସିଆଲି କଚ୍ଚା ଘର, ୧୫୯ ଟି ଗୁହାଳ ଭାଙ୍ଗିଥିବା ବେଳେ, ୫ଲକ୍ଷ ରୁ ଉର୍ଦ୍ଧ ଲୋକ ବାତ୍ୟାରେ ପ୍ରଭାବିତ ହୋଇ ଥିବାର ଜଣା ଯାଇଛି । ସେହିପରି ଜିଲ୍ଲାରେ ସର୍ବମୋଟ ଛୋଟ ବଡ ମିଶି ୮୦ଟି ପଶୁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବହୁ ବିଦ୍ୟୁତ ଖୁଣ୍ଟି ମଧ୍ୟ ନଷ୍ଟ ହୋଇଛି । ବହୁ ରବି ଫସଲ ମଧ୍ୟ ନଷ୍ଟ ହୋଇ ଥିବାର ଜଣା ଯାଇଛି ।

# ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲାଙ୍କ ଶେଷକୃତ୍ୟ ସମ୍ପନ୍ନ

ଜୟପୁର,୨୮/୦୫ (ନି.ପ୍ର): ଓଡିଆ ଚଳଚିତ୍ର ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲାଙ୍କ ଶେଷକୃତ୍ୟ ଜନ୍ମମାଟି ଜୟପୁରରେ ହୋଇଛି । ରାତ୍ର ସାଢେ ୨ ଟାରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କ ମର ଶରୀର ଜୟପୁରରେ ପହଂଚିଥିଲା । କୋଭିଡ ନିୟମ ଅନୁଯାଇ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ସେ ଗତ ୨୨ ତାରିଖରେ କରୋନା ସଂକ୍ରମିତ ଚିହ୍ନଟ ହୋଇ ଘରେ ସଙ୍ଗରୋଧରେ ଥିଲେ । ଗୁରୁବାର ସକାଳେ ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତି କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଓଡିଆ ଚଳଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଶୋକ ବ୍ୟକ୍ତ କରିଥିଲେ ।

# ମହିଳା କନଷ୍ଟେବଳଙ୍କୁ ବଳାତ୍କାର ଅଭିଯୋଗ : ଫାଣ୍ଡି ଅଧିକାରୀ ଗିରଫ



ବାଲେଶ୍ୱର,୨୮/୦୫ (ନି.ପ୍ର): ନ୍ୟାୟ ଦେଉଥିବା ପୁଲିସ ଆଜି ନ୍ୟାୟ ଅପେକ୍ଷାରେ । ପୁଲିସ ବର୍ଦ୍ଦିରେ ଲାଗିଛି କଳଙ୍କର ଛିଟା । ସାଧାରଣ ଲୋକଙ୍କୁ ସୁରକ୍ଷା ଦେଉଥିବା ପୁଲିସ ଅଧିକାରୀ ନିଜ ବିଭାଗର ଜନୈକ ମହିଳା କନଷ୍ଟେବଳଙ୍କୁ ବଳାତ୍କାର କରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁସାରେ ଗତ ୨୫ ତାରିଖ ବାତ୍ୟା ଡ୍ୟୁଟି ପାଇଁ ଖନ୍ତାପଡ଼ା ଥାନାର ମହିଳା କନଷ୍ଟେବଳ ଗୋପାଳପୁର ଫାଣ୍ଡି ଆସିଥିଲେ । ସେଠାରେ ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ତାଙ୍କୁ ପ୍ରଥମେ ଅଶ୍ଳୀଳ ଇଙ୍ଗିତ ଦେବା ସହ ଝଡ଼ବାତ୍ୟା ରାତିରେ ଏକାକି ପାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ତେବେ ଏହି ଘଟଣା ସମ୍ପର୍କରେ ମହିଳା କନଷ୍ଟେବଳ କାହାରିକୁ ପ୍ରକାଶ କରି ନପାରି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ତାଙ୍କୁ ଅନ୍ୟ ସହକର୍ମୀମାନେ ଉଦ୍ଧାର କରିବା ସହ ଏହି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ସମସ୍ତଙ୍କ ପରାମର୍ଶ କ୍ରମେ ପୀଡ଼ିତା କନଷ୍ଟେବଳ ପୂର୍ବାଞ୍ଚଳ ପୁଲିସ ମହାନିରୀକ୍ଷକଙ୍କଠାରେ ଅଭିଯୋଗ କରିଥିଲେ । ଆଇଜିଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ପୁଲିସ ଆଲୋଚନାର ଆଳ ଦେଖାଇ ଫାଣ୍ଡି ଅଧିକାରୀ ଶ୍ରୀ ପ୍ରଧାନଙ୍କୁ କୌଶଳ କ୍ରମେ ହେପାଜତକୁ ନେଇଥିଲେ । ବଳାତ୍କାର ଅଭିଯୋଗ ସମ୍ପର୍କରେ ପଚରାଉଚୁରା ପରେ ତାଙ୍କୁ ଗିରଫ କରାଯାଇଥିଲା । ଏନେଇ ଏକ ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତ ଫାଣ୍ଡି ଅଧିକାରୀ ଶ୍ରୀ ପ୍ରଧାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

# ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ନାରଦ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮/୦୫(ନି.ପ୍ର): ନାରଦ ଜଣେ ଏପରି ସମ୍ବାଦିକ ଥିଲେ ଯାହାଙ୍କ କଥାକୁ ସମାଜର ସବୁ ବର୍ଗର ଲୋକମାନେ ଶୁଣୁଥିଲେ କାରଣ ନାରଦ ନିଜର ସାମ୍ବାଦିକ ଧର୍ମର ଚାଲୁଥିଲେ । ଆଜିର ସାମ୍ବାଦିକମାନେ ମଧ୍ୟ ନିଜର ଧର୍ମରେ ଚାଲିବା ଉଚିତ ବୋଲି ବରିଷ୍ଠ ସ୍ତମ୍ଭଲେଖକ,ଚିନ୍ତାନାୟକ ଡଃ.ରତନ ଶାରଦା ନାରଦ ଜୟନ୍ତୀ ଅବସରରେ ପ୍ରକାଶ କରିଛନ୍ତି । ବିଶ୍ୱ ସମ୍ବାଦ କେନ୍ଦ୍ର, ଭୁବନେଶ୍ୱର ତରଫରୁ ବିଶ୍ୱର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ ଜୟନ୍ତୀ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଡ. ରତନ ଶାରଦା କହିଲେ ଯେ, ସମ୍ବାଦ ସଂଗ୍ରହ କରିବା ଓ ବିତରଣ ପାଇଁ ଆଜିର ଇଂଟରନେଟ ଦୁନିଆରେ ଆମର ଜ୍ଞାନଚକ୍ଷୁ ବହୁତ ବଡ । ଆମକୁ ସଦାବେଳେ କୌଣସି ଚାପର ଶିକାର ନହୋଇ ନିର୍ଭିକ ଭାବରେ ସାକାରାତ୍ମକ ସମ୍ବାଦ ପରିବେଷଣ କରିବାକୁ ହେବ । ବିହାରର ପୁନିଆ ଓ ପଶ୍ଚିମବଙ୍ଗ ବିଷୟରେ ସତ୍ୟ ଖବର ପରିବେଷଣ ପାଇଁ ଗଣମାଧ୍ୟମ ଗୁଡିକ ପଛଘୁଂଚା ଦେଉଛନ୍ତି । ପଶ୍ଚିମବଙ୍ଗର ନିର୍ବାଚନ ପରେ ଅତ୍ୟାଚାର, ନରସଂହାର, ଲୁଟପାଟ, ଗୃହଦାହ, ମହିଳାମାନଙ୍କ ଉପରେ ଗଣବଳତ୍କାର ଏବଂ ଗଣସଂହାରର ବିଭତ୍ସ ଲୀଳା ଆଜି ପର୍ଯ୍ୟନ୍ତ ମଧ୍ୟ ନିରବଚ୍ଛିନ୍ନ ଭାବେ ଚାଲୁଥିଲେ ମଧ୍ୟ ଗଣମାଧ୍ୟମରେ ଏ ଖବର ପ୍ରକାଶ ପାଉନାହିଁ । ଇମରେଜେନ୍‌ସି ପରି ବାତାବରଣ ବର୍ତମାନ ନାହିଁ । ତଥାପି କାହିଁକି ସାମ୍ବାଦିକମାନେ ସତ୍ୟ ସମ୍ବାଦ ପରିବେଷଣ କରୁନାହାଁନ୍ତି । ଦଳ,ମତ, ପନ୍ଥ ନିର୍ବିଶେଷରେ ସାମ୍ବାଦିକମାନେ ନିଜର ଧର୍ମ ପାଳନ କରିବା ଉଚିତ । ଯାହା ସତ୍ୟ ତାହା ପ୍ରକାଶ କରନ୍ତୁ । ଦେଶ ବିରୋଧୀ ଖବର ପ୍ରକାଶନରୁ ଦୁରେଇ ରହିବା ଉଚିତ ।ସମ୍ମାନିତ ଅତିଥି ରୂପେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ କହିଲେ ଯେ, ଆଜିର ସାମ୍ବାଦିକମାନେ ସତ୍ୟ ପଥରୁ ଦୁରେଇ ଯିବାକୁ ବାଧ୍ୟ ହେଉଛନ୍ତି । ସେ ଓଡିଶାରେ କରୋନା ରୋଗୀଙ୍କର ମୃତ୍ୟୁର ଉଦାହରଣ ଦେଇ କହିଲେ ଯେ, ସରକାର ଯାହା କହୁଛନ୍ତି ସେହି ଅନୁସାରେ ଖବର ପରିବେଷଣ କରିବାକୁ ହେଉଛି । ନଚେତ ଯଦି ଅନୁସନ୍ଧାନମୂଳକ ତଥ୍ୟ ପ୍ରଦାନ କରାଯାଏ ତେବେ ତାହା ସରକାରଙ୍କ ତଥ୍ୟ ଅନୁସାରେ ମେଳ ଖାଇବ ନାହିଁ ସେଥିପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

## ରାଜ୍ୟରେ ୨୪ ଘଂଟାରେ କରୋନାରେ ୩୩ ଜଣ ମୃତ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୬୫୧ ହୋଇ ଯାଇଛି ।

## କୋବିଡ ନିୟମ ଉଲ୍ଲଂଘନ : ୩୪ ଗିରଫ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୫୯,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବାତ୍ୟା କ୍ଷୟକ୍ଷତି ସର୍ଭେରେ ପାତରଅନ୍ତର ନ ହେଉ: ସିପିଆଇ(ଏମ)



ବାଲେଶ୍ୱର,୨୮/୦୫ (ନି.ପ୍ର): ବାତ୍ୟା କ୍ଷୟକ୍ଷତି ସର୍ଭେରେ ପାତରଅନ୍ତର ହେବା ନେଇ ଆଶଙ୍କା ପ୍ରକଟ କରିଛନ୍ତି ସିପିଏମ, ବାଲେଶ୍ୱର ଶାଖାର କର୍ମକର୍ତ୍ତା । ସ୍ୱଚ୍ଛ ଓ ନିରପେକ୍ଷ ସର୍ଭେ ସାଙ୍ଗକୁ ପ୍ରକୃତ କ୍ଷତିଗ୍ରସ୍ତ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି ।ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିପିଏମ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ନିର୍ମଳ ନାୟକ, ଜିଲା ସମ୍ପାଦକ ଶିଶିର ହୁଇ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ରାଜକିଶୋର ଲେଙ୍କା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ବାତ୍ୟା ୟସ ଯୋଗୁଁ ବାଲେଶ୍ୱର ଜିଲାରେ ହୋଇଥିବା କ୍ଷୟକ୍ଷତି, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିର ସର୍ଭେରେ ପୂର୍ବରୁ ହୋିଥିବା ତଞ୍ଚକତା ତଥା ପାତରଅନ୍ତର ଧାରା ସମ୍ପର୍କରେ ସୂଚନା ଦେଇଥିଲେ । ଜିଲାର ବ୍ୟାପକ କ୍ଷତି ହୋଇଥିବା ବେଳେ ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ କ୍ଷତିପୂରଣ ବା ସରକାରୀ ସହାୟତା ମିଳିବ କି ନାହିଁ, ତାହାକୁ ନେଇ ସିପିଏମ ନେତାମାନେ ସନ୍ଦେହ ପ୍ରକାଶ କରିଛନ୍ତି । ସାମ୍ପ୍ରତିକ ସରକାର ପ୍ରଶାସନ କଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବା ବେଳେ ଏଠି ଲୋକ ପ୍ରତିନିଧି ବା ରାଜନେତାଙ୍କୁ ଗୁରୁତ୍ୱ ଦିଆଯାଉ ନାହିଁ । ଅତଏବେ ପୂର୍ବଭଳି ଶାସକ ଦଳର ନେତା ଓ ଛାମୁଆ କର୍ମୀଙ୍କ ପ୍ରରୋଚନାରେ ବିଭାଗୀୟ ଅଧିକାରୀ ତଥା କର୍ମଚାରୀମାନେ ଦଳୀୟ ଭିତ୍ତିରେ କ୍ଷୟକ୍ଷତି ସର୍ଭେ କରିପାରନ୍ତି ବୋଲି ସେମାନେ କହିଛନ୍ତି । ସର୍ଭେ କାର୍ଯ୍ୟରେ କେବଳ ଶାସକ ଦଳ ନୁହେଁ ପ୍ରତ୍ୟେକ ରାଜନୈତିକ ଦଳର ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କୁ ସାମିଲ ପାଇଁ ସେମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ ସାମ୍ପ୍ରତିକ ବଜାର ମୂଲ୍ୟକୁ ଦୃଷ୍ଟିରେ ରଖି ପୂର୍ବ ପ୍ରଚଳିତ ରିଲିଫ କୋଡର ସଂଶୋଧନ ସହ କ୍ଷତିପୂରଣର ମାତ୍ରା ବୃଦ୍ଧି ପାଇଁ ସେମାନେ ମତ ଦେଇଛନ୍ତି ।ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ବାତ୍ୟା ପ୍ରଭାବିତ ଲୋକଙ୍କୁ ୭ଦିନର ମାଗଣା ରନ୍ଧାଖାଦ୍ୟ ସହ ଏକମାସର ଆବଶ୍ୟକତା ଅନୁଯାୟୀ ରାସନ କିଟ ପ୍ରଦାନ ପାଇଁ ଦଳ ପକ୍ଷରୁ ଦାବି ହୋଇଛି । ଏହା ବ୍ୟତୀତ ଜୀବିକା ହରାଇ ଅସ୍ଥାୟୀ ବାତ୍ୟାଶ୍ରୟ ସ୍ଥଳରେ ଆଶ୍ରୟ ନେଇଥିବା ପ୍ରତ୍ୟେକ ପରିବାରଙ୍କୁ ୭,୫୦୦ ଟଙ୍କା ପ୍ରଦାନ କରିବା, ମନରେଗା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଓ ଏଥିରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଦୈନିକ ୬ଶହ ଟଙ୍କାର ମଜୁରୀ ପ୍ରଦାନ ପାଇଁ ସିପିଏମ ନେତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ।

# ପୂର୍ତ୍ତ ବିଭାଗ ପକ୍ଷରୁ ବାତ୍ୟା ୟାସ୍ ପ୍ରଭାବିତ ସମସ୍ତ ୫ଟି ଜିଲ୍ଲାରେ ରାସ୍ତା ମରାମତି ସଂପୂର୍ଣ୍ଣ

ଭୁବନେଶ୍ୱର,୨୮/୦୫ (ନି.ପ୍ର): ପୂର୍ତ୍ତ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି ସହ ବାତ୍ୟା 'ୟାସ୍' ପ୍ରଭାବିତ ସମସ୍ତ ୫ଟି ଜିଲ୍ଲାରେ ରାସ୍ତାଘାଟର ମରାମତି ସଂପୂର୍ଣ୍ଣ ହୋଇଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବାତ୍ୟା 'ୟାସ୍ ?'ରେ ସର୍ବାଧିକ ପ୍ରଭାବିତ ବାଲେଶ୍ୱର ଜିଲ୍ଲାରେ ବିଭାଗ ଅଧୀନରେ ଥିବା ମୋଟ ୭୦ଟି ରାସ୍ତା ମଧ୍ୟରୁ ୫୩ଟି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା, ଯାହାକୁ କି ତ୍ୱରିତ ପଦକ୍ଷେପ ନିଆଯାଇ ୨୪ ଘଂଟା ମଧ୍ୟରେ ସମସ୍ତ ରାସ୍ତାକୁ ଗାଡ଼ି ଚଳାଚଳ ଉପଯୋଗୀ କରାଯାଇଥିଲା । ସେହିପରି ଭଦ୍ରକ ଜିଲ୍ଲାର ମୋଟ ୮୦ଟି ରାସ୍ତା ମଧ୍ୟରୁ ୩୬ଟି, କେନ୍ଦ୍ରାପଡ଼ା ଜିଲ୍ଲାର ୯୮ଟି ରାସ୍ତା ମଧ୍ୟରୁ ୪୯ଟି, ଜଗତସିଂହପୁର ଜିଲ୍ଲାର ମୋଟ ୪୫ଟି ରାସ୍ତା ମଧ୍ୟରୁ ୨୫ଟି ଏବଂ ମୟୂରଭଞ୍ଜ ଜିଲ୍ଲାର ମୋଟ ୩୪ଟି ରାସ୍ତାରୁ ୩୦ଟି ରାସ୍ତା ବାତ୍ୟା 'ୟାସ୍' ପ୍ରଭାବରେ କ୍ଷତିଗ୍ରସ୍ତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଅନେକ ସ୍ଥାନରେ ବଡ଼ ବଡ଼ ଗଛ ପଡ଼ିବା ସହ ରାସ୍ତା ଅବରୋଧ ହେବା ସହ କିଛି ସ୍ଥାନରେ ରାସ୍ତା କଟି ଯୋଗାଯୋଗ ବ୍ୟାହତ ହୋଇଥିଲା । ବିଭାଗ ପକ୍ଷରୁ ଏହିସବୁ ରାସ୍ତା ପାଇଁ ମୋଟ ୧୯୨ଟି ତ୍ୱରିତ ପ୍ରତିକ୍ରିୟା ଦଳ ଜରିଆରେ ଜେସିବି, ଇଲେକ୍‌ଟ୍ରିକ୍ କଟର ଆଦି ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ବାଧାପ୍ରାପ୍ତ ହୋଇଥିବା ସମସ୍ତ ରାସ୍ତାକୁ ସଫା ଓ ମରାମତି କରାଯାଇ ଯୋଗାଯୋଗକୁ ସ୍ୱାଭାବିକ କରାଯାଇ ପାରିଛି । ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ରାସ୍ତା ସଫା ହେବା ଫଳରେ ଗମନାଗମନରେ ସୁବିଧା ହେବା ସହ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଯଥେଷ୍ଟ ସହଜ ହୋଇପାରିଛି ।

# ବାଲେଶ୍ୱରରେ ଜୋର ଧରିଛି ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ



ବାଲେଶ୍ୱର,୨୮/୦୫ (ନି.ପ୍ର): ବାତ୍ୟା ପରବର୍ତ୍ତୀ ବାଲେଶ୍ୱରରେ ପୁନରୁଦ୍ଧାର କାର୍ଯ୍ୟ ବେଶ ତ୍ୱରାନ୍ୱିତ ହୋଇଥିବା ଲକ୍ଷ୍ୟ କରାଯାଇଛି । ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ସର୍ଭେ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ବିଭିନ୍ନ ରାଜନୈତିକ ଦଳଙ୍କ ପକ୍ଷରୁ ଚାଲିଛି ରିଲିଫ ପ୍ରଦାନ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏବଂ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ ଏବେ ବାଲେଶ୍ୱରରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି । ଏକାଧିକ ସ୍ଥାନରେ ବାତ୍ୟା ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ସହରର ମଛୁଆ ସାହି, ଖ୍ୱାଜାବାଗ, ବାଲୁବଜାର ପ୍ରଭୃତି ଅଞ୍ଚଳର ବାତ୍ୟା ବିପନ୍ନଙ୍କୁ ପଲିଥିନ ବଣ୍ଟନ କରିଥିଲେ । ଏଥିରେ ଜିଲା ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନା, ନାରୀ ନେତ୍ରୀ ସୁବାସିନୀ ଜେନା, ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ସମେତ ବିଜେଡିର ବହୁ ନେତା ଉପସ୍ଥିତ ରହି ଲିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ସେହିପରି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ମଧ୍ୟ ବାଲେଶ୍ୱରରେ ରିଲିଫ ଓ ପୁରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସଦର ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ରିଲିଫ ପ୍ରଦାନ ଓ ପୁନୁରୁଦ୍ଧାର କାର୍ଯ୍ୟ ଜୋର ଧରିଥିବା ଦେଖିବାକୁ ମିଳିଛି ।

# କମିଲା ବୈତରଣୀର ଜଳସ୍ତର, ଲୋକେ ଆଶ୍ୱସ୍ତ



ଭଦ୍ରକ,୨୮/୦୫ (ନି.ପ୍ର): ବାତ୍ୟା ଜନିତ ବୈତରଣୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀରେ ଆସିଥିବା ବନ୍ୟା ନିୟନ୍ତ୍ରଣାଧୀନ ରହିଛି । ନଦୀର ଜଳସ୍ତରରେ ଲଗାତର ହ୍ରାସ ଘଟୁଥିବାର ବନ୍ୟା ଆଶଙ୍କା ଟଳିଯାଇଛି । ଯାହା ନେଇ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି । ତେବେ ନଦୀର ଜଳ ପତନ ବିଳମ୍ବିତ ରାତିରେ ଆଖୁଆପଦା ଠାରେ ବିପଦ ସଂକେତର ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହୋଇଥିବାରୁ ବିଭିନ୍ନ ମାହାରା, ଘାଇ ଦ୍ୱାରା ନଦୀର ଜଳ ବାହାରି ଯାଇ ଶହଶହ ହେକ୍ଟର ଚାଷ ଜମି ବୁଡି ରହିଛି । କିଛି ଖାଲୁଆ ଅଞ୍ଚଳର ଘର ମଧ୍ୟ ପାଣି ଘେରରେ ରହିଛି । ସେହିଭଳି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ୭ଜଣ ଲୋକ ପାଣି ଘେରରେ ରହିଥିବା ଖବର ପାଇ ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରିଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦ ସଂକେତ ୧୭.୮୩ ମିଟର ଥିବା ବେଳେ ଆଜି ସନ୍ଧ୍ୟା ୫ଟା ବେଳେ ଜଳପତନ ୧୮. ୦୮ ମିଟର ରହିଛି । ଉପଜିଲ୍ଲପାଳ ପୀତାମ୍ବର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାମନଗର ବ୍ଲକ ଓ ଭଦ୍ରକ ତହସିଲଦାରଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପରିଚାଳନା କରାଯାଉଛି । ଆଜି ଜିଲ୍ଲାପାଳ ଡ. ଜ୍ଞାନ ଦାସ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ଭଣ୍ଡାରିପୋଖରୀ ବ୍ଲକର ମାଳଦା, ଷୋଳମପୁର ଆଦି ଗ୍ରାମ ବୁଲି ଦେଖିଥିଲେ । ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ସରକାରୀ ଅଧିକାରୀଙ୍କ ସହିତ ବନ୍ୟା ସମ୍ପର୍କିତ ଆଲୋଚନା କରିଥିଲେ ।

# ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ରଙ୍କ ଆଶୁ ଆରୋଗ୍ୟ କାମନା

କେନ୍ଦ୍ରାପଡ଼ା,୨୮/୦୫ (ନି.ପ୍ର): ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର କରୋନା ସଂକ୍ରମିତ ହୋଇଥିବାରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରି କୁଦାନଗରୀ ମହାପୁରୁଷଙ୍କ ନିକଟରେ ପ୍ରାର୍ଥନା କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ମଧୁଶାସନ ପଂଚାୟତର ଶୁଭ୍ରାନ୍ତ ମହାନ୍ତି, ସତ୍ୟାନନ୍ଦ ନାୟକ, ଅରୁନ୍ଧତୀ ରାଉତ, ବିଶ୍ୱନାଥ ସାହୁ, ହୃଷିକେଶ ତ୍ରିପାଠୀ, ସଞ୍ଜିବ ଦାସ, ଅମିତ ଦାସ, ସେଖ ନୌସଦ ଅହମ୍ମଦ, କୈଳାସ ଜେନା, କାର୍ତିକ ସେଣ, ହୃଷିକେଶ ଶତପଥୀ, ପ୍ରମୋଦ ରାଉତ, ବୀରବର ବାରିକ, ରାଜନାରାୟଣ ମହାନ୍ତି, ହରିହର ସାହୁ ଓ ବାସୁଦେବ ଦାସ ପ୍ରମୁଖ ଶ୍ରୀ ମହାପାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରି କରୋନା ମୁକ୍ତ ନିମନ୍ତେ କୁଦାନଗରୀ ମହାପୁରୁଷଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ପୁରୀ ଜିଲ୍ଲାରେ ନୂଆ ୧୧୦ କରୋନା ପଜିଟିଭ୍ ଚିହ୍ନଟ

ପୁର,୨୮/୦୫ (ନି.ପ୍ର): ପୁରୀ ଜିଲ୍ଲାରେ ଆଜି ନୂଆ ୧୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୪ ଜଣ, ବ୍ରହ୍ମଗିରିରୁ ୬ ଜଣ, ଡ଼େଲାଙ୍ଗ ବ୍ଲକରୁ ୩, ଗୋପ ବ୍ଲକରୁ ୧୧, କାକଟପୁର ବ୍ଲକରୁ ୬ ଜଣ ଏବଂ କଣାସ ବ୍ଲକରୁ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କୃଷ୍ଣପ୍ରସାଦ ବ୍ଲକରୁ ୬ ଜଣ, ନିମାପଡ଼ା ବ୍ଲକରୁ ୩ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୨ ଜଣ, ପିପିଲି ବ୍ଲକରୁ ୭ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ଜଣେ, ପୁରୀ ସଦର ବ୍ଲକରୁ ୭ ଜଣ ଏବଂ ପୁରୀ ପୌରାଚଂଳରୁ ସର୍ବାଧିକ ୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୩ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଗତକାଲି ୩୫୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଫେରିଥିବା ଜଣାପଡିଛି ।

## ରାଜଧାନୀରେ ୨୪ ଘଂଟାରେ ୭୪୭ ପଜିଟିଭ୍

ଭୁବନେଶ୍ୱର,୨୮/୦୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଆଉ ୭୪୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୨୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୬୨୬ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୯୯୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୩୩ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଶୈଳଶ୍ରୀବିହାରରୁ ୩୨ ଜଣ, ଡୁମଡୁମାରୁ ୩୦ ଜଣ, ଖଣ୍ଡଗିରି ରୁ ୨୮ଜଣ, ନୟାପଲ୍ଲୀରୁ ୨୭ ଜଣ, ଓଲ୍ଡ ଟାଉନ୍ ରୁ ୨୪ ଜଣ, ଝାରପଡା ଜେଲ୍ ରୁ ୨୦ ଜଣ , ୟୁନିଟ୍ ୬ରୁ ୧୯ ଜଣ, ବରମୁଣ୍ଡାରୁ ୧୮ ଜଣ, ପାତ୍ରପଡା, ଝାରପଡା ଓ ଚନ୍ଦ୍ରଶେଖରପୁରରୁ ୧୬ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି ଲକ୍ଷ୍ମୀସାଗରରୁ ୭ଜଣ, ରସୁଲଗଡ ଓ ଓଲ୍ଡଟାଉନ୍ ରୁ ୬ ଜଣ ଲେଖାଏଁ, ନୟାପଲ୍ଲୀ, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର ଓ ଆଇଆରସି ଭିଲେଜ୍ ରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୩୧୦୧ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୬୦୯୦୩ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୧୮୪୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୩୧ ରହିଛି ।

# ସୁବର୍ଣ୍ଣରେଖାରେ ବିପଦ ସଂକେତରେ ବନ୍ୟାପାଣି



ଜଳେଶ୍ୱର,୨୮/୫ (ନି.ପ୍ର) : ବାଲେଶ୍ୱର ଜିଲାରେ ଜଳେଶ୍ୱର ଅଂଚଳ ଦେଇ ପ୍ରବାହିତ ହୋଇଥିବା ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ଉପୁଜିଛି । ୟାସ ବାତ୍ୟା ପ୍ରଭାବରେ ନଦୀର ଉପର ମୁଣ୍ଡରେ ବର୍ଷା ହୋଇଥିବାରୁ ବନ୍ୟା ଆସିବା ଆଶଙ୍କା ଦେଖା ଦେଇଛି । ଫଳରେ ପ୍ରଶାସନ ପକ୍ଷରୁ ତଳିଆ ଅଂଚଳରୁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ମାଇକ୍ ଯୋଗେ ପ୍ରଚାର କରାଯାଇଛି । ଗତକାଲି ୪ଟାରେ ଗାରୁଡିବଂଧରୁ ୯ ମିଟର (୯ଲକ୍ଷ୩୨ ହଜାର) କ୍ୟୁସେକ୍ ପାଣି ନଦୀକୁ ଛଡା ଯାଇଥିବା ଜଣାଯାଇଛି । ଏହି ପାଣି ରାଜଘାଟଠାରେ ଆଜି ରାତ୍ରୀ ୯ଟା ପରେ ପହଞ୍ଚିବାର ସମ୍ଭାବନା ରହିଛି । ଏହି ପାଣି ସ୍ତର ୧୦ ମିଟର ଉପରେ ପ୍ରବାହିତ ହେବ ବୋଲି ଇରିଗେସନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସେଠାରେ ବିପଦ ସଂକେତ ୧୦.୩୬ ମିଟର ଥିବା ବେଳେ ଖବର ଲେଖା ହେବା ବେଳକୁ ତାହା ୭.୬୨ ମିଟରରେ ପ୍ରବାହିତ ହେଉଥିବା ଜଣାଯାଇଛି । ସମୁଦ୍ରରେ ଜୁଆର ରହିଥିବା ଓ ୟାସ ଫଳରେ ତଳିଆ ଅଂଚଳରେ ଆସିଥିବା ଲୁଣାପାଣି ନିଷ୍କାସନ ହୋଇ ନଥିବାରୁ ବନ୍ୟା ଆଶଙ୍କା ଦେଖା ଦେଇଛି ।ଫଳରେ ତଳିଆ ଅଂଚଳରେ ରହୁଥିବା ଲୋକମାନେ ଭୟଭିତ ଅବସ୍ଥାରେ ରହିଛନ୍ତି ।

# ୟାସ୍ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଲାଗି ସିପିଏମ୍(ଆଇ) ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର,୨୮/୫ (ନି.ପ୍ର) : ୟାସର ପ୍ରଭାବରେ ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ବ୍ଲକ ଅଂଚଳରେ ଅହେତୁକ କ୍ଷତି ହୋଇଛି । କରୋନାରା ୨ୟ ଲହର ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ୟାସ୍ ବାତ୍ୟା ବୋଝ ଉପରେ ଲଳିତାବିଡା ହୋଇଛି । ପରିବା ଚାଷ ଏକ ପ୍ରକାର ଉଜୁଡି ଯାଇଥିବା ବେଳେ ବହୁ ଘର କ୍ଷତିଗ୍ରସ୍ତ ହୋଇଛି । ଆଗକୁ ବର୍ଷାଦିନ ଆସିବାକୁ ଥିବାରୁ ଅବିଳମ୍ବେ କ୍ଷୟକ୍ଷତି ଆକଳନ କରି ଘରଭାଂଗି ଟଙ୍କା ପ୍ରଦାନ, ତୁରନ୍ତ ପଲିଥିନ ଯୋଗାଣ, ଆଶ୍ରୟ ସ୍ଥଳିରେ ଲୋକଙ୍କୁ ରେସନ୍ କିଟ ସହିତ ୭୫୦୦ଟଙ୍କା ପ୍ରଦାନ ଓ ୧୫ ଦିନର ରିଲିଫ ଯୋଗାଣ, ଘରକୁ ଘର ବୁଲି କରୋନା ଟେଷ୍ଟ କରାଯିବା, ଏନ୍‌ଆର୍‌ଜିଏସ୍‌ରେ ୬୦୦ ଟଙ୍କା ମଜୁରୀ ସହ କାମ ଯୋଗାଇ ଦେବା, ସମସ୍ତ ଚାଷୀଙ୍କୁ ଟୋକନ୍ ପ୍ରଦାନ କରି ସରକାରୀ ମୂଲ୍ୟରେ ଧାନ କ୍ରୟ କରିବାକୁ ଆଜିର ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ସିପିଏମ୍(ଆଇ) ଜଳେଶ୍ୱର ଶାଖାର ଏକ ଟିମ୍ ମ୍ୟୁନିସିପାଲଟି ସମେତ ସୁଗୋ, ନାମ୍ପୋ, ସମ୍ପଡିଆ, ବାଇଗଣବାଡିଆ, ଝାଡପିମ୍ପଳ, ପଶ୍ଚିମବାର୍ଡ଼, ଗୋପୀମୋହନପୁର, ଆରୁହା, ଗୋବରଘଟ୍ଟା ପ୍ରଭୃତି ପଂଚାୟତ ଗସ୍ତ କରି କ୍ଷୟକ୍ଷତି ଆକଳନ କରିଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ଶିଶିର ହୁଇ, ଦିଲ୍ଲୀପ ପରିଡା, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ଜୀବନ ପରିଡା, ସେକ୍ ଅବଦୁଲ ସାଦ୍ଦିକ, ରବିନ୍ଦ୍ର ବାରିକ, ଲକ୍ଷ୍ମୀଧର ପଲାଇ, ସେକ୍ ରହିମ୍ ପ୍ରମୁଖ ଉପସ୍ଥିତ ରହି ବାତ୍ୟାରେ ସହଯୋଗ କରିଥିବା କର୍ମଚାରୀ, ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଓ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ଗଞ୍ଜାମ ଜିଲ୍ଲାରେ ନୂଆ ୧୫୦ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୨୮/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୧୫୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଗତକାଲି ଜିଲ୍ଲାରେ ୩୬୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସେହିପରି କରୋନାର ଦ୍ୱିତୀୟ ଲହରରେ ମୃତ୍ୟୁ ସଂଖ୍ୟା ୨୭ ରହିଛି । ଜିଲ୍ଲାରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୭୫ ରହିଛି ।

# ଚିହ୍ନଟ ହେଲେ ଆଉ ୨୪୬ ନୂଆ କରୋନା ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ,୨୮/୦୫ (ନି.ପ୍ର): ଜିଲ୍ଲାରୁ ଆଉ ୨୪୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହି ସମୟ ମଧ୍ୟରେ ୩୪୯ଜଣ ସୁସ୍ଥ ହେବା ଯୋଗୁ ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩ହଜାରରୁ ତଳକୁ ଖସିଛି । ଏ ପର୍ଯ୍ୟନ୍ତ ଜିଲ୍ଲାରୁ ମୋଟ ୩ଲକ୍ଷ ୯୦ ହଜାର ୯୪୭ଜଣଙ୍କ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୧୫ ହଜାର ୮୨୦ଜଣ । ମୋଟ ସୁସ୍ଥ ହୋଇଛନ୍ତି ୧୨ ହଜାର ୯୫୧ ଜଣ ଏବଂ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୮୩୬ । ମୃତକଙ୍କ ସଂଖ୍ୟା ହୋଇଛି ୩୩ । ଚିହ୍ନଟ ନୂତନ ଆକ୍ରାନ୍ତମାନେ ହେଲେ ଭଦ୍ରକ ପୌରପାଳିକାର କୁଆଁସ, ଡଗରାସାହି, ଅପର୍ତ୍ତିବିନ୍ଧା, ସରାଳିପୁର, ଜଗନ୍ନାଥପୁର, ମୁଲ୍ଲାସାହି, ନୂଆପୋଖରୀ, କଦମବେଢା, ଜାନୁଗଞ୍ଜ, ଚରମ୍ପା, ବାଇପାସ୍, ଗବସାହି ଏବଂ ସନ୍ଥିଆରୁ ମୋଟ ୨୬ଜଣ, ବନ୍ତ ବ୍ଲକର ମଙ୍ଗୁଳି, ଗଣିଜାଙ୍ଗ, ପୁରୁଷଣ୍ଡ, ଓଡଙ୍ଗ, ତୋଡଙ୍ଗା ଗ୍ରାମରୁ ୭ଜଣ, ବାସୁଦେବପୁର ପୌରପାଳିକାର ୨୦ ନଂ ୱାର୍ଡ, ୨୫ ନଂ ୱାର୍ଡରୁ ମୋଟ ୩ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଚାନ୍ଦବାଲି ବ୍ଲକର ଓସ୍ତିଆ, ବାଂଶଡା, ବେଗୁନିଆ, ଜାଗୁଳା, ଧାମରା, ଖେରଙ୍ଗ, ବାଲିକୁରାଡି, କରଞ୍ଜମାଳ, ତେନ୍ତୁଲିଡିହି, ନାଳଗୁଣ୍ଡା, ଉତୁକୁଡା, ବେଗୁନିଆ, ନଳଗୋହିରା, ମତୋ ଗ୍ରାମରୁ ୨୭ଜଣ, ତିହିଡ଼ି ବ୍ଲକର ମଙ୍ଗରାଜପୁର, ନନ୍ଦୋର, କୋହ୍ଲ, ବୁଧୁପୁର, ତାଳପଦା, ସିନ୍ଦୋଳ, ସାହାପୁର, ପାଳିଆବିନ୍ଧା, ମହରମପୁର, କୁବେରା, ଗୁଆମାଳ, ବିଲଣା, ଗୋବିନ୍ଦପୁର, ଦୌଲତପୁର, ବାରୋ ଗ୍ରାମରୁ ୨୯ଜଣ, ବାସୁଦେବପୁର ବ୍ଲକର କାନ୍ଥିସାହି, ବାରାପୁର, ଗୋବିନ୍ଦପୁର, ବରଣ୍ଡୁଆ, ବେତଡା, କମାରଗାଁ, ବଚ୍ଛଦା, ଶ୍ରୀବତ୍ସପୁର, ମାଖଲପୁର, ନୂଆଗାଁ, ପଦୁଆଁ, ରାଜଘରପୋଖରୀ, ଜଗନ୍ନାଥପ୍ରସାଦ ଆଦି ଗ୍ରାମରୁ ମୋଟ ୨୧ଜଣ, ଭଦ୍ରକ ବ୍ଲକର ସାମରାଇପୁର, ନଳାଙ୍ଗ, କଲେଇ, କୋଡବରୁଆଁ, ଚରମ୍ପା, ପାଞ୍ଚପଡା, ବଣିଆ, ବାଣିତିଆ, ଭବାନିପୁରବିନ୍ଧା, ବେତଡା, ଏରେଇଁ, ଜଳଙ୍ଗା, ଜଗଦଳପୁର, କୋରକୋରା, ପରିସିଂଗା, ରମ୍ଭିଳା, ରାହାଞ୍ଜ, ସାବରଙ୍ଗ ଗ୍ରାମରୁ ମୋଟ ୩୬ଜଣ ଚିହ୍ନଟ ହୋଇଛନ୍ତି । ସେମିତି ଧାମନଗର ବ୍ଲକର ଅର୍ଜୁନପୁର, ଦଳାଙ୍ଗ, ଧୁଷୁରୀ, ଫତେପୁର, ଗଡିଆଳି, ଗୋବର୍ଦ୍ଧନପୁର, କୋଠାର, ନଦୀଗାଁ, ରଇପୁର ଗ୍ରାମରୁ ୪୧ଜଣ, ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ, କୋଟଶିରା, ସାନଶାସନ ଗ୍ରାମରୁ ୨୪ଜଣ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନ୍ୟ ଜିଲ୍ଲାର ୫ଜଣ ଭଦ୍ରକ ଜିଲ୍ଲାରେ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୨୭ଜଣ ଜିଲ୍ଲା ବାହାର ବିଭିନ୍ନ ହସ୍‌ପିଟାଲରେ ଚିହ୍ନଟ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo